R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୧
ତିଥି : ଦ୍ୱିତୀୟା
୦୩ ଫେବୃଆରୀ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 121
03 February 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଓଡ଼ିଶାରେ ରାଷ୍ଟ୍ରପତି



ଭୁବନେଶ୍ୱର, ୨।୨ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶାଗସ୍ତରେ ଆସି ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ଲୋକଭବନରେ ଆଜି ସେ ରାତ୍ରୀ ଯାପନ କରିବେ ।

ରାଷ୍ଟ୍ରପତିଙ୍କର ଗସ୍ତକ୍ରମର ସୂଚନା ଅନୁଯାୟୀ (୯ ପୃଷ୍ଠାରେ)

## ନବ ଗଠିତ ଏନ୍‌ଏସି, ପୌରପାଳିକା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨।୨ (ସବ୍ୟୁ) : ରାଜ୍ୟରେ ନବଗଠିତ ନୂଆ ଏନ୍‌ଏସି, ପୌରପାଳିକା ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ସୀମା ପୁନର୍ନିର୍ଦ୍ଧାରଣ ସହ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । ଏହାଛଡା ପୁରୀ ମହାନଗରନିଗମ ଓ ସମ୍ବଲପୁର ମହାନଗରନିଗମର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ଚିଠି ଲେଖାଯାଇଛି । ୱାର୍ଡ ଏବଂ ସଂରକ୍ଷଣକୁ ଚୂଡାନ୍ତ କରିବାକୁ କୁହାଯାଇଛି ।

ସୂଚନାଯୋଗ୍ୟ ରାଜ୍ୟ ସରକାର ୨୮ଟି ନୂଆ ଏନ୍‌ଏସି ଓ ୭ ମ୍ୟୁନିସ୍‌ପାଲଟି ଗଠନ କରିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ମାର୍ଚ୍ଚ ସୁଦ୍ଧା ସମସ୍ତ ପ୍ରକ୍ରିୟା ସରିବ । ଫେବୃଆରୀ ୧୨ରୁ ୨୧ ଯାଏ ପୌରାଞ୍ଚଳ ସୀମା ପୁନର୍ନିର୍ଦ୍ଧାରଣ ଏବଂ ସଂରକ୍ଷଣ ବାବଦରେ ପ୍ରସ୍ତାବ ଏବଂ ଅଭିଯୋଗ ମଗାଯିବ । ଫେବୃଆରୀ ୨୬ରେ ସୀମା ପୁନର୍ନିର୍ଦ୍ଧାରଣ ଏବଂ ସଂରକ୍ଷଣ ବାବଦରେ ବିଜ୍ଞପ୍ତି ପ୍ରକାଶ ପାଇବ । ୨୬ରୁ ମାର୍ଚ୍ଚ ୧୩ ଯାଏ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ଯାହାର ଯେଉଁ ଆପତ୍ତି ବା ଅଭିଯୋଗ ଥିବ ତାହା ଦାଖଲ ହୋଇପାରିବ । ସମସ୍ତ ଦାଖଲ ଅଭିଯୋଗର ମାର୍ଚ୍ଚ ୧୬ ରୁ ୨୮ ଯାଏ ଶୁଣାଣି କରାଯିବ । ଜିଲ୍ଲାପାଳଙ୍କ ପକ୍ଷରୁ ମାର୍ଚ୍ଚ ୩୧ରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ନୂଆ ୨୮ ଏନ୍‌ଏସି ଓ ୭ ପୌରପାଳିକା ଘୋଷଣା ହୋଇଥିବାରୁ ୧୮ (୯ ପୃଷ୍ଠାରେ)




## ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦,୯୨୮ କୋଟି

ଭୁବନେଶ୍ୱର,୨।୨,(ସବ୍ୟୁ) : ୨୦୨୬-୨୭ ରେଳ ବଜେଟରେ ଓଡ଼ିଶା ପାଇଁ ୧୦,୯୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗତବର୍ଷ ବଜେଟରେ ୧୦,୯୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ଏବର୍ଷ ଅଧିକ ଅନୁଦାନ ପ୍ରଦାନ କରାଯାଇଛି । ଓଡ଼ିଶାର ରେଳ ଭିତ୍ତିଭୂମିର ଐତିହାସିକ ପ୍ରୋତ୍ସାହନ ରାଶି ଯାହା ପୂର୍ବ ଭାରତରେ ରେଳ ପରିଚାଳିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ, ୨୦୦୯-୨୦୧୪ ଅବଧିରେ ଓଡ଼ିଶାକୁ ବାର୍ଷିକ ୮୩୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ୨୦୨୬-୨୭ରେ ଅନୁଦାନ ରାଶି ୧୩ ଗୁଣ (୯ ପୃଷ୍ଠାରେ)




### ସମୃଦ୍ଧ ଓଡ଼ିଶା ସଂକଳ୍ପ ସୁଦୃଢ଼ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୨ (ସବ୍ୟୁ) : ଓଡ଼ିଶା ରେଳ ଭିତ୍ତିଭୂମିର କାୟାକଳ୍ପ ପାଇଁ ଚଳିତ ବଜେଟରେ ୧୦,୯୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀ ତରଫରୁ ଧନ୍ୟବାଦ ଦେଇଛନ୍ତି ।


ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଏହି (୯ ପୃଷ୍ଠାରେ)





## ଇତିହାସ ରଚିଲେ ଦଲାଇ ଲାମା

ଚଳିତ ବର୍ଷର ଗ୍ରାମୀ ଆୱାର୍ଡସ୍ ବେଶ୍ ସ୍ୱତନ୍ତ୍ର ଥିଲା, କାରଣ ଏଠାରେ କେବଳ ପପ୍ ଏବଂ ରାପ୍ ନୁହେଁ ବରଂ ଆଧ୍ୟାତ୍ମିକତାର ଝଲକ ମଧ ଦେଖିବାକୁ ମିଳିଥିଲା । ୯୦ ବର୍ଷ ବୟସରେ ତିବ୍ଦତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇ ଲାମା 'ବେଷ୍ଟ ଅଡିଓ ବୁକ୍, ନରେସନ୍ ଏବଂ ଷ୍ଟୋରିଟେଲିଂ' କ୍ୟାଟେଗୋରିରେ ନିଜର ପ୍ରଥମ ଗ୍ରାମୀ ଜିତିଛନ୍ତି । ତାଙ୍କୁ ଏହି ପୁରସ୍କାର ତାଙ୍କ ଆଲବମ୍ 'ମେଡିଟେସନ୍: ଦ ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦ ଦଲାଇ ଲାମା' ପାଇଁ ପ୍ରଦାନ କରାଯାଇଛି । ଯାହା ଚଳିତ ଗ୍ରାମୀର ସବୁଠାରୁ ଚର୍ଚ୍ଚିତ ବିଷୟ ପାଲଟିଛି ।



# ଗ୍ରାମୀ ପୁରସ୍କାର

**ଲସ୍ ଆଞ୍ଜେଲସରେ ଆୟୋଜିତ ହୋଇଯାଇଛି ୬୮ ତମ ଗ୍ରାମୀ ଆୱାର୍ଡସ୍ । ଚଳିତ ଗ୍ରାମୀ ଆୱାର୍ଡସ ପୂର୍ବ ଅପେକ୍ଷା ଥିଲା ଟିକେ ଭିନ୍ନ । ଚଳିତଥର ପ୍ରଥମଥର ପାଇଁ ଜଣେ ଧର୍ମଗୁରୁଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି । ପ୍ରଥମଥର ପାଇଁ ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଧର୍ମଗୁରୁ ଦଲାଇଲାମା ଗ୍ରାମୀ ଜିତି ଇତିହାସ ରଚିଛନ୍ତି ।**

### ଅନ୍ୟାନ୍ୟ କଳାକାରଙ୍କ ପ୍ରଦର୍ଶନ

ଅନ୍ୟମାନଙ୍କ ଭିତରେ ଲେଡି ଗାଗା, ପ୍ରସିଦ୍ଧ ପ୍ରଯୋଜକ ସର୍କଟ ଏବଂ ଜ୍ୟାକ୍ ଆଣ୍ଟୋନୋଫ୍‌ଙ୍କୁ ୭-୭ଟି ନୋମିନେସନ୍ ମିଳିଥିଲା । ଏହା ପଛକୁ ବ୍ୟାଡ୍ ବନି, ଲିଓନ୍ ଥୋମାସ୍ ଏବଂ ସବ୍ରିନା କାର୍ପେଣ୍ଟର ୬-୬ଟି ନୋମିନେସନ୍ ହାସଲ କରିଥିଲେ । ଟ୍ରେଭର ନୋଆ ଏହି ଭବ୍ୟ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିବାବେଳେ ଏହି ଆୱାର୍ଡ ରବିବାର ରାତିରେ (ଭାରତୀୟ ସମୟ ସୋମବାର ସକାଳ) ଅନୁଷ୍ଠିତ ହୋଇଥିଲା । ଏହି ସଙ୍ଗୀତମୟ ସନ୍ଧ୍ୟାରେ ଲେଡି ଗାଗା, ଜଷ୍ଟିନ୍ ବିବର, ଫରେଲ୍ ୱିଲିୟମ୍ସ ଏବଂ ପପ୍ ସେନସେସନ୍ ସବ୍ରିନା କାର୍ପେଣ୍ଟର ନିଜର ସୁପରହିଟ୍ ଗୀତରେ ଚମତ୍କାର ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ ।



## ୯ଟି ନୋମିନେସନ୍ ସହ ହାଟ୍ରିକ

ଏହି ବର୍ଷ ଗ୍ରାମୀରେ କେଣ୍ଡ୍ରିକ୍ ଲାମର ଏକ ନୂଆ ହାଟ୍ରିକ ଚରିଛନ୍ତି । କେଣ୍ଡ୍ରିକଙ୍କୁ ଚଳିତ ଗ୍ରାମୀରେ ୯ଟି ନୋମିନେସନ୍ ମିଳିଛି । ସେ ଅନେକ ବଡ଼ ପୁରସ୍କାର ନିଜ ନାମରେ କରିଛନ୍ତି ଏବଂ ବର୍ତ୍ତମାନ ତାଙ୍କ ପାଖରେ ସର୍ବମୋଟ ୨୬ଟି ଗ୍ରାମୀ ଆୱାର୍ଡ ରହିଛି । 'ବେଷ୍ଟ ରାପ୍ ଆଲବମ୍' ଏବଂ 'ବେଷ୍ଟ ରାପ୍ ସଙ୍ଗ୍' ଜିତି ସେ ହିପ୍-ହପ୍ ସଙ୍ଗୀତ ଦୁନିଆରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ।



| ବିଭାଗ | ବିଜେତା |
|---|---|
| ଏଲବମ୍ ଅଫ୍ ଦ ଇୟର | ବ୍ୟାଡ୍ ବନି |
| ରେକର୍ଡ ଅଫ୍ ଦ ଇୟର୍ | କେଣ୍ଡ୍ରିକ୍ ଲାମର ଏବଂ SZA |
| ସଙ୍ଗ୍ ଅଫ୍ ଦ ଇୟର୍ | ଲେଡି ଗାଗା |
| ବେଷ୍ଟ ନ୍ୟୁ ଆର୍ଟିଷ୍ଟ | ଓଲିଭିଆ ଡିନ୍ |
| ବେଷ୍ଟ ପପ୍ ଭୋକାଲ୍ ଏଲବମ୍ | ଲେଡି ଗାଗା |
| ବେଷ୍ଟ ଅଡିଓ ବୁକ୍, ନରେସନ୍ ଓ ଷ୍ଟୋରିଟେଲିଂ | ଦଲାଇ ଲାମା |
| ବେଷ୍ଟ ପପ୍ ସୋଲୋ ପରଫରମାନ୍ସ | ସବ୍ରିନା କାର୍ପେଣ୍ଟର |
| ବେଷ୍ଟ ପପ୍ ଡୁଓ / ଗ୍ରୁପ୍ ପରଫରମାନ୍ସ | ସିନ୍ଥିଆ ଏରିଭୋ ଏବଂ ଆରିଆନା ଗ୍ରାଣ୍ଡେ |
| ବେଷ୍ଟ ଡ୍ୟାନ୍ସ / ଇଲେକ୍ଟ୍ରୋନିକ୍ ଆଲବମ | ଏଫକେଏ ଟ୍ୱିଗ୍ସ୍ |
| ବେଷ୍ଟ ଡ୍ୟାନ୍ସ ପପ୍ ରେକର୍ଡିଂ | ଲେଡି ଗାଗା |
| ବେଷ୍ଟ ରକ୍ ଆଲବମ୍ | ଲିଙ୍କିନ୍ ପାର୍କ |
| ବେଷ୍ଟ ରକ୍ ପରଫରମାନ୍ସ | ୟଙ୍ଗବ୍ଲଡ୍ |
| ବେଷ୍ଟ ରାପ୍ ଆଲବମ୍ | କେଣ୍ଡ୍ରିକ୍ ଲାମର |
| ବେଷ୍ଟ ରାପ୍ ପରଫରମାନ୍ସ | ଡୋଇଚି |
| ବେଷ୍ଟ ମେଲୋଡିକ୍ ରାପ୍ ପରଫରମାନ୍ସ | କେଣ୍ଡ୍ରିକ୍ ଲାମର ଏବଂ ଏସଜେଡଏ |
| ବେଷ୍ଟ ଆର ଆଣ୍ଡ ବି ପରଫରମାନ୍ସ | କେହଲାନି |
| ବେଷ୍ଟ ଆର ଆଣ୍ଡ ବି ଆଲବମ୍ | ଲିଓନ୍ ଥୋମାସ୍ |
| ବେଷ୍ଟ ସଙ୍ଗ୍ (ଭିଜୁଆଲ୍ ମିଡିଆ ପାଇଁ) | ଗୋଲ୍ଡେନ୍ (କେ ପପ୍) |
| ବେଷ୍ଟ ମ୍ୟୁଜିକ୍ ଫିଲ୍ମ | ଷ୍ଟିଭେନ୍ ସ୍ପିଲବର୍ଗ |
| ବେଷ୍ଟ ଅଲଟରନେଟିଭ୍ ମ୍ୟୁଜିକ୍ ଆଲବମ୍ | ଟାଇଲର୍, ଦ କ୍ରିଏଟର୍ |

ଏହି ବିଜୟ ସହ କେଣ୍ଡ୍ରିକ୍ ପ୍ରସିଦ୍ଧ ରାପର୍ ଜେ ଜେଡଙ୍କ ରେକର୍ଡ ମଧ ଭାଙ୍ଗିଛନ୍ତି । କେଣ୍ଡ୍ରିକଙ୍କ ଏହି ରେକର୍ଡ଼ ତାଙ୍କ ଫ୍ୟାନମାନଙ୍କୁ ବେଶ୍ ଖୁସି ପ୍ରଦାନ କରିଛି । ଏଥିସହିତ ଆଗକୁ ଆହୁରି ଭଲ ଭଲ ଗୀତ ସେ ତାଙ୍କର ଫ୍ୟାନଙ୍କୁ ଭେଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କେଣ୍ଡ୍ରିକଙ୍କ ଏହି ସଫଳତାରେ ତାଙ୍କୁ ବିଶ୍ୱର ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି । ସୋସିଆଲ ମିଡ଼ିଆରେ ସମସ୍ତେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି ।

## ଇତିହାସ

ବନ ଅଗ୍ନି ସୁରକ୍ଷା ଦିବସ (ସପ୍ତାହ)

୧୮୧୫: ସ୍ୱିଜରଲାଣ୍ଡରେ ଖୋଲିଲା ପ୍ରଥମ ପନିର ଉତ୍ପାଦନ କାରଖାନା ।

୧୯୧୬: ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ।

୧୯୨୫: ମୁମ୍ବାଇରୁ କୁର୍ଲାକୁ ଗଡ଼ିଲା ଭାରତର ପ୍ରଥମ ବିଜୁଳିଚାଳିତ ଟ୍ରେନ୍ ।

୧୯୩୪: ଲୁଫ୍‌ଥାଂସା କମ୍ପାନୀ ଦ୍ୱାରା ପ୍ରଥମ ଉଡ଼ାଜାହାଜ ପାର୍ସଲ ସେବାର ଶୁଭାରମ୍ଭ ।

୧୯୩୮: ଭାରତୀୟ ସିନମାର ପ୍ରଖ୍ୟାତ ଅଭିନେତ୍ରୀ ୱାହିଦା ରହମାନଙ୍କ ଜନ୍ମ ।

୧୯୫୪: **ଇଲାହାବାଦ** କୁମ୍ଭମେଳା ଦଳାଚକଟାରେ ୫୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ।

୧୯୭୨: ଏସିଆର ପ୍ରଥମ ଶୀତକାଳୀନ ଅଲିମ୍ପିକ୍ସ ଜାପାନର ସପ୍ପୋରୋଠାରେ ଆୟୋଜିତ ।

୧୯୭୯: ପ୍ରସିଦ୍ଧ ହିନ୍ଦୀ କାହାଣୀକାର ରାଧାକୃଷ୍ଣଙ୍କ ନିଧନ ।

୧୯୯୬: ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଧାବିକା ଦୂତୀ ଚାନ୍ଦଙ୍କ ଜନ୍ମ ।

୧୯୮୮: ଭାରତୀୟ ସେନାରେ ସାମିଲ ହେଲା ପ୍ରଥମ ପରମାଣୁ ପଣ୍ଡୁବୀ "ଆଇଏନ୍ଏସ୍ ଚକ୍ର' ।

୨୦୦୦: ଭାରତର ସୁବିଖ୍ୟାତ ତବଲାବାଦକ **ଅଲ୍ଲା ରଖା କ୍ୟୁରେସିଙ୍କ** ପରଲୋକ ।

୨୦୧୮: ଚତୁର୍ଥଥର ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଜିତିଲା ଭାରତ ।


**ସ୍ତ୍ରୀ:** ଆଜିକାଲି ତୁମେ ମୋତେ ଆଦୌ ଭଲ ପାଉନାହଁ, କେବଳ ଫେସବୁକ୍ ଆଉ ହ୍ୱାଟସଆପ୍‌ରେ ବ୍ୟସ୍ତ ରହୁଛ !

**ସ୍ୱାମୀ:** ଆରେ ସେମିତି କିଛି ନୁହେଁ...

**ସ୍ତ୍ରୀ:** ତାହେଲେ କୁହ, ମୋ ଶାଢ଼ୀର ରଙ୍ଗ କ'ଣ ?

**ସ୍ୱାମୀ (ମୋବାଇଲକୁ ଚାହିଁ):** ଫେସବୁକ ରଙ୍ଗ ଭଳି ନୀଳ!

ଏହାପରେ ମୋବାଇଲ ଭାଙ୍ଗିବାର ଶବ୍ଦ ଶୁଣାଗଲା....



**ହାଃହାଃ**

## ଫ୍ରୋଜନ ମଟର


**ଫ୍ରୋଜନ ମଟର ଆଜିକାଲି ପ୍ରାୟ ସବୁ ରୋଷେଇ ଘରେ ବ୍ୟବହୃତ ହେଉଛି । ଏହାର ଉଭୟ ଭଲ ଏବଂ ମନ୍ଦ ଦିଗ ରହିଛି । ଏହାକୁ ଖାଇବା ଆଗରୁ ଅନେକ ଦ୍ୱନ୍ଦ୍ୱ ମଧ ଦେଖିବାକୁ ମିଳିଥାଏ । ଏହା ଆମ ସ୍ୱାସ୍ଥ୍ୟପାଇଁ ଭଲ କି ମନ୍ଦ ତାକୁ ନେଇ ଅନେକ ଚର୍ଚ୍ଚା ହୋଇଥାଏ । ତେବେ ଆସନ୍ତୁ ଏସମ୍ପର୍କିତ କିଛି ଦିଗପ୍ରତି ଧ୍ୟାନ ଦେବା ।**

**ଖାଇବାର ଭଲ ଦିଗ**

ମଟର ଅମଳ ହେବାର କିଛି ଘଣ୍ଟା ମଧ୍ୟରେ ଏହାକୁ ଫ୍ରିଜ୍ କରାଯାଏ, ଯାହା ଫଳରେ ଏଥିରେ ଥିବା ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଣ ସତେଜ ମଟର ଭଳି ବଜାୟ ରହେ । ସେହିଭଳି ସତେଜ ମଟର ଭଳି ଏହାକୁ ଛଡ଼ାଇବାର କଷ୍ଟ କରିବାକୁ ପଡ଼େ ନାହିଁ । ଏହାକୁ ସିଧାସଳଖ ପ୍ୟାକେଟରୁ ବାହାର କରି ରୋଷେଇରେ ବ୍ୟବହାର କରାଯାଇପାରେ । ଏହାର ଆଉ ଏକ ସୁବିଧା ହେଲା ସବୁ ସମୟରେ ଉପଲବ୍ଧ । ସତେଜ ମଟର କେବଳ ଶୀତଦିନେ ମିଳୁଥିବା ବେଳେ ଫ୍ରୋଜନ୍ ମଟର ବର୍ଷସାରା ବଜାରରେ ମିଳିଥାଏ । ଏଥିରେ ମଧ ଫାଇବର ଏବଂ ପ୍ରୋଟିନ୍ ରହିଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ଏବଂ ପେଟକୁ ଅଧିକ ସମୟ ଯାଏଁ ଭର୍ତ୍ତି ରଖେ ।

**ଖାଇବାର ମନ୍ଦ ଦିଗ**


ଏହି ମଟର ଖାଇବାର ଭଲ ଦିଗ ସହିତ ମନ୍ଦଦିଗ ମଧ ରହିଛି । ତେଣୁ ଏହାକୁ ବ୍ୟବହାର ପୂର୍ବରୁ ସତର୍କତା ଅବଲମ୍ବନ କରନ୍ତୁ । ଏହି



ମଟରଗୁଡ଼ିକରେ ସୋଡିୟମ୍ ଏବଂ ପ୍ରିଜରଭେଟିଭ୍ ଅଧିକ ରହିଥାଏ । ଅନେକ କମ୍ପାନୀ ମଟରକୁ ଦୀର୍ଘ ଦିନ ସାଇତି ରଖିବା ପାଇଁ ସେଥିରେ ଅଧିକ ପ୍ରିଜରଭେଟିଭ୍ ବ୍ୟବହାର କରନ୍ତି, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦାୟୀ ହୋଇପାରେ । କିଛି ଶସ୍ତା ବ୍ରାଣ୍ଡର ମଟରରେ କୃତ୍ରିମ ରଙ୍ଗ ଦିଆଯାଇଥାଏ, ଯାହା ଶରୀର ପାଇଁ କ୍ଷତିକାରକ । ସତେଜ ମଟର ତୁଳନାରେ ଏହାର ସ୍ୱାଦ ସାମାନ୍ୟ ଅଲଗା ହୋଇପାରେ, ତେଣୁ କିଣିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ଫ୍ରୋଜନ୍ ମଟର ସାଧାରଣତଃ ଅଧିକ ପାକଳ ମଟରରୁ ପ୍ରସ୍ତୁତ ହୁଏ, ଯେଉଁଥିରେ ଚିନି ଅପେକ୍ଷା ଷ୍ଟାର୍ଚ ଅଧିକ ଥାଏ । ଏହା ରକ୍ତରେ ସୁଗାର ସ୍ତରକୁ ପ୍ରଭାବିତ କରିପାରେ । ଆଉ ଏକ ସମସ୍ୟା ହେଲା ଏହା ଗ୍ୟାସ୍ ସମସ୍ୟାକୁ ବଢାଇପାରେ । ଅଧିକ ପରିମାଣର ଫ୍ରୋଜନ୍ ମଟର ଖାଇବା ଦ୍ୱାରା କିଛି ଲୋକଙ୍କ କ୍ଷେତ୍ରରେ ପେଟ ଫାମ୍ପିବା ବା ଗ୍ୟାସ୍ ସମସ୍ୟା ଦେଖାଦେଇଥାଏ । ତେଣୁ ଏହାକୁ ବ୍ୟବହାର ସମୟରେ ଏହାର ମାତ୍ରା ଉପରେ ଧ୍ୟାନ ଦିଅନ୍ତୁ । ସେହିଭଳି ଏହି ଫ୍ରୋଜନ୍ ମଟର ବ୍ୟବହାର କରିବା ପୂର୍ବରୁ ଏହାକୁ ଭଲଭାବେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ, ଯାହା ଦ୍ୱାରା ଏଥିରେ ଥିବା ଅଧିକାଂଶ ସୋଡିୟମ୍ ବାହାରି ଯିବ । ସର୍ବଦା ପ୍ୟାକେଟ କିଣିବା ବେଳେ ଭଲ ବ୍ରାଣ୍ଡର କିଣନ୍ତୁ । ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି ତେବେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ଗ୍ରହଣ କରନ୍ତୁ ।

## ଅଷ୍ଟ୍ରେଲିଆ ପହଞ୍ଚିଲା କୁକୁର

ନିକଟରେ ତେଲେଙ୍ଗାନାର ଏକ କୁକୁର ଖୁବ ଚର୍ଚ୍ଚାରେ ରହିଛି । ଏଠିକାର ଦମ୍ପତି ନିଜ ପୋଷା କୁକୁରକୁ ଅଷ୍ଟ୍ରେଲିଆ ନେବା ପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣା ପଡିଛି । ନିଜ ଇନ୍‌ଷ୍ଟାଗ୍ରାମରେ ଉଭୟ ଏନେଇ ସୂଚନା ଦେଇଛନ୍ତି । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ସୂଚନା ଅନୁସାରେ ବୃତ୍ତିଗତ କାରଣରୁ ଉଭୟ ଦମ୍ପତି ଅଷ୍ଟ୍ରେଲିଆରେ ରହିବା ପାଇଁ ଯିବା ସମୟରେ ନିଜ କୁକୁରକୁ ସାଙ୍ଗରେ ନେବାକୁ ଚାହିଁଥିଲେ । ହେଲେ ସଂକ୍ରମଣ ବ୍ୟାପିବାର ଆଶାରେ ଅଷ୍ଟ୍ରେଲିଆରେ ପୋଷା ଜୀବନଙ୍କର ଯିବା ଆସିବା ଉପରେ କଠୋର କଟକଣା ରହିଛି । ଏଥିପାଇଁ କୁକୁରକୁ ପ୍ରଥମେ ୬ମାସ ଧରି ଦୁବାଇରେ ରହିବାକୁ ପଡିଲା । ଯାହାପରେ ତାର ବିଭିନ୍ନ ପରୀକ୍ଷା କରାଯାଇ ହେଲଥ ସାର୍ଟିଫିକେଟ ପ୍ରସ୍ତୁତ କରାଯାଇଥିଲା । ଏହି କ୍ୱାରେଣ୍ଟାଇନ ସରିବା ପରେ ହିଁ ଯାଇକି କୁକୁରକୁ ଅଷ୍ଟ୍ରେଲିଆ ନିଆଯାଇଥିଲା । ଏଥିରେ ପାଖାପାଖି ୧୯୦ ଦିନ ପାଇଁ ସେମାନଙ୍କର ୧୫ ଲକ୍ଷ ଖର୍ଚ୍ଚ ହୋଇଥିଲା ।





**ମେଷ-** ସମ୍ମାନହାନି, ମାନସିକ ଦୁଶ୍ଚିନ୍ତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଅର୍ଥ ସମସ୍ୟା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା- ମା ବଗଳାମୁଖୀ ।

**ବୃଷ-** ଧନସମ୍ପଦ ବୃଦ୍ଧି, ଶତ୍ରୁନାଶ, ନୂତନ ଲାଭ, ଲୋକସମ୍ପର୍କ ବୃଦ୍ଧି, ଭ୍ରମଣ କଷ୍ଟ, ଅଯଥା ବ୍ୟୟ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୬, ଆରାଧନା- ମା ଗାୟତ୍ରୀ ।

**ମିଥୁନ-** ନୂତନ ନିଯୁକ୍ତି, ଆୟ ଉତ୍ତମ, ଶତ୍ରୁ ପରାଜିତ, କର୍ମରେ ସଫଳତା, ପଡ଼ୋଶୀ ସାହାଯ୍ୟ, ଭ୍ରମଣ ସୁଖ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ-** ବାଦବିବାଦ, ସ୍ୱାସ୍ଥ୍ୟ ସଂକଟ, ସ୍ୱଳ୍ପ ଆୟ, ନୂତନ କର୍ମାରମ୍ଭ, ଯାନବାହନେ ସତର୍କ, ଦ୍ରବ୍ୟ ନଷ୍ଟ, କର୍ମରେ ବିଫଳ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୩, ଆରାଧନା- ଶଙ୍କର ଭଗବାନ ।

**ସିଂହ-** ସୁସମାଚାର, ସମ୍ମାନ ବୃଦ୍ଧି, ଅର୍ଥଲାଭ, ସମସ୍ୟା ସମାଧାନ, ବାଣିଜ୍ୟରେ ଉନ୍ନତି, ଶରୀର ସୁସ୍ଥ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା-** ଅଯଥା ଖର୍ଚ୍ଚ, ଦୂରଯାତ୍ରା, ମୋକଦ୍ଦମା ସମସ୍ୟା, ବନ୍ଧୁଲାଭ, ସୁମିଷ୍ଟ ଭୋଜନ, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀରସୁସ୍ଥ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୩, ଆରାଧନା- ପ୍ରଭୁ ଲୋକନାଥ ।

**ତୁଳା-** ଭ୍ରମଣସୁଖ, ଆର୍ଥିକ ଉନ୍ନତି, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟରେ ଲାଭ, ଶୁଭ ଖବର, ଶତ୍ରୁ ପରାଜିତ, ବିବାଦମୁକ୍ତ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

**ବିଛା-** ଆଶା ପୂର୍ଣ୍ଣ, ବାଣିଜ୍ୟରେ ଲାଭ, ଶତ୍ରୁସମସ୍ୟା ଦୂର, ନୂତନ ଆୟ, ଶରୀର ସୁସ୍ଥ, ମୋକଦ୍ଦମା ସମାଧାନ, ଦୂରଯାତ୍ରା, ସନ୍ତାନ ଖୁସି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଗୋପୀନାଥ ।

**ଧନୁ-** ମାନସିକ ଦୁଶ୍ଚିନ୍ତା, ଅଭିଳାଷ ପୂର୍ଣ୍ଣ, ଦୂରଯାତ୍ରା, କର୍ମକ୍ଷେତ୍ରେ ସମସ୍ୟା, କାର୍ଯ୍ୟରେ ବିବାଦ, ବିଦ୍ୟାରେ ସଫଳତା, ସମ୍ମାନ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା ଭଗବତୀ ।

**ମକର-** ମାନସିକ ଅସ୍ଥିରତା, କାର୍ଯ୍ୟରେ ବିଳମ୍ବ, ଯାନବାହନେ ସତର୍କ, ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁଲାଭ, ଶତ୍ରୁ ସମସ୍ୟା, ଆର୍ଥିକ ଲାଭ, ଶୁଭ ଖବର, ଦାମ୍ପତ୍ୟ ଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା- ବିଷ୍ଣୁ ଭଗବାନ ।

**କୁମ୍ଭ-** ଦାମ୍ପତ୍ୟ ଖୁସି, ଅର୍ଥଲାଭ, ବ୍ୟବସାୟରେ ସଫଳ, ଶତ୍ରୁନାଶ, ଶରୀର ଅସୁସ୍ଥ, ସୁଭଖବର ପ୍ରାପ୍ତି, ବନ୍ଧୁଲାଭ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ ।

**ମୀନ-** ଶରୀର ସୁସ୍ଥ, ଦ୍ରବ୍ୟଲାଭ, ଆଶା ପୂର୍ଣ୍ଣ, ଭୂସମ୍ପତ୍ତି ଲାଭ, ସମ୍ପର୍କରେ ଉନ୍ନତି, ଶତ୍ରୁ ସମସ୍ୟା, ଧର୍ମକାର୍ଯ୍ୟରେ ସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୩, ଆରାଧନା- ମା ମଙ୍ଗଳା ।

**ଫାଲଗୁନ କୃଷ୍ଣପକ୍ଷ, ଦ୍ୱିତୀୟା**

**୩.୨.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮








ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନବନ୍ଦର ଠାରେ ସ୍ୱାଗତ କରୁଛନ୍ତି



ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକ ଭବନ ଠାରେ ସ୍ୱାଗତ କରୁଛନ୍ତି

## ରାୟଗଡାରେ ସୁଭଦ୍ରା ଶକ୍ତିମେଳାର ଉଦ୍‌ଘାଟନ

# ଜିଲ୍ଲା ପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୦୯ଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍‌ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମା ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳା ମାନଙ୍କ ସକ୍ରିୟ ଯୋଗଦାନ ଫଳରେ ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡା ଠାରେ ସୁଭଦ୍ରା ଶକ୍ତି ମେଳା ୨୦୨୬ ଉଦ୍‌ଘାଟନ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।




ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବୀ ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ ଏବଂ ରାୟଗଡାରେ ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାୟଗଡା ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ଟି ଏସ୍‌ଏଚ୍‌ଜିକୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୯,୩୩୫ ଏସ୍‌ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍‌ଭିଙ୍ଗ ଫଣ୍ଡ ଯୋଗାଇଦିଆଯାଇଛି, ୧୬୪ଟି ଜିପିଏଲ୍‌ଏଫ୍‌କୁ ୫୩.୧୪ କୋଟି ଟଙ୍କାର କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ସିଆଇଏଫ) ପ୍ରଦାନ ଏବଂ ୪୧୯୫ଟି ଏସ୍‌ଏଚଜିକୁ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେ ପୁଣି କହିଥିଲେ, ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ତୃଣମୂଳ ସ୍ତରରେ ମହିଳା ମାନଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ଜନଜାତି ଭାଇ, ଭଉଣୀଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ୬୮,୮୮୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସୁରକ୍ଷା ଓ ଜଙ୍ଗଲ ଅଧିକାର ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଖଣି ଖାଦାନ ଭରା ରାୟଗଡା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ଫା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ସୁଦୃଢ଼ ରେଳ ଭିତ୍ତିଭୂମି ଯୋଗୁ ରାୟଗଡା ଅଞ୍ଚଳ ଖୁବଶୀଘ୍ର ଏକ ଆଧୁନିକ ଶିଳ୍ପାଞ୍ଚଳରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମ-କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଭାବକୁ ପ୍ରଶଂସା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ଓଡିଶା ଆଜି ବିକାଶ ପଥରେ ଅଗ୍ରସର ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଭିତ୍ତିଭୂମି ଆଦି ସମସ୍ତ କ୍ଷେତ୍ରରେ ବିକାଶ ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାର ଆହୁରି ବିକାଶ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୋଲିସ ସେବା ଭବନରେ ଏନ୍‌ଆଇଏ ଟିମ୍

ଭୁବନେଶ୍ୱର, (ସବ୍ୟୁ) : ପୋଲିସ ସେବା ଭବନକୁ ଏନ୍‌ଆଇଏର ଆଞ୍ଚଳିକ ମୁଖ୍ୟଙ୍କ ସମେତ ତିନିଜଣିଆ ଟିମ୍ ସୋମବାର ଯାଇଥିଲେ । ସେମାନେ କେଉଁ ଉଦ୍ଦେଶ୍ୟରେ ଯାଇଥିଲେ ସ୍ପଷ୍ଟ ଜଣାପଡିନଥିବା ବେଳେ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଆସିଥିବା ଟିମ୍‌ର ମୁଖ୍ୟ ଏନ୍‌ଆଇଏ ଏସ୍‌ପି ଗଣମାଧ୍ୟମକୁ କହିଥିଲେ । ପୋଲିସ କମିଶନର ଏସ୍.ଦେବଦତ୍ତ ସିଂଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ କିଛି ସମୟ ଆଲୋଚନା କରିବା ପରେ ଅଫିସ୍‌ରୁ ବାହାରି ଯାଇଥିଲେ । ଆଜାଦ୍‌ନଗର ବୋମା ବିସ୍ଫୋରଣ କଥା କିମ୍ବା ଅନ୍ୟ କେଉଁ ମାମଲାକୁ ନେଇ ସିପିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କଲେ ତାହା ସେମାନେ ଗଣମାଧ୍ୟମକୁ କହିନଥିଲେ । ପୋଲିସ କମିଶନର ମଧ୍ୟ ଏ ସମ୍ପର୍କରେ ଗଣମାଧ୍ୟମକୁ କିଛି ସୂଚନା ଦେଇନାହାନ୍ତି ।

## ଜମି ଦେବାକୁ କହି ୨୩ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୨୩ଲକ୍ଷ ଟଙ୍କା ନେବା ପରେ ଅଭିଯୁକ୍ତ ଜମି ରେଜିଷ୍ଟ୍ରି କରାଇ ନଥିଲେ କିମ୍ବା ନେଇଥିବା ଟଙ୍କା ଫେରାଇ ନଥିଲେ । ଏ ସମ୍ପର୍କରେ ଅଦାଲତରେ ମାମଲା ହୋଇଥିବାରୁ ଅଦାଲତଙ୍କ ନିର୍ଦ୍ଦେଶ୍ୟରେ ପୋଲିସ କରି ଅଭିଯୁକ୍ତ ରାଜେନ୍ଦ୍ର କୁମାର ମିଶ୍ର (୬୫)କୁ ଗିରଫ କରିଛି । ଅଭିଯୋଗକାରୀ ୨୦୨୨ ମସିହା ଏପ୍ରିଲ୍ ୨୮ ତାରିଖରେ ଅଭିଯୁକ୍ତଙ୍କ ସହିତ ଭୁବନେଶ୍ୱରସ୍ଥିତୟୁନିଟ୍-୩୯ ଗାଡକଣ ମୌଜାରେ ଅବସ୍ଥିତ ଏକ ଅନୁସୂଚୀତ ଜମି କିଣିବା ପାଇଁ ମୋଟ ୨୨ଲକ୍ଷ ଟଙ୍କା ଚୁକ୍ତି ହୋଇଥିଲା । ସେଥିପାଇଁ ୭ ଲକ୍ଷ ଟଙ୍କା ଅଗ୍ରୀମ ରାଶି ଦେଇଥିଲେ ଜମି କିଣିବା ଆଶାୟୀ ବ୍ୟକ୍ତି । ପୋଲିସ ତଦନ୍ତ କରି ପରେ ଜାଣିବାକୁ ପାଇଥିଲା ଯେ, ବିଭିନ୍ନ ଉପାୟରେ ଅଭିଯୁକ୍ତ ୨୩ଲକ୍ଷ ଟଙ୍କା ନେଇଛି । ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ଉକ୍ତ ଅନୁସୂଚୀତ ସମ୍ପତ୍ତିର ପଞ୍ଜୀକରଣ କରିନଥିଲେ କିମ୍ବା ଅଭିଯୋଗକାରୀ ଦେଇଥିବା ଟଙ୍କା ଫେରାଇ ନଥିଲେ । ୨୦୨୫ ମସିହା ମେ' ୫ ତାରିଖରେ ଅଭିଯୋଗକାରୀ ନିଜ ଟଙ୍କା ଦାବି କରିବାକୁ ଗାଡକଣ ସ୍ଥିତ ଅଭିଯୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲା । ଜମି ରେଜିଷ୍ଟ୍ରୀ କରାଇବା କିମ୍ବା ଟଙ୍କା ଫେରାଇବ ନାହିଁ ବୋଲି ଧମକାଇ ମନା କରିଥିଲା ।




## ବାସୁଦେବ ପରିଡ଼ା ଗୁଳିକାଣ୍ଡ ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ବେଗୁନିଆ ଥାନା ଅନ୍ତର୍ଗତ ଦଲକ ରାସ୍ତାରେ ଗତ ୧୯ତାରିଖ ସନ୍ଧ୍ୟାରେ ଗୁଳିମାଡ ରେ ଖଣି ବ୍ୟବସାୟୀ ଜାମୁସାହି ର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା




ଘଟଣାର ୧୪ଦିନ ପରେ ପର୍ଦ୍ଦାଫାସ କରିଛି ପୁଲିସ। ଗୁଳିକାଣ୍ଡ ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଖଣି ବ୍ୟବସାୟିକ ଶତ୍ରୁତାରୁ ଗୁଳିକାଣ୍ଡ ଘଟିଛି ବୋଲି ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ପୁଲିସ୍ ଦୁଇଟି ବାଇକ୍, ଦୁଇଟି ଗୁଳି, ୨ଟି ଖୋକା କୁ ଜବତ କରିଛି। ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧୯ ତାରିଖ ସକାଳେ କିଛି ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଧମକ ଦେଇଥିଲେ। ସେହି ଦିନ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦଲକ ରୋଡ୍ ରେ ବାସୁଦେବ ପରିଡାଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତକଙ୍କ ମୁଣ୍ଡ, କାନ୍ ଓ ଛାତିରେ ୩ ରାଉଣ୍ଡ ଗୁଳି ମାଡ଼ ହୋଇଥିଲା। ଘଟଣାସ୍ଥଳରୁ ଗୋଟିଏ ବୁଲେଟ୍ ମୋଟରସାଇକେଲ୍ (ଓଡି-୩୩-ଏକ୍ୟୁ-୯୯୮୬) ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ର ସଲିଲା ପରିଡା ତାଙ୍କ ସ୍ୱାମୀ ବାସୁଦେବ ପରିଡାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ବେଗୁନିଆ ପୁଲିସ ଏସମ୍ପର୍କ ରେ ୩୪/୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରି ବିଭିନ୍ନ ଅଂଚଳରେ ଚଢଉ କରିଥିଲେ। ଗୁଳିମାଡ କରିଥିବା ଓ ତାକୁ ସହଯୋଗ କରିଥିବା ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ୪ଜଣ ଅଭିଯୁକ୍ତଙ୍କୁ ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ଅବସ୍ଥାରେ ଗିରଫ କରାଯାଇଛି। ସେମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଅଜୟ ଭୁଜବଳ (୩୪), ଜ୍ଞାନରଞ୍ଜନ ପ୍ରଧାନ (୩୪), ମାନସ ସୁବୁଦ୍ଧି (୩୩) ଏବଂ କାର୍ତ୍ତିକ ଭୁଜବଳ (୩୬)। ଅଭିଯୁକ୍ତମାନେ ଏକ ଖଣି କାରବାର ରେ ବ୍ୟବସାୟ କୁ କେନ୍ଦ୍ର କରି ମୃତ ବାସୁଦେବ ପରିଡ଼ା ସହ ଶତ୍ରୁତା କରୁଥିଲେ। ପୂର୍ବରୁ ସେମାନଙ୍କ ର ମଧ୍ୟ ଶତ୍ରୁତା ଲାଗି ରହିଥିଲା।

## ଟ୍ରକକୁ ପିଟିଲା ବାଇକ୍ : ଦୁଇ ଗୁରୁତର

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ଥାନା ରଙ୍ଗମାଟିଆ ନିକଟ ରାଜପୁତ ଢ଼ାବା ସମୁଖ ଜାତୀୟ ରାଜପଥ ଉପରେ ବାଲିରେ ସ୍ଲିପ ହୋଇ ଏକ ବାଇକ ରାସ୍ତା କଡରେ ଠିଆ ହୋଇଥିବା ଏକ ଟ୍ରକରେ ପିଟି ହେବାରୁ ବାଇକରେ ଯାଉଥିବା ଦୁଇ ଯୁବକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଆମ୍ବୁଲାନ୍ସରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଗୁରୁତର ଆହତ ଦୁଇ ଯୁବକଙ୍କ ନାମ ସୌମ୍ୟ ରଞ୍ଜନ ବିଶ୍ୱାଳ(୩୦) ଓ ଜଗନ୍ନାଥ ଦେହୁରୀ(୩୨) ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି । ଉଭୟ ଘର କନ୍ଧମାଳ ଜିଲ୍ଲା ଫୁଲବାଣୀ ଆମଲାପଡା ଗ୍ରାମରେ । ଉଭୟ ଭୁବନେଶ୍ୱରରେ ଚାକିର କରନ୍ତି । ସୋମବାର ଅପରାହ୍ନରେ ଉଭୟ ଏକ ସୁଜୁକି ବାଇକରେ ନିଜ ଘରୁ ବାହାରି ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା । ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁକରି ବାଇକ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି ।

### ଓଡ଼ିଶା ଗସ୍ତରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ

## ପିଆଇବି ଏଡିଜିଙ୍କ ସହ କଲେ ମତବିନିମୟ

ଭୁବନେଶ୍ୱର, (ସବ୍ୟୁ): ତେଲଙ୍ଗାନା ହାଇଦ୍ରାବାଦରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛି । ଏହି ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛି । ସେଠାରେ ପ୍ରତିନିଧି ଦଳର



ସଦସ୍ୟମାନେ ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି । ଏଡିଜି ଶ୍ରୀ ମିଶ୍ର ସେମାନଙ୍କୁ ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ଏବଂ ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କରାଯାଉଥିବା ବିଭିନ୍ନ କ୍ଷେତ୍ରୀୟ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ମହେନ୍ଦ୍ର ପ୍ରସାଦ ଜେନା, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କ ଅଧୀନରେ ଓଡ଼ିଶାରେ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଗସ୍ତ ଅବସରରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ସିଏସଆଇଆର-ଆଇଆଇଏମଟି ପରିସରରେ ବୈଜ୍ଞାନିକଙ୍କ ସହ ମତବିନିମୟ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହାବ୍ୟତୀତ ସେମାନେ ଭୁବନେଶ୍ୱରର କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ଆଇସିଏଆର ସିଫା ମଧ୍ୟ ଗସ୍ତ କରିବେ । ସେମାନେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବେ । ଏହି ପ୍ରତିନିଧି ଦଳ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ପୁରୀ, କୋଣାର୍କ, ଐତିହ୍ୟ ଗ୍ରାମ ରଘୁରାଜପୁର ବୁଲିବା ସହ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଧଉଳି ଶାନ୍ତିସ୍ତୁପ, ଖଣ୍ଡଗିରି, ଉଦୟଗିରି ଗୁମ୍ଫା ଆଦି ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବେଦାନ୍ତ ଆଲୁମିନିୟମକୁ

## ଢେଙ୍କାନାଳରେ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଜମି ଆବଣ୍ଟନ ପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଶିଳ୍ପ ଗତିକୁ ତ୍ୱରାନ୍ୱିତ କରିବା ସହିତ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କଠାରୁ ୧,୪୪୭ ଏକରରୁ ଅଧିକ ଜମିର ଆବଂଟନ ପତ୍ର ପ୍ରଦାନ କରାଯାଇଛି, ଯାହାକି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱରା ଔଦ୍ୟୋଗିକ ବିକାଶ ପ୍ରତି ଏକ ଯୁଗାନ୍ତକାରି ପଦକ୍ଷପ ଭାବରେ ସବ୍ୟସ୍ତ ହୋଇଛି। ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଆଗାମୀ ଭବିଷ୍ୟତ ଅଭିବୃଦ୍ଧି ଏବଂ ସମ୍ପ୍ରସାରଣ ଯୋଜନାକୁ ସୁଗମ କରିବା ପାଇଁ ଏହି ଆବଂଟନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ରଣନୈତିକ ଗସ୍ତରେ ଥିବାବେଳେ ଏହି ମାଇଲଖୁଂଟ ସ୍ଥାପନ ହୋଇଛି, ଯାହାକି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଏବଂ ପାରମ୍ପରିକ ବିକାଶକୁ ବିସ୍ତାର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଚଳିତ ସପ୍ତାହରେ ତାଙ୍କର ଯୋଗଦାନ ରାଜ୍ୟର ବୃହତ ଉତ୍ପାଦନକୁ ସକ୍ଷମ କରିବା, ଡାଉନଷ୍ଟ୍ରିମ୍ ସୁଯୋଗକୁ ଶକ୍ତିଶାଳୀ କରିବା ତଥା ବିଶ୍ୱ ଶିଳ୍ପ ପାଇଁ ଓଡ଼ିଶାକୁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଯାହାକି ଆଜି ବେଦାନ୍ତ ଆଲୁମିନିୟମକୁ ଏହି ଜମି ଆବଂଟନରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

ଏହି ଅଭିବୃଦ୍ଧି ପ୍ରକଳ୍ପଗୁଡ଼ିକ ବୃହତ ଉତ୍ପାଦନକୁ ସମର୍ଥନ କରିବା ତଥା ଡାଉନଷ୍ଟ୍ରିମ୍ ସୁଯୋଗକୁ ଅନଲକ୍ କରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି: ଏହା




ଭାରତର ଆଲୁମିନିୟମ ଯାତ୍ରାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଅଟେ। ଏହାର ପ୍ରଭାବ ଧାତୁ ଉତ୍ପାଦନ, ନିଯୁକ୍ତି ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଓଡ଼ିଶାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମିକୁ ସକ୍ଷମ କରିବ। ରାଜ୍ୟ ସରକାରଙ୍କ ସମୟୋଚିତ ଜମି ଆବଂଟନ ଏହି ପର୍ଯ୍ୟାୟରେ ଆବଶ୍ୟକ ସ୍ପଷ୍ଟତା ଏବଂ ଗତି ପ୍ରଦାନ କରିଛି। ଆମେ ସରକାରଙ୍କ ସକ୍ରିୟ ସମର୍ଥନକୁ ପ୍ରଶଂସା କରୁଛୁ ଏବଂ ନୂତନ ଗତି ସହିତ ବିକାଶର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ପ୍ରଦର୍ଶନୀ ୨୦୨୬ରେ ବେଦାନ୍ତ ଆଲୁମିନିୟମର ପାଭିଲିୟନକୁ ମଧ୍ୟ ଉଦଘାଟନ କରିଥିଲେ। ଏହି ପାଭିଲିୟନଟି କମ୍ପାନୀର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ସହିତ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପ ଇକୋସିଷ୍ଟମକୁ ସମର୍ଥନ କରିଥିଲା। ବୈଦ୍ୟୁତିକ ଗତିଶୀଳତା, ନବୀକରଣୀୟ ଶକ୍ତି, ଭିତିଭୂମି ଏବଂ ପ୍ରତିରକ୍ଷା ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ଉଚ୍ଚ-ଗୁଣବତା ଆଲୁମିନିୟମର ଚାହିଦା ବୃଦ୍ଧି ପାଉଥିବାରୁ, ଏହି ପରିବର୍ତ୍ତନକୁ ସକ୍ଷମ କରିବାରେ ଏହି ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପ୍ରକଳ୍ପ ଭାରତରେ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆଲୁମିନିୟମ ଉତ୍ପାଦନ ଇକୋସିଷ୍ଟମ ବିକାଶ କରିବା ପାଇଁ ବେଦାନ୍ତର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ଦୃଢ଼ କରିଛି।

### ନିର୍ବାଚନ କମିସନଙ୍କୁ ପଚାରିଥିବା ଅନେକ ପ୍ରଶ୍ନର ସ୍ପଷ୍ଟ ଉତ୍ତର ମିଳିନାହିଁ: ବିଜେଡି

## ନିର୍ବାଚନର ୧୯ ମାସ ପରେ ମଧ୍ୟ ଫର୍ମ ୧୭ସି ୱେବ୍‌ସାଇଟ୍‌ରେ ଅପଲୋଡ୍ ହୋଇନାହିଁ

ଭୁବନେଶ୍ୱର, (ସବ୍ୟୁ): ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ବିଜୁ ଜନତା ଦଳ ତରଫରୁ ଦେଶର ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଭେଟି ଲିଖିତ ଭାବରେ ପଚରା ଯାଇଥିବା ବିଭିନ୍ନ ଅସମାହିତ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ତରଫରୁ ପୁଣିଥରେ ଦୋହରା ଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଏହି ଅସମାହିତ ପ୍ରଶ୍ନ ଗୁଡିକ ଉପସ୍ଥାପନ କରି ଦେଶରେ ଏକ ସୁଦୃଢ଼ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏହି ପ୍ରଶ୍ନ ଗୁଡିକର ଉତ୍ତର ଆସିବାର ଆବଶ୍ୟକ ରହିଛି ବୋଲି କହିଥିଲେ । ଡ଼ ସଂତୃପ୍ତ ମିଶ୍ର କହିଥିଲେ, ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜେଡି ଏହି ପ୍ରଶ୍ନର ଉତ୍ତର ଆଶା କରୁଛି । ନିର୍ବାଚନରେ ପ୍ରତି ବୁଥ୍‌ରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭ସିରେ ମିଳିଥାଏ । ଅନେକ ଜାଗାରେ ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ଆମେ ଫର୍ମ ୧୭ସି ପାଇଁ ଆବେଦନ କରିଥିଲୁ, କିନ୍ତୁ ତାହା ପ୍ରଦାନ କରାଗଲା ନାହିଁ । ଦଳ ତରଫରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଏହାକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା । କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ । କିନ୍ତୁ ମାତ୍ର ୨୮ଟି ଆସନରେ ନିର୍ବାଚନ ମାମଲା ଚାଲିଥିବା ବେଳେ ଅନ୍ୟ ଆସନ ଗୁଡିକର ଫର୍ମ ୧୭ସି କାହିଁକି ପ୍ରଦାନ କରାଯିବ ନାହିଁ, ସେନେଇ କୌଣସି ଉତ୍ତର ରଖି ନଥିଲେ । ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନର କୌଣସି ଉତ୍ତର ରଖିନାହାନ୍ତି । ନିର୍ବାଚନ କମିସନ ତାଙ୍କ ଉତ୍ତରରେ ଜଣାଇଥିଲେ ଯେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟ୍‌ରେ ଥିବା ଭୋଟ ସଂଖ୍ୟା ଫର୍ମ ୧୭ ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ତାଳମେଳ ଖାଏ ନାହିଁ, ତାହେଲେ ସେହି ଭୋଟ୍‌କୁ ଗଣତି କରାଯାଏ ନାହିଁ । କିନ୍ତୁ କେତୋଟି ସ୍ଥାନରେ ଏପରି ହୋଇଛି, ତାହା ନିର୍ବାଚନ କମିସନ ସ୍ପଷ୍ଟ କରିନାହାନ୍ତି । ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ ନିର୍ବାଚନ ଅନୁଷ୍ଠିତ ହେବାର ୧୯ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭ସିକୁ ୱେବସାଇଟ୍‌ରେ ଅପ୍ଲୋଡ୍ କଲେ ନାହିଁ । ନିର୍ବାଚନରେ ଅନିୟମିତତା ହୋଇଛି ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ତାକୁ ପ୍ରମାଣିତ କରିବା ପାଇଁ ଫର୍ମ ୧୭ସି ହିଁ ଏକମାତ୍ର ଅସ୍ତ୍ର । ସମ୍ଭବତଃ ସେହି କାରଣରୁ ନିର୍ବାଚନ କମିସନର ଫର୍ମ ୧୭ସି ପ୍ରଦାନ କରିବା ପାଇଁ ବା ଏହାକୁ ୱେବ୍ସାଇଟ୍ରେ ଅପ୍ଲୋଡ୍ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ସେ କହିଛନ୍ତି ।

### ୩୪ ବର୍ଷ ତଳର ସ୍ମୃତି ସାଉଟିଲେ ଗୁରୁ ଶିଷ୍ୟ

ରଣପୁର, (ସବ୍ୟୁ) :ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩୪ ବର୍ଷ ତଳର ଗୁରୁ ଶିଷ୍ୟ । ରବିବାର ଦିନ ୧୯୯୨ ମସିହା ଦଶମ ଶ୍ରେଣୀ ଛାତ୍ର ଭାଗୀରଥି ସାମନ୍ତରାୟ, ସୁକାନ୍ତ କୁମାର ବରାଡ, ଅନୁପମା ଦାଶ ଓ ଲକ୍ଷ୍ମୀପ୍ରିୟା ପାଢୀଙ୍କ ଉଦ୍ୟମରେ ବିଦ୍ୟାଳୟରେ ପୁରୁଣା ଗୁରୁ ଶିଷ୍ୟ ଙ୍କୁ ନେଇ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ତତ୍କାଳୀନ ପୂର୍ବତନ ଶିକ୍ଷକ ବିଶ୍ୱରଂଜନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଦିବଂଗତ ତତ୍କାଳୀନ ଶିକ୍ଷକ ବୀରକିଶୋର ବେହେରା, ବୈଷ୍ଣବ ପ୍ରଧାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୈାରାଙ୍ଗ ପ୍ରଧାନ ଓ ଶିଷ୍ୟ ବିସନ୍ତ ପାଢୀଙ୍କ ଅମରଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା ।

### ୪୬ ହଜାରରୁ ଉର୍ଦ୍ଧ୍ୱ ସିଆର୍‌ପି ଭଉଣୀମାନଙ୍କୁ ସ୍ମାର୍ଟ ଫୋନ

## କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂଆ ୟୁନିଫର୍ମ ଏବଂ ପରିଚୟ କାର୍ଡ

ଭୁବନେଶ୍ୱର, (ସବ୍ୟୁ): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି।ଆଜି ମିଶନ ଶକ୍ତି ଭବନ, ଭୁବନେଶ୍ୱର ଠାରେ "ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ



ଫେରସ୍ତ" କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, "ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଷ୍ଟାଲୱାର୍ଟ ଜାନାଡୁର ଶୁଭ ଉଦ୍‌ଘାଟନ, ରାଜ୍ୟରେ ପ୍ରଥମ ପିକଲ୍ ବଲ୍ ସୁବିଧା ସହିତ ବିଶ୍ୱସ୍ତରୀୟ ଜିମ୍

କଟକ, (ସବ୍ୟୁ) : ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ଷ୍ଟାଲୱାର୍ଟ ଜିମ୍ ର ଦ୍ୱିତୀୟ ଶାଖାର ପବିତ୍ର ଗଜ ଉଦ୍ଧାରଣ ଦିବସରେ ଶୁଭ ଉଦଘାଟନ ସମାରୋହ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ଶୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଜିମ ଫିଟ୍ନେସ୍ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ସକ୍ଷମ ହେବ




ବୋଲି ଉଦଘାଟନ ଅବସରରେ ଉପସ୍ଥିତ ଅତିଥିମାନେ କହିଛନ୍ତି। 'ଷ୍ଟାଲୱାର୍ଟ ଜାନାଡୁ' ନାମରେ ପରିଚିତ ଏହି ନୂତନ ଶାଖା ଫିଟ୍ନେସ୍ ପ୍ରେମୀମାନଙ୍କ ପାଇଁ ଏକ ନୂତନ ମାଇଲ ଖୁଣ୍ଟ ଭାବେ ହେବ ପରିଚିତ। ପ୍ରାୟ ୧୦,୦୦୦ ବର୍ଗଫୁଟ୍ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଇଟାଲି, ଯୁକ୍ତରାଷ୍ଟ୍ର, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟ୍ଟା, ହୋଇଷ୍ଟ, ସ୍ପୋର୍ଟସ୍ ଆର୍ଟ, ଥୋର୍, ଶୁଆ, ଅକ୍ଟେନ୍ ଓ ଆକ୍ୟୁନିକ୍ ଦ୍ୱାରା ନିର୍ମିତ ଅଲିମ୍ପିକ୍ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେଙ୍ଗ୍‌ଥ୍ ଟ୍ରେନିଂ ଓ କ୍ରସଫିଟ୍ ସହିତ ଫୁଲ୍ ବଡି କମ୍ପୋଜିସନ୍ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ୍ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱୀକୃତ ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରକୁ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶରୀର ଓ ମନର ସମଗ୍ର ସୁସ୍ଥତାକୁ ଗୁରୁତ୍ୱ ଦେଇ, ଜିମ୍‌ରେ ଆଇସ୍ ବାଥ୍, ଷ୍ଟିମ୍ ବାଥ୍ ଓ ଫୁଲ୍ ବଡି ମାସାଜ୍ ସୁବିଧା ମଧ୍ୟ ରହିଛି। ଏହା ସହିତ ଓଡ଼ିଶାର ପ୍ରଥମ ପିକଲ୍ ବଲ୍ ଖେଳ ସୁବିଧା ପ୍ରଦାନ କରୁଥିବା ଜିମ୍ ଭାବେ 'ଷ୍ଟାଲୱାର୍ଟ ଜାନାଡୁ' ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ଏହାର ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ୍ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।

## ପୂର୍ବତନ ସାଂସଦ ସୁଶିଳା ତିରିଆଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ସାଂସଦ, ବିଶିଷ୍ଟ ନାରୀନେତ୍ରୀ ମିସ୍ ସୁଶିଳା ତିରିଆଙ୍କ ରବିବାର




ରାତିରେ ଦିଲ୍ଲୀରେ ପରଲୋକ ହୋଇଛି । ତାଙ୍କର ପାର୍ଥିବ ଶରୀର ସୋମବାର ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳିୟ ପତାକା ପକାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ତାଙ୍କର ମରଶରୀର ବାରିପଦା ଅଭିମୁଖେ ଯାତ୍ରା କରିଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ଜୟଦେବ ଜେନା, ଶରତ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ସନ୍ତୋସ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ, ନକୁଳ ନାୟକ, ନଗେନ୍ଦ୍ର ପ୍ରଧାନ, ଚିନ୍ମୟ ସୁନ୍ଦର ଦାସ, କୁମାର ଶ୍ରୀ ଚିରଞ୍ଜିବ, ରଜନୀ ମହାନ୍ତି, ସୁର୍ଦଶନ ଦାସ, ମିହିର ଆଚାର୍ଯ୍ୟ, ତରୁଣ ମିଶ୍ର, ପ୍ରଦୀପ ମହାପାତ୍ର, ଆଲୋକ ମହାନ୍ତି, ନଳିନୀ କାନ୍ତ ନାୟକ, ପ୍ରଭାସ କର ମହାପାତ୍ର, ଯୋଗୀନାଥ ବାହୁ ବଳେନ୍ଦ୍ର, ରଞ୍ଜିତା ହେମ୍ବ୍ରମ, ମନୋଜ ବିଶ୍ୱାଳ ଓ ମିନାକ୍ଷୀ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

### କେନ୍ଦ୍ରୀୟ ବଜେଟରେ ଓଡ଼ିଶାର ରେଳ ବିକାଶ ପାଇଁ ୧୦, ୯୨୮ କୋଟିର ଐତିହାସିକ ଅନୁଦାନ

## 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ଐତିହାସିକ ଅନୁଦାନ ପ୍ରଦାନ କରାଯାଇଛି, ଯାହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ରେକର୍ଡସଂଖ୍ୟକ ଅନୁଦାନ ରାଜ୍ୟର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ମୋଦୀ ସରକାରଙ୍କ ସମୟରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ମସିହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱର୍କଠାରୁ ମଧ୍ୟ ଅଧିକ । ଏଥିସହିତ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତୀକରଣର ଗୌରବ ହାସଲ କରିଛି, ଯାହା ମୋଦୀ ସରକାରଙ୍କ 'ସେବା ଓ ସୁଶାସନ'ର ଏକ ଜ୍ୱଳନ୍ତ ଉଦାହରଣ ।

ଓଡ଼ିଶାରେ 'ଅମୃତ ଷ୍ଟେସନ ଯୋଜନା' ମାଧ୍ୟମରେ ୨,୪୩୯ କୋଟି ଟଙ୍କା ବ୍ୟୟରେ ୫୯ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହା ମଧ୍ୟରୁ କଟକ, ତାଳଚେର, ବାରିପଦା, ବରପାଲି, ବିମଳାଗଡ଼ ଓ ପାରଳାଖେମୁଣ୍ଡିରେ ୬ଟି ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ରାଜ୍ୟରେ ଚଳାଚଳ କରୁଥିବା ୬ଟି ବନ୍ଦେ ଭାରତ ଓ ୬ଟି ଅମୃତ ଭାରତ ଏକ୍ସପ୍ରେସ ଯାତ୍ରୀ ପରିବହନ ସେବାକୁ ଅଧିକ ସୁଗମ କରିଛି । ଯାତ୍ରୀଙ୍କ ସୁରକ୍ଷା ପାଇଁ ୬୩୨ଟି ଫ୍ଲାଏଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି ଏବଂ ଅତ୍ୟାଧୁନିକ 'କବଚ' ସୁରକ୍ଷା ପ୍ରଣାଳୀର ବ୍ୟାପକ ପ୍ରୟୋଗ କରାଯାଉଛି। ଚଳିତ ବଜେଟରେ ପ୍ରସ୍ତାବିତ 'ଡେଡିକେଟେଡ୍ ଇଷ୍ଟ-ୱେଷ୍ଟ ଫ୍ରେଟ୍ କରିଡର' ଓଡ଼ିଶାର ଅର୍ଥନୀତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବାକୁ ଯାଉଛି । ଏହି କରିଡର ପଶ୍ଚିମବଙ୍ଗ ଠାରୁ ଝାଡଖଣ୍ଡ ଏବଂ ଓଡ଼ିଶା ଦେଇ ଛତିଶଗଡ଼, ମହାରାଷ୍ଟ୍ର ଓ ଗୁଜରାଟକୁ ସଂଯୋଗ କରିବା ସହ ରାଜ୍ୟର ଶିଳ୍ପାୟନ ଓ ଯାତ୍ରୀସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ଏହି ରେକର୍ଡସଂଖ୍ୟକ ଅନୁଦାନ 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

### ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଡ୍ରୋନ୍ ଉଡ଼ିବା ଉପରେ କଟକଣା

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଡ୍ରୋନ୍ ଉଡ଼ିବା ଉପରେ କଟକଣା ।ଫେବୃଆରୀ ୩ ତାରିଖ ଅପରାହ୍ନ ୧୨ ଘଟିକାରୁ ୪ ତାରିଖ ଅପରାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ପୁରୀ ସହର "ଡ୍ରୋନ ମୁକ୍ତ ଅଞ୍ଚଳ" ବା "ନୋ ଫ୍ଲାଇଙ୍ଗ ଜୋନ" ଘୋଷଣା କରାଯାଇଛି ।ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ଓ ୪ ତାରିଖ ପୁରୀ ଗସ୍ତରେ ଆସୁଛନ୍ତି ।ରାଷ୍ଟ୍ରପତି ୩ ତାରିଖରେ ପହଞ୍ଚି ପୁରୀ ଲୋକ ଭବନରେ ରାତ୍ରି ଯାପନ କରିବେ ଓ ପରଦିନ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରି,ମହାପ୍ରଭୁଙ୍କ ଦର୍ଶନ କରି ଫେରି ଯିବେ ।ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ "ବ୍ଲ୍ୟୁ ବୁକ୍" ଅନୁଯାୟୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପୁରୀ ସହରର ୧୦ କିମି ପରିସୀମା ଅଞ୍ଚଳକୁ "ନୋ ଫ୍ଲାଇଙ୍ଗ ଜୋନ" ବା "ଡ୍ରୋନ ମୁକ୍ତ ଅଞ୍ଚଳ" ଘୋଷଣା କରିଛନ୍ତି। ଏସପିଙ୍କ ସୁରକ୍ଷା ସମ୍ପର୍କିତ ପତ୍ର ଆଧାର ରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି।

## ବଜେଟ ୨୦୨୬-୨୭ରେ ଓଡ଼ିଶା ପାଇଁ ରେଳ ନିବେଶର ଐତିହାସିକ ବୃଦ୍ଧି

ଜଟଣୀ, (ସବ୍ୟୁ) : ବଜେଟ୍ ୨୦୨୬-୨୭ରେ ଓଡ଼ିଶାର ରେଳ ପୂର୍ବାଧାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ହୋଇଛି, ଏ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ସମସ୍ତ ମଣ୍ଡଳ ପ୍ରବନ୍ଧକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଓଡିଶା ପାଇଁ ପ୍ରଦତ୍ତ ବଜେଟ ବାବଦରେ ସୂଚନା ଦେଇଥିଲେ କ୍ଷ ରାଜ୍ୟ ପାଇଁ ବାର୍ଷିକ ରେଳ ଆବଣ୍ଟନ ୧୦,୯୨୮ କୋଟିକୁ ପହଞ୍ଚିଛି, ଯାହା ୨୦୦୯-୧୪ ଅବଧି ସହିତ ତୁଳନା କଲେ ପ୍ରାୟ ୧୩ ଗୁଣା ଅଧିକ। ବର୍ତ୍ତମାନ ରାଜ୍ୟରେ ୯୦,୬୫୯ କୋଟି ମୂଲ୍ୟର ରେଳ ପୂର୍ବାଧାର କାର୍ଯ୍ୟ ଚାଲୁ ରହିଛି, ଯାହା ନୂଆ ରେଳ ଲାଇନ୍ ନିର୍ମାଣ, ଡବଲିଂ, ଷ୍ଟେସନ୍ ପୁନର୍ବିକାଶ ଏବଂ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକୁ ଆବର୍ତ୍ତ କରୁଛି। ଅମୃତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ୫୯ଟି ଷ୍ଟେସନ୍ ପୁନର୍ବିକାଶ ପାଇଁ ଚିହ୍ନଟ ହୋଇଥିବା ବେଳେ, ୬ଟି




ଷ୍ଟେସନର କାମ ସମ୍ପୂର୍ଣ୍ଣ ହୋଇଛି। ୨୦୧୪ ଠାରୁ ରାଜ୍ୟର ସମସ୍ତ ରେଳ ମାର୍ଗର ୧୦୦% ବିଦ୍ୟୁତୀକରଣ ସମ୍ପନ୍ନ ହୋଇଛି। ଏହା ସହିତ ପ୍ରାୟ ୨,୨୦୦ କି.ମି. ନୂଆ ଟ୍ରାକ୍ ନିର୍ମାଣ ଏବଂ ୬୩୨ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ ହୋଇ ସୁରକ୍ଷା ଓ ପରିଚାଳନା କ୍ଷମତାରେ ଉନ୍ନତି ଆସିଛି। ବନ୍ଦେ ଭାରତ ଓ ଅମୃତ ଭାରତ ଏକ୍ସପ୍ରେସ୍ ସେବାର ପରିଚୟ ରାଜ୍ୟର ଯାତ୍ରୀ ସଂଯୋଗକୁ ଆହୁରି ସୁଦୃଢ଼ କରିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ସଭା କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଣ୍ଡଳ ପ୍ରବନ୍ଧକ ଅନିଲ କୁମାର ତ୍ରିପାଠୀ ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ ।

# ମହାନଦୀବିହାରରେ ଶ୍ରୀ ଜଗନ୍ନାଥ ଉଦ୍ୟାନ ଲୋକାର୍ପିତ

କଟକ, (ସ୍ୱପ୍ର): ମହାନଦୀ ବିହାରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି । ସିଏମସି ୪୭ନଂ ୱାର୍ଡସ୍ଥିତ ମହାନଦୀବିହାରରେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନର ସହଯୋଗରେ ୪୨ ହଜାର ବର୍ଗଫୁଟ ପରିମିତ ଜାଗାରେ ୨.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ପୋଲିସ ହାଉସିଂ କର୍ପୋରେସନ ଦ୍ୱାରା ନିର୍ମିତ ଜଗନ୍ନାଥ ଉଦ୍ୟାନଟି ସୋମବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଛି । ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଉଦଘାଟକ, ମୁଖ୍ୟ ଅତିଥି ସିଏମସି ମେୟର ସୁବାସ ସିଂହ, ସମ୍ମାନିତ



ଅତିଥି ସିଏମସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଉଦ୍ୟାନରେ ଏଣିକି ସ୍ଥାନୀୟ ବାସିନ୍ଦା ପ୍ରାତଃଭ୍ରମଣ ସହିତ ଓପନ ଜିମ ଓ ଛୋଟ ପିଲାମାନେ ବିଭିନ୍ନ ଖେଳର ମଜା ନେଇପାରିବେ । ଉଦ୍ୟାନ ମଝିରେ ଅତ୍ୟାଧୁନିକ ଝରଣା, ଉନ୍ନତ ଘାସ, ମାଟି, ଶୌଚାଳୟ ଏବଂ ସୌନ୍ଦର୍ଯ୍ୟକରଣ ଆଲୋକ ଆଦି ମହଜୁଦ ରହିଛି । ଏହି କାର୍ଯ୍ୟକ୍ରମରେ ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଗୋପାଳକୃଷ୍ଣ ବେହେରା, ପ୍ରମୋଦ ଦାସ, ଚତୁର୍ଭୁଜ ମହାପାତ୍ର, ବିଦ୍ୟା ପରିଡା, ଭାଗୀରଥୀ ସାମଲ, ଭିଭୂ ପ୍ରସାଦ କର, ଅତନୁ ସାମନ୍ତ, ଶ୍ରୀନିବାସ ଦାସ, ମାନସ ରଞ୍ଜନ ବେହେରା, ବିଭୂତି ଭୂଷଣ ଦାସ, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏମଡିଏର ସଭାପତି ସଞ୍ଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# କୋର୍ଟରେ ହାଜର ହେଲେ ବିକ୍ରମ ସମେତ ୧୫ ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ): ଆଇନଜୀବୀ ତଥା ବ୍ରହ୍ମପୁରର ବିଜେପି ନେତା ପିତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ସମେତ ୧୫ ଜଣ ଅଭିଯୁକ୍ତ ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ସୋମବାର ହାଜର ହୋଇଛନ୍ତି । ପୂର୍ବରୁ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲା କୋର୍ଟକୁ ଆସିଥିଲା । ଆଜି ସମସ୍ତ ଅଭିଯୁକ୍ତଙ୍କୁ ଜିଲା କୋର୍ଟରେ ହାଜର ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା । ସେହିକ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବିକ୍ରମ ପଣ୍ଡା ସମେତ ୧୪ ଜଣ ଅଭିଯୁକ୍ତ ଏବଂ ଫୁଲବାଣୀ ମଣ୍ଡଳ କାରାଗାରରେ ରହୁଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଆଣି କୋର୍ଟରେ ହାଜର କରାଯାଇଥିଲା । ହେଲେ ଏହି ମାମଲାର



ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ଅସୁସ୍ଥ ଥିବାରୁ ଆଜି କୋର୍ଟରେ ହାଜର ହୋଇ ପାରିନଥିଲେ । ଉକ୍ତ ଅଭିଯୁକ୍ତ ଆଜି କୋର୍ଟରେ ହାଜର ହୋଇପାରିନଥିବାରୁ ଜିଲା ଜଜ୍ ଆସନ୍ତା ୬ ତାରିଖକୁ ପୁଣି ଥରେ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ହାଜର ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପିତବାସ ପଣ୍ଡାଙ୍କୁ ବୈକୁ=ନଗର ଛକ ଠାରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପିଲିସ ପର୍ଯ୍ୟାୟକ୍ରମରେ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବ ଶଙ୍କର ଦାଶ, ବିଜେଡି ନେତା ମଦନ, ବିଜେଡି କର୍ପୋରେଟର ମଳୟ ବିଷୋୟୀ, ଶୂନ୍ୟଚନ୍ଦ୍ର ଦାଶ, ସୁନୀଲ ହୋତା, ଉମା ବିଷୋୟୀ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦ କୁମାର, ଶିଶୁପାଳ କୁମାର ପାଶ୍ୱାନ, ଯୋଗୀ ରାଉତ, ରାଜେନ୍ଦ୍ର ସାହୁ, କାଳୁଚରଣ ଭୂୟାଁଙ୍କୁ ମିଶାଇ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା ଛ ପୂର୍ବରୁ ଏହି ମାମଲାର ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି । ଆଗାମୀ ଦିନରେ ଏହି ମାମଲାର ବିଚାରଣ ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାରଣ ଆରମ୍ଭ ହେବ ବୋଲି ଓକିଲ ପଟ୍ଟନାୟକ କହିଛନ୍ତି ।

## ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି......

## ଛାତ୍ରବତ୍ସଳ ଶିକ୍ଷକ ଥିଲେ ବଙ୍ଗାଳି ଚରଣ ସାହୁ



ଚଣ୍ଡିଖୋଲ/ଚଡେଇଧରା,(ସବ୍ୟୁ) ଯାଜପୁର ଜିଲ୍ଲା ତଥା ଧର୍ମଶାଳା ଅଞ୍ଚଳର ସୁଯୋଗ୍ୟ ଶିକ୍ଷାବୀତ ,ଛାତ୍ରବତ୍ସଳ ଶିକ୍ଷକ ତଥା ବହୁ ଗୁଣର ଅଧିକାରୀ ସବୁ ଲୋକଙ୍କ ଆଦରର ବଙ୍ଗାଳିଚରଣ ସାହୁଙ୍କୁ ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି,ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି! ସୋମବାର ଦିନ ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତର ଶ୍ୟାମସୁନ୍ଦରପୁର ସ୍ଥିତ ତାଙ୍କ ବାସଭବନରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକାଦଶାହ ତିଥିରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କୁ ଜଣେ ପ୍ରେରଣାଦାୟୀ ଓ ଛାତ୍ରବତ୍ସଳ ଗୁରୁଜୀଭାବେ ବର୍ଣ୍ଣନା କରି ସେ ବହୁଗୁଣର ଅଧିକାରୀ ଥିଲେ ବୋଲି କହିଥିଲେ। ସ୍ୱର୍ଗତ ବଙ୍ଗାଳି ଚରଣ ସାହୁ ତାଙ୍କ ଶିକ୍ଷକତା ଜୀବନ କାଳରେ ନିଜକୁ ଉତ୍ସର୍ଗ କରି ଶହଶହ ଉତ୍ତମ ଛାତ୍ରଛାତ୍ରୀ ଗଢିବା ସହ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ବହୁ ବକ୍ତା ନିଜ ବକ୍ତବ୍ୟରେ ପ୍ରକାଶକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏଥିରେ ଶିକ୍ଷାବୀତ ଶିବପ୍ରସାଦ ଜେନା,କୃଷ୍ଣଚନ୍ଦ୍ର ସାହୁ,ଦାଶରଥୀ ଜେନା,ଜଗନ୍ନାଥ ମହାରଣା,ଅଲେଖଚନ୍ଦ୍ର ସାହୁ,ସାବିତ୍ରୀ ସାହୁ,ରୋହିତକୁମାର ଦାସ,ଭିମସେନ ଭୂୟାଁ,ରାହାସ ବିହାରି,ପଞ୍ଚାନନ ଦଳେଇ,ରଙ୍ଗଲତା ପରିଡା,ସ୍ୱର୍ଗତ ବଙ୍ଗାଳି ସାରଙ୍କ ଛାତ୍ର ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ନରେଶକୁମାର ଜେନା,ଗୋକୁଳାନନ୍ଦ ମହାନ୍ତିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରମୁଣ୍ଡଳି ସ୍ଥିତ କୃଷ୍ଣଚନ୍ଦ୍ରପୁର ୟୁଜିଏମଇ ସ୍କୁଲରୁ ସ୍ୱର୍ଗତ ସାହୁ ଅବସର ନେବାପରେ ନିଜକୁ ସମାଜ ସେବାରେ ନୀୟୋଜିତକରି ସଭିଙ୍କ ପ୍ରିୟପାତ୍ର ଥିଲେ ଓ ନିଜ ଗ୍ରାମ ଓ ଅଞ୍ଚଳର ବିକାଶ ପାଇଁ କାମ କରୁଥିଲେ! ଏହି ଶ୍ରଦ୍ଧାଞ୍ଜଳି ସଭାକୁ ପୁତୁରା ରବିନାରାୟଣ ସାହୁ ଓ ସ୍ୱର୍ଗତ ସାହୁଙ୍କ ପୁଅ ଆଲୋକ ସାହୁ ସଂଚାଳନ କରିଥିଲା ବେଳେ ଅନ୍ୟତମ ପୁତୁରା ଅଧ୍ୟାପକ ଅଭିମନ୍ୟୁ ସାହୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# କେନ୍ଦ୍ର ଲୋକାଭିମୁଖୀ ବଜେଟକୁ ସ୍ୱାଗତ

ବ୍ରହ୍ମପୁର, (ସବ୍ୟୁ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ସଂସଦରେ ୫୩,୪୭,୩୧୫ କୋଟି ଟଙ୍କାର ୨୦୨୬/୨୭ ବର୍ଷ ପାଇଁ ବଜେଟ ଆଗତ କରିଛନ୍ତି । ଏହା ଏକ ଲୋକାଭିମୁଖୀ, ଯୁଗାନ୍ତକାରୀ ଓ ଯୁବ ଶକ୍ତି ବଜେଟ । ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର କରିବା ପାଇଁ ଏହି ବଜେଟ ଅଭିପ୍ରେତ । ଏହି ବଜେଟ ତିନୋଟି ମୂଖ୍ୟ କର୍ତ୍ତବ୍ୟ ଉପରେ ଆଧାରିତ । ଯଥା ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ଦେଶବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଓ ଉତ୍ତମ ଶାସନ ପାଇ ଫୋର୍ସ ମଲଫିପ୍ଲାୟର ଭାବେ କାର୍ଯ୍ୟ କରିବାକୁ ଜ୍ଞାନ କୌଶଳର ବିକାଶ ରହିଥିବା ବେଳେ ଓଡ଼ିଶାର ବିକାଶ ଦିଗରେ ଗୁରୁତ୍ୱପର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୁବ, ମହିଳାଙ୍କ ପାଇଁ ସୁଭଦ୍ରା, ଉତ୍କର୍ଷ ଓଡ଼ିଶା ଭଳି ଟିଟାନିୟମ ପ୍ରଡକସନ କମ୍ପେକ୍ସ ଆଦି ସମୃଦ୍ଧ ଓଡ଼ିଶା ପ୍ରଦେଶ ଗଠନ ପଦକ୍ଷେପକୁ ଏହି ବଜେଟ କ୍ରିୟାଶୀଳ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ




ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଓ ଆର୍ଥିକ ସୁଦୃଢୀକରଣ, ମଧ୍ୟବିତ୍ତ ଶ୍ରେଣୀର ସଶକ୍ତିକରଣ, ଦକ୍ଷ ମାନବ ସମ୍ବଳ ସୃଷ୍ଟି, ପୂର୍ବୋଦୟ ଭାରତର ବିକାଶ, ଗ୍ରାମୀଣ ଜନଜୀବନକୁ ପୁନର୍ଜୀବିତ କରିବା, ସହରୀ କରଣ, କୃଷି ଓ କୃଷକର ସାମଗ୍ରିକ କଲ୍ୟାଣ, ନାରୀ ଶକ୍ତିର ନେତୃତ୍ୱ ସାମାଜିକ ନ୍ୟାୟ ଓ ସମସ୍ତ ବର୍ଗର କଲ୍ୟାଣ ମାଧ୍ୟମରେ ଅମୃତ କାଳ, ଐତିହ ଓ ପର୍ଯ୍ୟଟକ ଶିଳ୍ପର ବିକାଶ ଲକ୍ଷ୍ୟରେ ଏହି ଯୁଗାନ୍ତକାରୀ ଓ ଐତିହାସିକ ବଜେଟ ଉପସ୍ଥାପନ ହୋଇଛି । ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି ପ୍ରକ୍ରିୟାକରଣ, ଗବେଷଣା ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଦେଶର ମାଇନିଙ୍ଗ କ୍ୟାପିଟାଲ ଓଡ଼ିଶାରେ ରେୟାର ଅର୍ଥ କରିଡ଼ର ପ୍ରତିଷ୍ଠା ଘୋଷଣା ହୋଇଛି । ଫଳରେ ବିରଳ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ । ଜିଲ୍ଲାର ଛତ୍ରପୁର ଠାରେ ପ୍ରତିଷ୍ଠା ହୋଇଥିବା ମାଟିଖାଲ ସ୍ଥିତ ଭାରତୀୟ ବିରଳ ମୃତ୍ତିକା କମ୍ପାନୀରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ସହିତ ଆମ ଦେଶର ପ୍ରତିରକ୍ଷା ମନ୍ତ୍ରାଳୟକୁ ସଶକ୍ତ କରିବ । ଏହା ସହିତ ସ୍ଥାନୀୟ ଶିଳ୍ପ ଏବଂ ବୈଦ୍ୟୁତିକ ଓ ଅକ୍ଷୟ ଶକ୍ତି ସମେତ ଉଚ୍ଚ ବୈଷୟିକ କ୍ଷେତ୍ରକୁ ପ୍ରୋସାହନ ଦେଇ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହାସହିତ ମୋନୋସାଇଟ, ଟିଟାନିୟମ୍, ପିଗମେଣ୍ଟ, ଜିର୍କୋନିଅମ ଭଳି ଅନେକ ବିରଳ ଖଣିଜ ପଦାର୍ଥ ପ୍ରକ୍ରିୟାକରଣ ଓ ଉତ୍ପାଦନ ଏବଂ ଅନେକ ଶିଳ୍ପ ପ୍ରତିଷ୍ଠା ଦିଗରେ ସହାୟକ ହେବ । ଲିୟମ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ସୁରକ୍ଷିତ ଓ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ ମିସନ୍ ମାଧ୍ୟମରେ ଆସନ୍ତା ୭ ବର୍ଷରେ ୩୪,୦୦୦ କୋଟି ଟଙ୍କା ବ୍ୟୟ କରାଯିବ । ଖଣିଜ ଯୋଗାଣ ଶୃଙ୍ଖଳା ପାଇଁ ୧୬,୩୦୦ କୋଟି ଟଙ୍କା, ଆମଦାନୀ ଉପରେ ନିର୍ଭରଶୀଳତା ହ୍‌ରାସ କରିବା ପାଇଁ, ୪ ଟି ରାଜ୍ୟରେ ନୂତନ ରେୟାର ଅର୍ଥ କରିଡର ଏବଂ କୋଇଲା ବାଷ୍ପୀକରଣ ପାଇଁ ୩୫,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ପୂର୍ବତଟ ବିକାଶ କରିଡର ଗଠନରେ ଏହି ବଜେଟ ଗୁରୁତ୍ୱ ବହନ କରିଛି । ଫଳରେ ଉପକୂଳ ଅଞ୍ଚଳ ପର୍ଯ୍ୟଟନ ଓ ଅର୍ଥନୈତିକ ହବ୍ ପାଲଟିବ । ଉପକୂଳ ସଂଯୋଗ ହେତୁ ଗଞ୍ଜାମ ଜିଲ୍ଲା ଲାଭାନ୍ୱିତ ହେବ । ଗଞ୍ଜାମ ଜିଲ୍ଲାର ଉପକୂଳ ବିକାଶ ସହିତ ଚିଲିକା ଉପକୂଳ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ । ମିଶନ ପୂର୍ବୋଦୟ ଯୋଜନା ରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାକୁ ବିକଶିତ ଭାରତର ଏକ ଅଭିବୃଦ୍ଧି ଇଞ୍ଜିନରେ ପରିଣତ କରିବ । ୨୦ ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ ତନ୍ମଧ୍ୟରେ ଓଡ଼ିଶାର ଏନଡବ୍ଲୁ୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ । ଖଣିଜ ସମୃଦ୍ଧ ଅଞ୍ଚଳ ସହିତ ପ୍ରମୁଖ ଶିଳ୍ପ ଓ ବନ୍ଦର ସଂଯୋଗ ହେବ ବୋଲି ଆଜି ସ୍ଥାନୀୟ ଷ୍ଟେସନ ରୋଡ ସ୍ଥିତ ସାର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ ଓ ପରିବହନ, ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ନାୟକ, ବରିଷ୍ଠ ବିଜେପି ନେତା କାହ୍ନୁଚରଣ ପତି, ସୁନିଲ କୁମାର ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ, ଗୌରହରିଶଙ୍କର ନାୟକ, ତୁତୁନ ପାତ୍ର, ଶିବ ଶଙ୍କର ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଏଲଆଇସି କଟକ ମଣ୍ଡଳ ପକ୍ଷରୁ ଆଶ୍ରମ ଶିଶୁଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ



କଟକ,(ସ୍ୱପ୍ର): ଭାରତୀୟ ଜୀବନବୀମା ନିଗମ କଟକ ମଣ୍ଡଳ ଆନୁକୂଲ୍ୟରେ ଜାଗୃତ ଓଡ଼ିଶା ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଗତକାଲି ଜୋବ୍ରା ସ୍ଥିତ ମେରିଟାଇମ ମ୍ୟୁଜିଏମ୍ ଠାରେ ଆଶ୍ରମ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପାଖାପାଖି ୨୦୦ ଜଣ ଆଶ୍ରମ ଶିଶୁଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଶେଷରେ ସମସ୍ତ ଶିଶୁମାନଙ୍କୁ ଭାରତୀୟ ଜୀବନବୀମା ନିଗମ କଟକ ମଣ୍ଡଳ ପକ୍ଷରୁ ଗୋଟିଏ ଗୋଟିଏ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା । ଉକ୍ତ ଉତ୍ସବରେ ଭାରତୀୟ ଜୀବନବୀମା ନିଗମ କଟକ ମଣ୍ଡଳ, କଟକବ୍ରାଞ୍ଚ-୧ ବୃତ୍ତିକ ଶାଖାର କର୍ମଚାରୀ, ଜାଗୃତ ଓଡ଼ିଶା, ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଭାରତୀୟ ଜୀବନବୀମା ନିଗମର ଏପରି ଜନହିତକର କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ଜାହିରାପୀଠରେ ବିଦୁ ଚାନ୍ଦାନ ପୂଜା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗ ଓ ହେରିଟେଜ୍ କ୍ଲବ ଦ୍ୱାରା ବିଶ୍ୱବିଦ୍ୟାଳୟର ପବିତ୍ର କୁଞ୍ଜରେସ୍ଥିତ ଜାହିରାପୀଠରେ ଜ୍ଞାନ, ବୁଦ୍ଧି, ଶିକ୍ଷା ଏବଂ ସମସ୍ତ କଳାର ପ୍ରତିନିଧିତ୍ୱ କରୁଥିବା ଦେବାଦେବୀ ବିଦୁ ଚାନ୍ଦାନଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ସଂଯୋଜକ ଡଃ ଯତିନ୍ଦ୍ରନାଥ ବେଶ୍ରାଙ୍କ ତତ୍ତ୍ୱାବଧାନତାରେ ପାରମ୍ପରିକ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ନାୟକେ ଆନପା କିସ୍କୁଙ୍କ ଦ୍ୱାରା ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପରେ ସମସ୍ତେ ବିଦୁ ଚାନ୍ଦାନ ନେହର ଗାନ କରିଥିଲେ ଏବଂ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି




ପରିଡ଼ା ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ ବିଷ୍ଣୁପ୍ରିୟା ହାଁସଦାଃ ମଧ୍ୟ ଉପସ୍ଥିତ ଥିଲେ । ତତ୍‌ସହିତ କାର୍ଯ୍ୟକ୍ରମରେ ଅତିଥି ଅଧ୍ୟାପକ ପୀଲଚୁଆନୁ ଠାକୁର ମୁର୍ମୁ ଓ ଅଧ୍ୟାପିକା ନାନଗୀ ମାର୍ଣ୍ଡି ଗବେଷକ ସଞ୍ଜୟ କୁମାର ହେମ୍ବ୍ରମ୍ ଓ ଦୁର୍ଗା ସୋରେନ ବିଭାଗର ଛାତ୍ରଛାତ୍ରୀ ଗଣେଶ ଟୁଡୁ, ପାଣ୍ଡୁ କୁମାର ମୁର୍ମୁ, ଧାନୀପ୍ରୀୟା ସୋରେନ, ସଙ୍ଗୀତା ମୁର୍ମୁ, ମମତା, ଲକ୍ଷ୍ମୀ, ସଞ୍ଜିବ୍, ଶ୍ରୀଧର, ବାଲହି ଓ ସୁନିତା ଉପସ୍ଥିତ ଥିଲେ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାରିପଦା, ଏମ୍‌ସିଏମ୍ କଲେଜ ମହାରାଜପୁର ଓ ଉକିଳ ବନାନୀ ସ୍ନାତକ ମହାବିଦ୍ୟାଳୟ ଚକ୍‌ଶୁଳିଆପଦାର ଅଧ୍ୟାପକ ଓ ଛାତ୍ରଛାତ୍ରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

# ଲେଖକ ଓ ଗବେଷକ ନଟବର ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର, (ସବ୍ୟୁ): ଓଡିଶାର ବିଶିଷ୍ଟ ପ୍ରାକୃତିକ ଚାଷ ବିଶାରଦ, ପ୍ରଗତିଶୀଳ ଚିନ୍ତକ, ଲେଖକ ତଥା ଗବେଷକ ନଟବର ଷଡଙ୍ଗୀଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ସ୍ଥାନୀୟ କୋର୍ଟପେଟା ସ୍ଥିତ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜଣାଶୁଣା ଲେଖିକା ଡଃ ବିଧୁପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ । ପ୍ରଥମେ ସଭା ଆରମ୍ଭରେ ନଟବର ବାବୁଙ୍କ ଫୋଟୋରେ ପୁଷ୍ପାର୍ପଣ କରିଥିଲେ ନଟବର ବାବୁ ଉଭୟ କୃଷି ଓ କୃଷକଙ୍କ ପାଇଁ ସମର୍ପିତ ଜଣେ ମହାନ ବ୍ୟକ୍ତି ଥିଲେ । ସେ ଜୀବନର ଶେଷ ପର୍ଯ୍ୟନ୍ତ କେବଳ ପ୍ରକୃତି ଓ ପ୍ରାକୃତିକ ଚାଷକୁ ଭଲ ପାଉ ନଥିଲେ ବରଂ ରାସାୟନିକ ସାର ଓ କୀଟନାଶକରୁ ଚାଷକୁ ମୁକ୍ତ କରି ପ୍ରାକୃତିକ ଚାଷକୁ ବଞ୍ଚାଇବାର କାମରେ ଲାଗିଥିଲେ । ସେ ନିଜ ଉଦ୍ୟମରେ ଦେଶୀ ଧାନର ୭୦୦ରୁ ଉର୍ଦ୍ଧ୍ୱର୍ ବିହନ ପ୍ରଜାତିକୁ ସଂଗ୍ରହ କରି ତା'ର ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରୁଥିଲେ । ଜଣେ ଆଗ ଧାଡିର ଯୋଦ୍ଧା ଭାବେ ସେ କୃଷି କ୍ଷେତ୍ରରେ ସାମ୍ରାଜ୍ୟବାଦୀ କମ୍ପାନୀମାନଙ୍କ ବର୍ଦ୍ଧିତ ପ୍ରଭାବକୁ ନିଜର ସରଳ ଭାଷାରେ ଲେଖା ଓ କାର୍ଯ୍ୟ ମାଧ୍ୟମରେ ବିରୋଧ କରିବା ସହ ତା'ର ବିକଳ୍ପ ଭାବେ ପ୍ରାକୃତିକ ଚାଷକୁ ଲୋକପ୍ରିୟ କରିବାରେ ମଧ୍ୟ ଲାଗିଥିଲେ । ରାସାୟନିକ ସାର, କୀଟନାଶକ ଓ ଅଧିକ ଖର୍ଚ୍ଚ ଆଧାରିତ ତଥାକଥିତ ଆଧୁନିକ ଚାଷକୁ ମଣିଷର ସ୍ୱାସ୍ଥ୍ୟ ଓ ପ୍ରକୃତି ପାଇଁ କ୍ଷତିକାରକ ବୋଲି ସେ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ଭାବେ ଲେଖୁଥିଲେ ।

## ବୁଗୁଡ଼ାରେ ଉପୁଜୁଛି ଟ୍ରାଫିକ ସମସ୍ୟା

ବୁଗୁଡ଼ା, (ସବ୍ୟୁ) : ବୁଗୁଡା ସହରର ମୁଖ୍ୟ ସଡକ ସମେତ ବିଭିନ୍ନ ଛକରେ ଯାନବାହାନ ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ବୁଗୁଡା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ ହେଉଥିବା ବେଳେ ବିଭିନ୍ନ ବେପାରୀ ରାସ୍ତା କଡ ଅତିକ୍ରମ କରି ପସରା ମେଲାଇ ବେପାର ଜମାଉଥିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅଧିକାଂଶ ସମୟରେ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି । ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ

ବାରିପଦା, (ସବ୍ୟୁ) : ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା



ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ସର୍ବମୋଟ୍ ୧୭୬ ଗୋଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୭୬ଗୋଟି ଅଭିଯୋଗ ମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୨୦ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଦୁର୍ଘଟଣାଗ୍ରସ୍ତ ସ୍କୁଟିରୁ ଗଞ୍ଜେଇ ଜବତ, ମହିଳା ଗିରଫ

ଭଞ୍ଜନଗର, (ସବ୍ୟୁ): ଭଂଜନଗର ଥାନା ଅନ୍ତର୍ଗତ ନନ୍ଦିନୀପଲ୍ଲୀ ଗାଁ ନିକଟରେ ଦୁର୍ଘଟଣା ଗ୍ରସ୍ତ ଏକ ସ୍କୁଟିରୁ ଗଞ୍ଜେଇ ଜବତ କରିଛି ପୋଲିସ । ଏଥିରେ ସଂପୃକ୍ତ ଜଣେ ମହିଳା ଗିରଫ ମଧ୍ୟ ହୋଇଛନ୍ତି । କନ୍ଧମାଳ ଜିଲ୍ଲା କେ. ନୁଆଗାଁ ଥାନା ଅଞ୍ଚଳରୁ ଜିଲ୍ଲା ବାହାରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା କୁହାଯାଇଛି । ଘଟଣା ସ୍ଥଳରୁ ଦୁର୍ଘଟଣା ଗ୍ରସ୍ତ ସ୍କୁଟି ସହ ସେଥିରେ ଥିବା ୨୬ କେଜି ୨୮୦ ଗ୍ରାମ ଗଞ୍ଜେଇ ଏବଂ ନଗଦ ୧୮ ଶହ ଟଙ୍କା ଜବତ ହୋଇଛି । ଏହା ସହ ଏହି ଘଟଣାରେ ସଂପୃକ୍ତ କନ୍ଧମାଳ ଜିଲ୍ଲା ସିଂତିଗୁଡା ଗାଁର ନର୍ମଦା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛ । ଥାନା ଅଧିକାରୀ ଜିବନାନନ୍ଦ ଜେନା ଦେଇଥିବା ସୂଚନା ପ୍ରକାରେ, କନ୍ଧମାଳରୁ ଜିଲ୍ଲା ସିଂତିଗୁଡା ଗାଁରୁ ସ୍କୁଟି ଯୋଗେ ଗଞ୍ଜେଇ ଧରି ଯାଉଥିବା ବେଳେ, ଭଂଜନଗର ଥାନା ଅନ୍ତର୍ଗତ ଡ଼ହ ରାସ୍ତାର ନନ୍ଦିନୀପଲ୍ଲୀ ଛକ ନିକଟରେ ଏକ ସ୍କୁଟି (ଗାଡ଼ି ନଂ - ଓଡି ୧୨ ଜି ୨୮୮୬) ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଛପରେ ଭଞ୍ଜନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଜରି ବ୍ୟାଗରେ ଥିବା ଗଞ୍ଜେଇ ସହ ଉକ୍ତ ଦୂର୍ଘଟଣାଗ୍ରସ୍ଥ ସ୍କୁଟିଟିକୁ ଜବତ କରିଥିଲା । ଏହି ଘଟଣାରେ ଭଞ୍ଜନଗର ପୁଲିସ କେସ୍ ନଂ ୯୬/୨୬ ରେ ଏକ ମାମଲା ରୁଜୁ କରି ସଂପୃକ୍ତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ମାଗଣା ଶିକ୍ଷାଦାନ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ଲାଇବ୍ରେରୀ ଗୃହରେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ଆଶାୟୀ ପରୀକ୍ଷାର୍ଥୀ ମାନଙ୍କୁ ମାଗଣା ଶିକ୍ଷାଦାନ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଶୋଭନ କୁମାର ବେହେରା, ବାର ଆସୋସିଏସନ ସଭାପତି କେ.ନାଗରାଜ ଦୋରା ,ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ନୃସିଂହ ନାଥ ଶତପଥୀ,ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା ,ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭିକା ପ୍ରମୁଖ ଯୋଗ ଦେଇଥିଲେ। ବୋରିଗୁମ୍ମା ବ୍ଲକର ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ବାହାରକୁ ଯାଇ କୋଚିଂ ନେବା ପାଇଁ ସକ୍ଷମ ନୁହଁନ୍ତି। ସେହି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ପ୍ରସ୍ତୁତି ନିମନ୍ତେ ମାଗଣା ଶିକ୍ଷାଦାନ ଓ ମାର୍ଗଦର୍ଶନ ଦିଆଯିବ। ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ପଢିଲେ ପାଠ, ରୋଜଗାର ବାଟ ଏକ ନିଆରା ପ୍ରୟାସ। ବ୍ଲକରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷାବିତ ଓ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ମାଗଣା କୋଚିଂ ଦିଆଯିବ ବୋଲି ବିଡ଼ିଓ କହିଛନ୍ତି। ମାଗଣା କୋଚିଂ ନିମନ୍ତେ ମଙ୍ଗଳବାର ଓ ବୁଧବାର ଦିନ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବ୍ଲକ ପରିସର ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ଛାତ୍ରଛାତ୍ରୀ ମାନେ ଆଗ୍ରହୀ ସେମାନେ ବ୍ଲକ କୁ ଯାଇ ପ୍ରବେଶିକା ପରୀକ୍ଷା ରେ ଅଂଶଗ୍ରହଣ କରିପାରିବେ। ଆଜିର ମାଗଣା କୋଚିଂ କାର୍ଯ୍ୟକ୍ରମକୁ ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ଼.ପ୍ରଦୀପ କୁମାର ସ୍ୱାଇଁ, ଡ଼.ସଦାଶିବ ତ୍ରିପାଠୀ, ସୁଧାଂଶୁ ଶେଖର ପଟନାୟକ, ପ୍ରିତିଶ ପଟନାୟକ, ପ୍ରତୀକ ଶର୍ମା, ଅଧ୍ୟାପିକା ସନ୍ତୋସିନୀ ପାଢ଼ୀ,ବରିଷ୍ଠ ଶିକ୍ଷକ ଏନ ରାଜେଶ କୁମାର ଓ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ଆରମ୍ଭ ହୋଇଥିବା ମାଗଣା କୋଚିଂ ଦ୍ୱାରା ବୋରିଗୁମ୍ମା ବ୍ଲକର ଛାତ୍ରଛାତ୍ରୀ ମାନେ ନିଶ୍ଚିତ ଉପକୃତ ହେବେ ଏଥିରେ ସନ୍ଦେହ ନାହିଁ।

# କାରଖାନାରେ ୮୦ ପ୍ରତିଶତ ସ୍ଥାନୀୟଙ୍କୁ ନିଯୁକ୍ତି ନଚେତ ଏନଓସି ନାହିଁ : ମୁଖ୍ୟମନ୍ତ୍ରୀ




ରାୟଗଡା,(ସବ୍ୟୁ): ଜିଲ୍ଲାରେ ଗଢ଼ି ଉଠିଥିବା କାରଖାନାରେ ସ୍ଥାନୀୟ ଯୁବପିଢ଼ିଙ୍କୁ ଯଦି ୮୦ ପ୍ରତିଶତ ନିଯୁକ୍ତି ମିଳିବ ନାହିଁ ତେବେ ଏନଓସି ଦିଆଯିବ ନାହିଁ କି କାର୍ଯ୍ୟକ୍ଷମ ହେବ ନାହିଁ। ଖଣି ଖାଦାନର ଜିଲ୍ଲା ଏଠାରେ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ମଧ ଦେଉନାହାନ୍ତି। ସମସ୍ତଙ୍କ ମନରେ କ୍ଷୋଭ ରହିଛି। ଏହି କଥାରେ ମୁଁ ଏକମତ ଅଛି ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ସୋମବାର ରାୟଗଡା ଗସ୍ତରେ ଆସି ଏହା କହିଛନ୍ତି। ସୁଭଦ୍ରା ଶକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆହୁରି କହିଛନ୍ତି ଯେ ଏ ହେଉଛି ଲୋକଙ୍କ ସରକାର। ମଞ୍ଚରେ ବସିଥିବା ବିଧାୟକ ମାନେ ଓଡିଶାର ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ ନକରି ଆଦିବାସୀ ମୁଖ୍ୟମନ୍ତ୍ରୀ ବୋଲି କହିଛନ୍ତି। ଏଠି ୭୦ପ୍ରତିଶତ ଆଦିବାସୀ ବସବାସ କରନ୍ତି । ଏଠି ଖଣି ଅଛି, ପାଣି ଅଛି, ଶିଳ୍ପ ପାଇଁ ସମ୍ଭାବନା ଅଛି, ଶ୍ରମ ଶକ୍ତି ରହିଛି। ସେହି ସ୍ଥାନରେ ଯଦି ଆଦିବାସୀ ତଥା ସ୍ଥାନୀୟ ଲୋକେ ନିଯୁକ୍ତି ନପାଆନ୍ତି ତେବେ ରାୟଗଡା ବାସୀ ନିଶ୍ଚୟ ଦୁଃଖୀ ହେବେ । ସେମାନଙ୍କ ଦୁଖରେ ଆଜି ମୁଁ ବି ଦୁଃଖୀ। ସେ ନୁଆ କାରଖାନା ନିର୍ମାଣ ହେଉବା ଉତ୍ପାଦନ କରୁଥିବା କାରଖାନାରେ ନିଯୁକ୍ତି ସୃଷ୍ଟି ହେବ ତେବେ ସ୍ଥାନୀୟ ଜିଲ୍ଲାବାସୀ ପ୍ରଥମେ ନିଯୁକ୍ତି ପାଇବେ। ପରେ ରାଜ୍ୟ ତା ପରେ ରଜ୍ୟ ବାହାର ଲୋକେ ନିଯୁକ୍ତି ପାଇବ। ଏହା ମୋର ପ୍ରତିଶୃତି ବୋଲି ଭରା ମଞ୍ଚରେ ପ୍ରତିଶୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ରାୟଗଡା ଜିଲ୍ଲାର ସଂସ୍କୃତିକ ବିଭବ ଅତି ପୁରାତନ। ବିରଳ କୀର୍ତ୍ତିରାଜୀ ଖୁବ ସୁଦୃଢ଼ । ବିକଶିତ ଓଡିଶାରେ ରାୟଗଡ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ। ରାୟଗଡା ଜେସକୋ ପଡିଆ ହେଲିପ୍ୟାଡେରେ ଓହ୍ଲାଇ ପ୍ରଥମେ ୧୦୮ କୁଣ୍ଡିୟ ବୌଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ପରେ ସେ ସୁଭଦ୍ରା ଶକ୍ତି ମେଳାରେ ନିଜ ଅଭିଭାଷଣ ରଖି ୯୩୩୫ ଏସଏଚଜି ପାଇଁ ୧୪କୋଟି ଟଙ୍କାର ରିଭଲଭିଙ୍ଗ ପାଣ୍ଠି, ୧୬୪ ଜିପିଏଲକୁ ୫୩.୧୪ କୋଟି, ୪୧୯୫ଟି ଏସଏଚଜିକୁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲେ। ଜିଲ୍ଲାରେ ୬୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୦୯ଟି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୨୩୮କୋଟି ଟଙ୍କାର ୨୨ଟି ପ୍ରକଳ୍ପ ଉଦଘାଟନ, ଏବଂ ୩୬୬ଟି କୋଟି ମୂଲ୍ୟର୮୭ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେଛ ୩୭କୋଟି ବିନିମୟରେ ମା ମଝିଘରିଆଣି ମନ୍ଦିରର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ କୂଳର ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଏହି ରାୟଗଡା ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ବିଧାୟକ ରସ୍ତା ଘାଟ, ଜଳସେଚନ, ଏବଂ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗରେ ବିକାଶ ଜରୁରୀ ବୋଲି ବିଧାୟକ ଆପାଲାସ୍ୱାମୀ କାଡ୍ରାକା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ବିଧାୟକ ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ ବିଭିନ୍ନ ବିକାଶ ପାଇଁ ମତ ରଖିଥିଲେ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ରେ ଶତାୟୁ ପୁରୁଷ ଓ ମହିଳାଙ୍କୁ ସମ୍ବର୍ଦ୍ଧନା

ବରଗଡ଼,(ସବ୍ୟୁ): ଆସନ୍ତା ଫେବୃୟାରୀ ୧୫ ତାରିଖ ଦେବ ଦେବ ମହାଦେବଙ୍କ ଜାଗର ଯାତ୍ରା ଓ ମହାଶିବରାତ୍ରୀ ମହୋତ୍ସବକୁ ନେଇ ସମଗ୍ର ଦେଶବାସୀ ଜୋରସୋରରେ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ଦେଶ ଓ ରାଜ୍ୟର ପ୍ରମୁଖ ଶୈବ ପୀଠରେ ମହାଶିବରାତ୍ରୀ ପାଳନ ପାଇଁ ଏବେଠୁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଛି । ହେଲେ ମହାଶିବରାତ୍ରି ଉପଲକ୍ଷେ ବରଗଡ଼ ସହରର ଡାକ୍ତର ରାମକୃଷ୍ଣ ପୁରୋହିତ ଓ ତାଙ୍କ ପତ୍ନୀ ମମତା ପୁରୋହିତ ଦ୍ୱିତୀୟ ଥର ପାଇଁ ପୁଣି ଥରେ ନିଆରା ଢଙ୍ଗରେ ମହାଶିବରାତ୍ରୀ ଉପଲକ୍ଷେ ଶତାୟୁ ପୁରୁଷ ଓ ମହିଳାଙ୍କୁ ପୂଜା ପୂଜାର୍ଚ୍ଚନା କରି ମହାଶିବରାତ୍ରୀ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବରଗଡ଼ର ହେଲଥ ଏଜୁକେସନ ଫାଉଣ୍ଡେସନ ଓ ପୁରୋହିତ ଜେନେରାଲ ହସପିଟାଲର ତରଫରୁ ଆମେ ଶତାୟୁ, ଟ୍ରାଏ ଟୁ ଲିଭ ହଣ୍ଡ୍ରେଡ ଇଅର୍ସ ଏଭଳି ସଚେତନତା ବାର୍ତ୍ତା ନେଇ ପଣ୍ଡିତଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶଙ୍ଖ ବାଦ୍ୟ ତାଳେ ତାଳେ ପଶ୍ଚିମଓଡ଼ିଶାର ଅନେକ ଶତାୟୁ ମହିଳା ଓ ପୁରୁଷଙ୍କୁ ଫୁଲ, ଚନ୍ଦନ ଆଦି ପୂଜ୍ୟ ପୂଜାର୍ଚ୍ଚନା କରି ସେମାନଙ୍କଠାରୁ ଆର୍ଶୀବାଦ ନେବେ । ମହାଶିବରାତ୍ରୀରେ ମନ୍ଦିରକୁ ନଯାଇ ଦେବ ଦେବ ମହାଦେବଙ୍କୁ ପାଣି ନଢାଳି ନିଜ ଜିଲ୍ଲା ଓ ପଶ୍ଚିମଓଡ଼ିଶାର ବିଭିନ୍ନ ଧର୍ମର ଶତାୟୁ ପୁରୁଷ ଓ ମହିଳାଙ୍କୁ ପୂଜା କରି ସେମାନଙ୍କୁ ୨୦୨୬ ଶତାୟୁ ସମ୍ମାନ ପ୍ରଦାନ କରିବେ ।

# ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଫିସ ପକ୍ଷରୁ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ ଭବାନୀପାଟଣା ଟାଉନ୍ ହଲ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ବୈଠକରେ ଆସନ୍ତା ମାଟ୍ରିକ ପରୀକ୍ଷାରେ ଉତ୍ତମ ଫଳାଫଳ, ବିଦ୍ୟାଳୟ ସୁପରିଚାଳନା, ଆକାଂକ୍ଷୀ ପାଠ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ଆର୍ଥିକ ପରିଚାଳନା , ୟୁଡ଼ାଇସ ପ୍ଲସ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା, ନୂତନ ପାଠ୍ୟ ପୁସ୍ତକ, ନୂତନ ଶିକ୍ଷା ବର୍ଷର କାର୍ଯ୍ୟ ଖସଡ଼ା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ଅବସରରେ ସମଗ୍ର ଶିକ୍ଷା କଳାହାଣ୍ଡିର ମୁଖପତ୍ର ତଥା ଶିକ୍ଷା ସମ୍ବାଦ ବାହିକା ମାଣିକ୍ୟ ପ୍ରଭା ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ଗଣନାଥପୁର ପ୍ରଧାନଶିକ୍ଷକ ପ୍ରଦୀପ ନେଗି, କୁଲିହାରୀ ପ୍ରଧାନଶିକ୍ଷକ ବିଜୟ ପାଢ଼ୀ, ଜୟଦୂର୍ଗା ଉଚ୍ଚ ବିଦ୍ୟାଳୟ ନର୍ଲା। ରୋଡ଼ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର ନିଜ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ଓ ଫଳାଫଳ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ। ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟାନନ୍ଦ ହୋତା, ଶ୍ୟାମ ସୁନ୍ଦର ପଣ୍ଡା, ସରସ୍ୱତୀ ସାହୁ, ସ୍ନିଗ୍ଧାଲିନା ସାହୁ, ଯୁଧିଷ୍ଠିର ମୁଦୁଲି, ମୃତ୍ୟୁଞ୍ଜୟ ପତି, ପ୍ରଜ୍ଞା ଶତପଥି, ସେ୍ୱତାଲିନ ପ୍ରଧାନ, ସରସ୍ୱତୀ ବେହେରା, ମନୋଜ ପଣ୍ଡା, ବିନୋଦ ବାତ୍ରା , ବାପାର୍ଜି ପ୍ରଧାନ ଓ ଈଶ୍ୱର ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ତାଲିମ ଅନୁଷ୍ଠାନ ପ୍ରମୁଖ ପାଠ୍ୟ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀ ମାନେ କିପରି ଅଧିକ ମାର୍କ ରଖି ପାରିବେ, ସେ ସମ୍ପର୍କରେ ନିଜ ଅଭିଜ୍ଞତା ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରେଷ୍ଟ ଆଲିଆଁନସ, ଭୁବନେଶ୍ୱରର ରାଜ୍ୟ ମୁଖ୍ୟ ଯୁଭିକା ସିଂହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପଶିଂ ରାଉତ, ଉପବିଭାଗ ଅଧିକାରୀ ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ସଂଯୋଜକ ବିରେନ୍ଦ୍ର ଆଚାର୍ଯ୍ୟ, ପଞ୍ଚ ଶଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ଦମ୍ପତି ଆହତ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ବନାଞ୍ଚଳ ବରପଦର ସେକ୍ସନର କେଂକମଞ୍ଜି ରାସ୍ତାରେ ସୋମବାର ଭୋରରୁ ଜଙ୍ଗଲୀ ଭାଲୁ ଆକ୍ରମଣରେ ସ୍ୱାମୀ, ସ୍ତ୍ରୀ ଗୁରୁତର ଆହତ । ସୂଚନାମତେ ବୌଦ୍ଧ ଜିଲ୍ଲା କଣ ଅନ୍ତର୍ଗତ ରଣ୍ଡିମହୁଲ ଗ୍ରାମର ମନେଶ୍ୱର ବଣ୍ଡକି ( ୫୦), ଓ ତାଙ୍କ ସ୍ତ୍ରୀ ସୁମୁଖୀ ବଣ୍ଡକି (୪୮)ଜଙ୍ଗଲୀ ଭାଲୁ ଆକ୍ରମଣରେ ଗୁରୁତ୍ୱର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନାନୁସାରେ କନ୍ଧମାଳ ବନାଞ୍ଚଳ ବରପଦର ସେକ୍ସନର ରଣ୍ଡିମହୁଲ କେଙ୍କମଞ୍ଜି ରାସ୍ତାରେ ସୋମବାର ଦିନ ଭୋର ସମୟରେ ରଣ୍ଡିମହୁଲ ଗ୍ରାମର ମନେଶ୍ୱର ବଣ୍ଡକି ( ୫୦), ଓ ତାଙ୍କ ସ୍ତ୍ରୀ ସୁମୁଖୀ ବଣ୍ଡକି (୪୮) କୌଣସି କାମରେ କେଙ୍କମଞ୍ଜି ଯାଉଥିଲେ । ସେହି ସମୟରେ ଦୁଇଟି ଜଙ୍ଗଲୀ ଭାଲୁ ମନେଶ୍ୱର ବଣ୍ଡକି ଓ ତାଙ୍କ ସ୍ତ୍ରୀ ସୁମୁଖୀଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଉଭୟଙ୍କ ବାମ ଓ ଡାହାଣ ହାତ ଏବଂ ଗୋଡ଼ ଭାଲୁ କାମୁଡ଼ାରେ ଗଭୀର ଭାବେ ଖଣ୍ଡିଆ ଖାବରା ହୋଇଥିଲା । ପ୍ରାଣ ବିକଳରେ ଉଭୟେ ଜୀବନ ରକ୍ଷା ପାଇଁ ଚିତ୍କାର କରିଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ସେଠାରୁ ଉଦ୍ଧାର କରି ତୁରନ୍ତ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ଆହତ ପରିବାରକୁ ସରକାରଙ୍କ ତରଫରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଆହତ ହୋଇଥିବା ପରିବାର ଓ ଜନସାଧାରଣଙ୍କ ତରଫରୁ ଦାବିହେଉଛି ।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜେ ଏସ ଏମ କଲେଜ ପରିସରରେ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀଙ୍କ ଆବାହକତ୍ୱ ତଥା ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ କପିଳେଶ୍ୱର ଖମାରୀ ଗତ ବୈଠକର ବିବରଣୀ ପାଠ କରିବା ସହ ଅଦ୍ୟାବଧି ଯେଉଁ କାର୍ଯ୍ୟ ଗୁଡିକ କରାଯାଇଛି ତାର ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ଦିନରେ ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କ ମତାମତ ଲୋଡ଼ିଥିଲେ । ବୈଠକରେ ଅନେକ ଗୁଡିଏ ଆଲୋଚନା ସହ ପଞ୍ଚକର୍ମ ଏବଂ ଫିଜିଓଥିରାପି ମାଧ୍ୟମ ରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏନେଇ ଯୁଗ୍ମ ସମ୍ପାଦକ ଗୌର ଚନ୍ଦ୍ର ପୁରୋହିତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଲୋଚନା ରେ ସଂଗଠନ ସମ୍ପାଦକ ବିନୟ କୁମାର ମିଶ୍ର, ଉପସଭାପତି ହରେକୃଷ୍ଣ ମେହେର, ସହସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟାଳୟ ସମ୍ପାଦକ ଗଣେଶ ଚନ୍ଦ୍ର ପାଢ଼ୀ, ସଭ୍ୟ ନବୀନ କୁମାର ନନ୍ଦ, ପ୍ରମୋଦ କୁମାର ଗୁରୁ, ପ୍ରଦ୍ୟୁମ୍ନ ଗଡତିଆ, ଦୟାସାଗର ପଟେଲ, ଛାୟାକାନ୍ତ ସାହୁ, ପ୍ରଦୀପ କୁମାର ଶତପଥି ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜ ମତାମତ ଉପସ୍ଥାପନା କରିଥିଲେ । କୋଷାଧ୍ୟକ୍ଷ ତୁଡ଼େନ୍ଦ୍ର କୁମାର ବେହେରା ଆୟ ବ୍ୟୟର ବିବରଣୀ ତଥା ଆଗାମୀ ଦିନରେ ହେବାକୁ ଥିବା ପାଣ୍ଠି ସଂଗ୍ରହ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ହେବ ଜଳପଥର ହବ୍

ସମ୍ବଲପୁର ,(ସବ୍ୟୁ): ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍‌ରେ ୨୦୪୭ ବିକଶିତ ଭାରତ ପାଇଁ ମାର୍ଗ ପ୍ରସ୍ତୁତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀର୍ଘ ୧୨ବର୍ଷ ପୂର୍ବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆର୍ଥିକ ସୁଦୃଢୀକରଣ ହୋଇଛି । ୭% ଉଚ୍ଚ ଅଭିବୃଦ୍ଧି ହାର ପ୍ରଦାନ ସହ ଦାରିଦ୍ର୍ୟ ଦୂରୀକରଣ ଦିଗରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି । ତେବେ ଚଳିତ କେନ୍ଦ୍ରୀୟ ବଜେଟ୍‌ରେ ଶୂନ୍ୟ ଟିକସ, ବୈଦେଶିକ ସମ୍ପତ୍ତି ପ୍ରକାଶନ, ଟିସିଏସ୍ ହାରରେ ହ୍ରାସ, ସ୍ୱାସ୍ଥ୍ୟସେବାରେ ରିହାତି, ଆଇନଗତ ସଂସ୍କାର, ନିବେଶ ସୁଯୋଗ, ଅନୁପାଳନ ସରଳୀକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସୋମବାର ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ବଜେଟ୍‌ରେ ଟାୟାର-୨ ଓ ୩ ସହର ଗୁଡିକରେ ଆଧୁନିକ ଗମନାଗମନ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ୭ଟି ନୂତନ ହାଇ-ସ୍ପିଡ ରେଳ କରିଡର ବିକଶିତ ଯୋଜନା ରହିଛି । ସେହିପରି ଆଗାମୀ ୫ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ । ଏହାର ଶୁଭାରମ୍ଭ ଓଡିଶାର ଜାତୀୟ ରାଜପଥ-୫ରୁ ଆରମ୍ଭ ହେବ । ଯାହା ତାଳଚେର ଓ ଅନୁଗୋଳର ଖଣିଜ ସମୃଦ୍ଧ ଅଞ୍ଚଳକୁ ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ କରିବ । ଏହାଦ୍ୱାରା ଓଡ଼ିଶା ଜଳପଥର ହବ୍ ହେବ । ଫଳରେ ଯାତାୟତ ଓ ପରିବହନ ବେଶ ସୁଗମ ହୋଇପାରିବ । ପୂର୍ବୋଦୟ ରାଜ୍ୟ ଗୁଡିକରେ ୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ସହରୀ ପରିବହନ ପାଇଁ ୪ହଜାର ଇ- ବସ୍ ଯୋଗାଇ ଦିଆଯିବ । ଏହି ବଜେଟ୍‌ରେ ଭାରତର ଅଭିବୃଦ୍ଧି ପାଇଁ ଦକ୍ଷ ମାନବଶକ୍ତି ନିଶ୍ଚିତ କରିବା, ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଯୁବଶକ୍ତିର ସଶକ୍ତିକରଣ, ଏମ୍‌ଏସ୍‌ଏମ୍‌ଇ ସାମର୍ଥ୍ୟକୁ ଅନଲକ୍ କରିବା, ବ୍ୟାପକ ଏବଂ ଦ୍ରୁତ ମାନୁଫ୍ୟାକ୍ଚରିଂ ସମ୍ପ୍ରସାରଣ, ଭିତ୍ତିଭୂମି ଚାଳିତ ଦୀର୍ଘକାଳୀନ ଅଭିବୃଦ୍ଧି, ରପ୍ତାନୀକୁ ନିରନ୍ତର ପ୍ରୋତ୍ସାହନ ମାଧ୍ୟମରେ ବିଶ୍ୱସ୍ତରୀୟ ନେତୃତ୍ୱ, ଗ୍ରାମୀଣ ଭାରତର ଜୀବନରେଖାକୁ ପୁନର୍ଜୀବିତ କରିବା, ଅନ୍ନଦାତାଙ୍କ ସାମଗ୍ରିକ କଲ୍ୟାଣ, ନାରୀଶକ୍ତିର ନେତୃତ୍ୱ , ସାମାଜିକ ନ୍ୟାୟ ଓ ସମସ୍ତ ବର୍ଗର କଲ୍ୟାଣ, ଜଳବାୟୁ ସହନଶୀଳତା ଏବଂ ଆତ୍ମ ନିର୍ଭରଶୀଳତା , ଐତହ୍ୟ, ପର୍ଯ୍ୟଟନ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଆଦି ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ବିଜେପି ନେତ୍ରୀ ସବିତା ନନ୍ଦ ଓ କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସମୂହ ଖେଳ କୁଦ ପ୍ରତିଯୋଗିତା



ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ, ଖଲିଆଭଟା ସରକାରୀ ଏସ, ଏସ, ଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୨୦୨୫/୨୬ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଦୁଇଦିନ ଧରି ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୧୩ଗୋଟି ବ୍ଲକ ଅଂଚଳର ୪୦ଗୋଟି ବିଦ୍ୟାଳୟ ମାନଙ୍କରୁ ୨୧୪ଜଣ ବାଳକ, ୨୭୨ଜଣ ବାଳିକା ବିଭିନ୍ନ ପ୍ରତିଯୋଗିତା ମାନଙ୍କରେ ଭାଗ ନେଇ ନିଜନିଜର ପ୍ରତିଭା ପ୍ରଦର୍ଶିତ କରି ଥିବାବେଳେ, ୬୦ଜଣ ଶିକ୍ଷକ ଓ ଅଫିସିଆଲ ୨୦ଜଣ କର୍ମଚାରୀ, ନିଯୁକ୍ତି ଥିଲେଛ ପ୍ରତ୍ୟେକ ପ୍ରତିଯୋଗିତା, ଖେଳପ୍ରଶିକ୍ଷକ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

ଆୟୋଜିତସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କଁଅର ଯୋଗଦେଇ ଖେଳକୁଦ ଉତ୍ସବର ଶୁଭ ଉଦଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ଏସ.ଏସ.ଡ଼ି. ଯୁକ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ସାହୁ, ଜୟପାଟଣାବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭବାନୀ ଶଙ୍କର ଜେନା, କୁରୁଗୁଡା ଏସ. ଏସ. ଡ଼ି. ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ପଣ୍ଡା, ପ୍ରଧାନଶିକ୍ଷକ ହୃଷିକେଶ ମେହେର, ବରିଷ୍ଠ ଖେଳପ୍ରଶିକ୍ଷକ ଲମ୍ବୋଦର ସାହୁ, ଏସ. ଏମ. ସି ସଭାପତି ଧର୍ମେନ୍ଦ୍ର ମାଝୀ, ପ୍ରଧାନ ଶିକ୍ଷକ ଏସ ଏସ ଡ଼ି ବିଦ୍ୟାଳୟ ଖଲିଆଭଟା ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଉଦଯାପନୀ ଉତ୍ସବ ସଭାର ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନୀୟ ଅତିଥି ଭାବେ ଜୟପାଟଣା ଷ୍ଟେଟ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ପ୍ରଭାକରଦାସ, ଅବସର ପ୍ରାପ୍ତ ଅବକାରୀ କମିଶନର ଗଙ୍ଗାଧର ମାଝୀ,ଏସଏସଡ଼ି ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ସାହୁ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ଜୟପାଟଣା ଆଦିବାସୀ ସଙ୍ଘ ସଭାପତି ମନୋଜ ପାତ୍ର, ଡେପୁଟି କଲେକ୍ଟର ଧର୍ମଗଡ ସେରଲି ପ୍ରଧାନ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମୋହିତ କୁମାର ଭୋଇ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଖଲିଆଭଟା ଏସ. ଏସ. ଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣବତ୍ତା ବିକାଶ ସାଙ୍ଗକୁ ନିଜ ପ୍ରତିଭାର ପରିପ୍ରକାଶ ଉପରେ ବକ୍ତୃତା ପ୍ରଦାନ ସହ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ର ଛାତ୍ରୀ ମାନେ ଭାଇଚାରାର ସମ୍ପର୍କ ମଧ୍ୟରେ ରହି ପ୍ରତିଯୋଗିତା ମାନଙ୍କରେ ଉତ୍ସାହ, ଉଦ୍ଦୀପନା ର ସହ ଖେଳ ପ୍ରଦର୍ଶନ କରିଥିଲଛ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନେ ଅତିଥିମାନଙ୍କଦ୍ୱାରା ସମ୍ମାନିତ, ଏବଂ ପୁରସ୍କୃତ ହୋଇଥିଲେ। ହସ, ଖୁସି, ଆନନ୍ଦ, ଉଲ୍ଲାସ ମଧ୍ୟରେ ଦୁଇଦିନ ଧରି ଖଲିଆଭଟା ଆଶ୍ରମ ପରିସର ମୁଖରିତ ହୋଇ ଉଠିଥିଲା,। ଶିକ୍ଷକ ସଂଜୀବ କୁମାର ପଣ୍ଡା ଅତିଥିପରିଚୟ, ମଞ୍ଚ ପରିଚାଳନା, ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମ ଭୋଇ ଲୋକ ମହୋତ୍ସବ ଉଦ୍‌ଯାପିତ



ରେଢାଖୋଲ,(ସବ୍ୟୁ): ଜାନୁଆରୀ ୨୯ତାରିଖରୁ ଆରମ୍ଭ ହୋଇଥିବା ୪ ଦିନିଆ ଭୀମ ଭୋଇ ଲୋକମହୋତ୍ସବ ଉଦଯାପିତ ହୋଇଯାଇଛି । ଲୋକ ମହୋତ୍ସବ କମିଟିର ଅଧକ୍ଷ ରଶ୍ମି ରଞ୍ଜନ ମହାନ୍ତ, ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚରେ ରେଢାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, ନାକଟିଦେଉଳ ପଞ୍ଚାୟତ ସମିତି ଅଧକ୍ଷ ସ୍ୱରୂପାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର ରେଢାଖୋଲକୁ ମହାନ ଚେତନା ଓ ଆଧ୍ୟାତ୍ମିକ କ୍ରାନ୍ତିର ଏକ ମହାନ ପୀଠ ବୋଲି କହିଥିଲେ । ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏହି ରେଢାଖୋଲ ଓଡିଶାର ସାଂସ୍କୃତିକ ଇତିହାସରେ ଏକ ନୂଆ ପୃଷ୍ଠା ଯୋଡିଦେବ ବୋଲି କହିଥିଲେ।

ସେହିପରି ଅନ୍ୟତମ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଗବେଷକ ଅତୁଲ ପ୍ରଧାନ ରେଢାଖୋଲ ମାଟି ହେଉଛି ପ୍ରାଗ୍ ଐତିହାସିକ ଯୁଗର ଜୀବନ୍ତ ଦସ୍ତାବିଜ୍ , ଏଥି ପାଇଁ ଗବେଷଣା ଓ ଖନନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉତ୍ତରାଞ୍ଚଳ କୃଷି ବିଭାଗର ଅଧିକ୍ଷକ ନରେନ୍ଦ୍ର କୁମାର ପଣ୍ଡା ଏଠାରେ ଚାଲିଥିବା କୃଷିମେଳାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ସାମ୍ବାଦିକ ରମାକାନ୍ତ ମହାନନ୍ଦ, ଶହୀଦ ଯବାନ ରଞ୍ଜନ କୁମାର ସାହୁ, ଶହୀଦ ଯବାନ ଶୁକଦେବ ପ୍ରଧାନ, ଚମ୍ପେଶ୍ୱର ମହାକୁଡଙ୍କ ପରିବାରର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଆଶା କର୍ମୀ ତାରିଣୀ ସମର୍ଥା, ଅଙ୍ଗନବାଡି କର୍ମୀ ପ୍ରୀତିରାଣୀ ଦାସ, ଆନ୍ତର୍ଜାତୀୟ କ୍ରୀଡାବିତ ଅମିୟ କୁମାର ପ୍ରଧାନ, କବି ଦିବାକର ଭୋଇ, ରକ୍ତଦାତା ପ୍ରମୋଦ ସାହୁ, ଶସ୍ୟ ବିଜ୍ଞାନ ଗବେଷକ ଡ. ଗୌରୀଶଙ୍କର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଶିଷ୍ଟ ଚିତ୍ର ଶିଳ୍ପୀ ସୁଧୀର ସ୍ୱାଇଁ ଲୋକ ମହୋତ୍ସବର ଲୋଗୋ ଡିଜାଇନ କରିଥିବାରୁ ଏବଂ ଲୋକ ମହୋତ୍ସବ ଗୀତର ଗୀତିକାର ଉମାକାନ୍ତ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସଫଳ ଚାଷୀ ଯୋଶଦା ମେଶ୍ରା, ନିତ୍ୟାନନ୍ଦ ଦେହୁରି, ପାର୍ବତୀ ସେଠି, ଗଣେଶ୍ୱର ସାହୁ, କେଦାର ଦେହୁରି ଓ ପ୍ରଶାନ୍ତ କୁମାର ସିଂହ ମଧ ସମ୍ବର୍ଦ୍ଧିତ ହୋଇଥିଲେ । ସାଂସ୍କୃତିକ ସଂନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଖୋର୍ଧାର ପାଇକ ନୃତ୍ୟ, ଲୋଇସିଂଗାର ରସରକେଲି ନୃତ୍ୟ, ରାୟଗଡାର ଢେମସା, ବଲାଙ୍ଗିର ର ସମ୍ବଲପୁରୀ ଲୋକନୃତ୍ୟ । ଅର୍ଚ୍ଚନା ପାଢୀଙ୍କ ସଂଗୀତର ଯାଦୁ ସଭିଙ୍କ ମନ ଜିଣିଥିଲା ।ହାସ୍ୟ ଅଭିନେତା ମି. ଗୁଲୁଆ ହାସ୍ୟରସାତ୍ମକ କାର୍ୟ୍ୟକ୍ରମ ଲୋକମାନଙ୍କୁ ବେଶ୍ ହସାଇଥିଲା । ଏହି ଅବସରରେ ଲୋକ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ସ୍ମରଣିକାର ସମ୍ପାଦକ ମଣ୍ଡଳୀ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପାଟଣେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ପାଟଣା ରାଜ୍ୟ ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କର ପୀଠକୁ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଗତ ୧ ଫେବୃୟାରୀରୁ କଳସ ଶୋଭାଯାତ୍ରା ଓ ଶୁଭ କଳସ ସ୍ଥାପନ ହୋଇଥିଲା । ସହର ପରିକ୍ରମା କରି କରଙ୍ଗାକଟା ଜଳ ଆଣି ଦେବୀଙ୍କ ମନ୍ଦିରକୁ ପହଂଚିଥିଲା ଶୋଭାଯାତ୍ରା । ପ୍ରଥମ ଦିନରେ କର୍ତ୍ତା ରୂପେ ଦେବଦତ୍ତ ବେହେରା ଓ ତାଙ୍କ ସହ ଧର୍ମିଣୀ ପୌରାଧକ୍ଷା ଲିକା ସାହୁ, ସାମ୍ବାଦିକ ଅଞ୍ଜନ ପଧାନ ଓ ଧର୍ମପତ୍ନୀ ଲୋପାମୁଦ୍ରା ସାହୁ ଯଜ୍ଞର କର୍ତ୍ତା ରୂପେ ପୂଜା ରୀତିନୀତି ମଧ୍ୟରେ ଆହୁତି ଅର୍ପଣ କରିଥିଲେ । ରୀତିନୀତି ମଧ୍ୟରେ ସକାଳ ଘ.୯ ଟାରୁ ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ, ପୂଜନକର୍ମ ଅଗ୍ନି ସ୍ଥାପନ ଓ ଚଣ୍ଡି ହୋମ ଯଜ୍ଞ ଆହୁତ ହୋଇଥିଲା । ଚଣ୍ଡିପାଠରେ ରାଜ ପୁରୋହିତ ଚଣ୍ଡିପାଠ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କଳାଧାମ ଏକାଡେମୀ ନୃତ୍ୟ ଓ ମାଁ ଙ୍କ ଭଜନରେ ଭକ୍ତ ମନ ମୋହିଥିଲେ । ଏହି ଉତ୍ସବକୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମାଁ ପାଟଣେଶ୍ୱରୀଙ୍କୁ ଦର୍ଶନ କରି ମନ୍ଦିର ଉନ୍ନତି ଏବଂ ଦେବୋତ୍ତର ବିଭାଗର କିଭଳି ମନ୍ଦିରକୁ ଧ୍ୟାନ ଦେଇ ସୁରକ୍ଷିତ ରହିବ ବୋଲି କହିଥିଲେ । ମାଁ ପାଟଣେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ବଲାଙ୍ଗିରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, ରିଣ୍ଟୁ ସାହୁ, କୋଷାଧ୍ୟକ୍ଷ ଭବାନି ଶଙ୍କର ଭୋଇ, ଶମ୍ଭୁ ଶତପଥି ଏବଂ ମନ୍ଦିର ପୂଜକ ମଧୁସୁଦନ ଦିଶ୍ରୀ ସହଯୋଗ କରିଥିଲେ । ଅଘରିଆ ସମାଜ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଦସ୍ୟମାନେ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକଙ୍କ ଅବହେଳା

# ଖାଲି ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣା

ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରର ବ୍ୟାପକ ଦୁରବସ୍ଥା ସହ କେତେକ ଶିକ୍ଷକଙ୍କ ଅବହେଳା ପ୍ରତିବାଦରେ ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି ।ସରକାର ଶିକ୍ଷାକୁ ନେଇ ଅନେକ ଯୋଜନା କରୁଥିଲେ ସୁଦ୍ଧା ତୃଣମୂଳ ସ୍ତରରେ ଶିକ୍ଷାଦାନ ଭୁଶୁଡି ପଡ଼ିଲାଣି। ଏପରି ଏକ ଖବର ପୁଣି ସୋମବାର ବରଗଡ଼ ଜିଲା ଅତାବିରା ବ୍ଲକ ସିଲାଟ ୟୁ.ଜି.ୟୁ.ପି. ସ୍କୁଲରେ ଦେଖିବାକୁ ମିଳିଛି । ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଭିଯୋଗ କ୍ରମେ ସ୍କୁଲରେ ଇତିହାସ, ଭୁଗୋଳ ବହି ପାଠପଢ଼ା ଆରମ୍ଭ ହେଇନି । ବାର୍ଷିକ ପରୀକ୍ଷାକୁ ମାତ୍ର ଅଳ୍ପ ଦିନ ବାକି ଅଛି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବାକୁ ଯାଉଛି ଅଥଚ ଏସବୁ ପ୍ରତି ପ୍ରଶାସନ ଓ ସରକାରଙ୍କର ସ୍ୱତନ୍ତ୍ର ଧ୍ୟାନ ପଡୁ ନାହିଁ । ଅନ୍ୟ ପଟେ ସ୍କୁଲର ପ୍ରଧାନ ଶିକ୍ଷକ କ୍ଷିରେଶ୍ୱର ସାହୁ ଅଷ୍ଟମ ଶ୍ରେଣୀରେ ଏକ ପରିୟର୍ଡ଼ ପଢ଼ାଇଲା ପରେ ଚୁପ ହୋଇ ଅଫିସରେ ବସି ମୋବାଇଲ ଗେମ୍ ଖେଳୁଛନ୍ତି । ପିଲାଙ୍କୁ ପାଠ ପଢାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ଗ୍ରାମବାସୀ ଅଭିଯୋଗ କରି ସୋମବାର ସକାଳ ୧୦ଟାରୁ ସ୍କୁଲ ଫାଟକରେ ତାଲାମାରି ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ । ସ୍କୁଲରେ ବାଳ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ୯ ଟି ଶ୍ରେଣୀ ରେ ୨୫୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟରେ ମାତ୍ର ୫ ଜଣ ଶିକ୍ଷକ ଅଛନ୍ତି । ଯଦ୍ୱାରା ବିଦ୍ୟାର୍ଥୀଙ୍କ ପାଠ ପାରେ ବ୍ୟାଘାତ ହେଉଛି । ଫଳରେ ଗତ ବର୍ଷ ତୁଳନାରେ ଏ ବର୍ଷ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି । ଏପରି ଚାଲିଲେ ଆଗକୁ ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ଭାଗ୍ୟ କଣ ହେବ ହୁଏତ ଭଗବାନଙ୍କୁ ଜଣା । ତେଣୁ ଏହାର ସତ୍ୟତା ପ୍ରଶାସନ ଓ ସରକାରଙ୍କ ତରଫରୁ ନିରପେକ୍ଷ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ବିକ୍ଷୋଭ ଓ ଧାରଣା ଖବର ପାଇ ତାଲା ମରାଯାଇଥିବା ଏହି ସିଲାଟ ସ୍କୁଲକୁ ଅତାବିରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଥିଲେ । ଧାରଣାରତ ଅଭିଭାବକ ଏବଂ ସ୍କୁଲର ବିଦ୍ୟାର୍ଥୀଙ୍କୁ ଘଟଣାର ସତ୍ୟାସତ୍ୟ ବୁଝିବା ପରେ ପ୍ରଧାନ ଶିକ୍ଷକ କାର୍ଯ୍ୟରେ ଅବହେଳା କରିଥିବା ପ୍ରମାଣ ମିଳିଥିବା ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କୁ ଭୂଗୋଳ ଓ ଇତିହାସ ପାଠ ପଢାରେ ଶିକ୍ଷକ ଅବହେଳା କରିଛନ୍ତି । ଏ ସବୁକୁ ଦୃଷ୍ଟି ଦେଇ ଗ୍ରାମବାସୀଙ୍କ ଦାବି ମୁତାବକ ସମ୍ପୃକ୍ତ ପ୍ରଧାନ ଶିକ୍ଷକ କ୍ଷିରେଶ୍ୱର ସାହୁଙ୍କ ଦରମା ବନ୍ଦ କରିବା ସହ ତାଙ୍କୁ ବିଇଓ ଅଫିସରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟ ସହକାରୀ ଶିକ୍ଷକମାନେ ଅତିରିକ୍ତ କ୍ଲାସ କରି ବାକିରହିଥିବା ପାଠ ପଢାକୁ ପରୀକ୍ଷା ପୂର୍ବରୁ ସାରିବାକୁ କୁହାଯାଇଥିବା ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରକାଶ କରିଛନ୍ତି । ଅନ୍ୟ ପଟେ ସ୍କୁଲକୁ ପରିଦର୍ଶନରେ ଅବହେଳା କରିଥିବା ଲହଣ୍ଡା ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ରାଜୀବ ବିଶ୍ୱାଳଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ କୁମ୍ଭାର କହିଛନ୍ତି । ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ରତ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାର୍ଥୀ ମାନେ ଦିନ ସାଢେ ୧୧ଟାରେ ଧାରଣରୁ ଓହରିଥିଲେ । ପରେ ପାଠପଢା ସ୍ୱାଭାବିକ ହୋଇଥିଲା ।

# ସମ୍ବଲପୁର ଜିଲ୍ଲାର ରାଜସ୍ୱ ବିଭାଗୀୟସ୍ତରୀୟ ସମୀକ୍ଷା ବୈଠକ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷ ଠାରେ ସମ୍ବଲପୁର ଜିଲ୍ଲାର ରାଜସ୍ୱ ବିଭାଗୀୟ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷତା କରିଥିଲେ । ଜମି ଅଧିଗ୍ରହଣ , ସାଧାରଣ ଲୋକଙ୍କ ଅଭିଯୋଗ ସମାଧାନ, ସମ୍ବଲପୁର ରିଂରୋଡର ନିର୍ମାଣ କାମ, ଇଷ୍ଟକୋଷ୍ଟ ରେଲୱେର ଜରପଡାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩ୟ ଓ ୪ର୍ଥ ରେଳ ଲାଇନ, ସରଳା-ଶାସନ ପ୍ୟାଚ୍‌ରେ ରେଳ ଲାଇନ ବିସ୍ତାର, ସମ୍ବଲପୁର ସିଟିରୁ ସରଳା ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର, ସମ୍ବଲପୁରରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସହ ଓଏଲ୍‌ଆର ଆଇନ ଅନୁଯାୟର ମ୍ୟୁଟେସନ୍ ମାମଲା, ଓଆରଟିପିଏସ୍ ଆଇନ ଅଧିନରେ ବିଭିନ୍ନ ସନଦ ପ୍ରଦାନ, ବସୁନ୍ଧରା ୨୦୨୪ ଓ ୨୦୨୫, ଜମି ମାଲିକାନା ସ୍ୱଷ୍ଟ କରିବା ପାଇଁ ଭୂଲେଖ କଲମ-୨ ସଂଶୋଧନ, କୃଷକ ପଞ୍ଜିକରଣ, ଶିକ୍ଷାନୁଷ୍ଠାନ ଗୁଡିକର ସ୍ଥିତି, ସୀମା ପରିବର୍ତ୍ତନ ପ୍ରକିୟା ଏବଂ ଟିକସ ଆଦାୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ, ରାଜସ୍ୱ ବିଭାଗ ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଦୟମାନ ପ୍ରଯୁକ୍ତି ଶିବିର

ପଦ୍ମପୁର,(ସବ୍ୟୁ): ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର ଠାରେ ଉଦୟମାନ ପ୍ରଯୁକ୍ତି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବହୁ ସଂଖ୍ୟାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସର୍ବେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଦେବଦତ୍ତ ବିଡ଼ିଆ, ଶିବିରର ସମନ୍ୱୟ (କ୍ୟାମ୍ପ କୋଓର୍ଡିନେଟର) ଥିଲେ। ଶିବିରର ଭୀଷ୍ମଦେବ ସାହା (କୃତ୍ରିମ ବୁଦ୍ଧିମତା - ଅଓ) ଅରବିନ୍ଦ ପାଣିଗ୍ରାହୀ (ସାଇବର ସୁରକ୍ଷା), ରମଣ କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ । ଶିବିର ଛାତ୍ରୀମାନଙ୍କ ପାଇଁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଓ ସଚେତନତା ବୃଦ୍ଧିରେ ଉପକାରୀ ଛକାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଭଲ କାମ କଲେ ପୁରସ୍କାର ସୁନିଶ୍ଚିତ : ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ଲୋକଙ୍କ ପଇସାରେ ଦରମା ପାଉଛ । ଭଲ କାମ କର , ସୁଧୁରୀ ଯାଅ, ନହେଲେ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହୁଅ । ଲୋକଙ୍କ ଉତ୍ତମ ସେବା ଯୋଗାଇ ଦେଲେ ପୁରସ୍କାର ସୁନିଶ୍ଚିତ ବୋଲି ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି । ସମୀକ୍ଷା ବୈଠକ ପରେ ସେ ଏହା କହିଥିଲେ । ମନ୍ତ୍ରୀ ଆହୁରି କହିଥିଲେ ଯେ, ଅନେକ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀ ଦୁର୍ନୀତି କରି ଧରା ପଡୁଛନ୍ତି । ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛନ୍ତି । ସରକାରୀ କର୍ମଚାରୀ ମାନଙ୍କୁ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରଖି କାମ କରିବାକୁ ପରାମର୍ଶ ଦେଇ ଭଲ କାମ କଲେ ପଦୋନ୍ନତି ମିଳିବ । ଏହି ଅନୁସାରେ ଅଧିକାରୀ ମାନଙ୍କୁ ପ୍ରୋଗେସ୍ ରିପୋର୍ଟ ଦେବାକୁ ଜିଲ୍ଲା ପ୍ରଶାସନ ଅଧିକାରୀ ମାନଙ୍କୁ କୁହାଯାଇଛି । ତେବେ ରାଜସ୍ୱ ସେବା କ୍ଷେତ୍ରରେ ସମ୍ବଲପୁର ଜିଲ୍ଲାର କାର୍ଯ୍ୟ ସମ୍ପାଦନକୁ ମନ୍ତ୍ରୀ ବେଶ ପ୍ରଂଶସା କରିଥିଲେ । ଅନ୍ୟପଟେ ପ୍ରତି ପଞ୍ଚାୟତରେ ଗୋଟେ କରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୨ଟି ପଞ୍ଚାୟତକୁ ନେଇ ରାଜସ୍ୱ ସର୍କଲ ଏବଂ ପରେ ପ୍ରତି ପଞ୍ଚାୟତ ରାଜସ୍ୱ ସର୍କଲରେ ପରିଣତ ହେବ । ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ସାଧାରଣ ଲୋକଙ୍କୁ ତ୍ୱରୀତ ରାଜସ୍ୱ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଲୋକେ କୌଣସି କାର୍ଯ୍ୟାଳୟକୁ ନଆସି ନିଜ ଘରୁ ସେବା ହାସଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ତହସିଲ ପୁର୍ନଗଠନ ଉପରେ ସେ କହିଥିଲେ ଯେ, ସମ୍ବଲପୁର ତହସିଲକୁ ୨ଭାଗ କରାଯିବ । ହୀରାକୁଦ ଓ ବୁର୍ଲାକୁ ନେଇ ବୁର୍ଲା ଠାରେ ଏକ ନୂତନ ତହସିଲ କାର୍ଯ୍ୟକାରୀ ହେବ । ଭୁବନେଶ୍ୱରରେ ୩ଟି ଓ କଟକକୁ ୨ଟି ତହସିଲରେ ପରିଣତ କରିବା ପାଇଁ ଯୋଜନା ରହିଛି । ଆଗାମୀ ଦିନରେ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ପାଇଁ ନିଯୁକ୍ତି ଦିଆଯିବ । ମହାନଦୀ ଜଳ ପ୍ରସଙ୍ଗରେ ସେ କହିଥିଲେ ଯେ, ଛତିଶଗଡରେ ଅନେକ ବ୍ୟାରେଜ ନିର୍ମାଣ ସମୟରେ ତତ୍‌କାଳୀନ ବିଜେଡି ସରକାର ନୀରବ ରହିଥିଲା । ଟ୍ରିବ୍ୟୁନାଲରେ ମଧ୍ୟ ଓଡିଶାର ପକ୍ଷକୁ ଦୃଢ ଭାବେ ଉପସ୍ଥାପନ କରାଯାଇଥିଲା । ଓଡିଶାର ସ୍ୱାର୍ଥର ସୁରକ୍ଷା ପାଇଁ ବର୍ତ୍ତମାନର ସରକାର ଚେଷ୍ଟା ଜାରି ରଖିଛନ୍ତି ।

# ବିଶ୍ୱ ଆଦ୍ରଭୂମି ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଚିଡିଆଖାନା ଠାରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଷ୍ଟୋରୀଫର ଚେଞ୍ଜର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି । ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ରେଞ୍ଜର ବିନୟ କୁମାର ବୁର୍ହ ଯୋଗ ଦେଇ ଆଦ୍ରଭୂମିର ସଂରକ୍ଷଣ କିଭଳି ବନ୍ୟପ୍ରାଣୀ ଏବଂ ମାନବ ସମାଜ ପାଇଁ ଅପରିହାର୍ଯ୍ୟ ସେ ନେଇ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସଚେତନତା ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ଆଦ୍ରଭୂମିର ସାମ୍ପ୍ରତିକ ସ୍ଥିତି ଓ ଏହାର ସୁରକ୍ଷା ନେଇ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଦ୍ରଭୂମିର ସଂରକ୍ଷଣ ତଥା ଏହାର ପୁନରୁଦ୍ଧାର ପାଇଁ ନିଜନିଜ ସ୍ତରରେ ପ୍ରୟାସ କରିବାକୁ ଛାତ୍ରଛାତ୍ରୀ ମାନେ ଦୃଢ ଶପଥ ନେଇଥିଲେ । ଷ୍ଟୋରୀଫର ଚେଞ୍ଜର ପ୍ରତିଷ୍ଠାତା ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ସମ୍ବଲପୁରର ୬ଟି କଲେଜରୁ ପ୍ରାୟ ୪୫ଜଣ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## ବଲାଙ୍ଗିରରେ ଗଛକଟା ମାମଲା

# ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ରାସ୍ତା ପ୍ରଶସ୍ତିକରଣ ନାମରେ ହେଉଥିବା ବ୍ୟାପକ ଗଛକଟା ମାମଲାରେ ଜାତୀୟ ହରିତ ଟ୍ରିବ୍ୟୁନାଲ (ଏନ୍ ଜି ଟି) ର ପୂର୍ବ ଜୋନ ବେଞ୍ଚ ତଥା କୋଲକାତା ବେଞ୍ଚ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ଜନହିତରେ ଦାଖଲ କରାଯାଇଥିବା ଆବେଦନ ( ଓଏ ନଂ ୧୧୩/୨୦୨୫/ଇ ଜେଡ) ର ବିଚାର କରି ଗତ ୩୦ ଜାନୁଆରୀ ଦିନ ବଲାଙ୍ଗିର ଜିଲ୍ଲା ପାଇଁ ଗୁରୁପୂର୍ଣ୍ଣ ଚୁଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି । ମାମଲାର ବିଚାର କରି ଟ୍ରିବ୍ୟୁନାଲର ନ୍ୟାୟିକ ସଦସ୍ୟ ତଥା ନ୍ୟାୟମୂର୍ତ୍ତି ଅରୁଣ କୁମାର ତ୍ୟାଗୀ ଏବଂ ପରିବେଶ ବିଶେଷଜ୍ଞ ଈଶ୍ୱର ସିଂ ଚୁଡ଼ାନ୍ତ ରାୟରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗିର ଜିଲ୍ଲାରେ ଅବୈଧ ଗଛ କଟାକୁ ରୋକିବା ପାଇଁ ବଲାଙ୍ଗିର ଜିଲ୍ଲାପାଳ, ଡ଼ି ଏଫ୍ ଓ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ସତର୍କତାର ସହିତ କାର୍ଯ୍ୟ କରିବେ ଓ ଅବୈଧ ଗଛକଟାର ପ୍ରତିକାର ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଆବେଦନକାରୀ ଯଦି ନିର୍ଦ୍ଦିଷ୍ଟ ଅଭିଯୋଗ ପୁଣି ଆଣିବେ ତାହାଲେ ଉପରୋକ୍ତ ଅଧିକାରୀମାନେ ଆଇନାନୁମୋଦିତ ବିହିତ ପଦକ୍ଷେପ ନେବେ । ମାମଲାର ଆବେଦନକାରୀ ପଣ୍ଡା କହିଛନ୍ତି ଯେ, ଗତ ୫ ବର୍ଷରେ ସମଗ୍ର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ ୪ ଲକ୍ଷ ୪୫ ହଜାର ଗଛ କଟା ଯାଇଥିବା ସୂଚନା ତାଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ହସ୍ତଗତ ହୋଇଥିଲା । ଏହା ମଧ୍ୟରୁ କେବଳ ରାସ୍ତା ପ୍ରଶସ୍ତିକରଣ ପାଇଁ ୧୫୦୦୦ରୁ ଉର୍ଦ୍ଧ ଗଛ କଟା ଯାଇଥିଲା । ଏହି ଗଛମାନଙ୍କ ମଧ୍ୟରେ ନିମ୍ବ, ପିପଳ, ବଟ, ଆମ୍ବ, ଜାମୁ ଓ ଅଶୋକ ଭଳି ପରିବେଶ ପାଇଁ ଅତ୍ୟନ୍ତ ଉପଯୋଗୀ, ଛାୟା ପ୍ରଦାନକାରୀ, ଜୈବବିବିଧତା ଓ ସ୍ଥାନୀୟ ଜଳବାୟୁ ପାଇଁ ଅତ୍ୟନ୍ତ ଆବଶ୍ୟକ ପ୍ରଜାତିର ପୁରୁଣା ଗଛ ରହିଥିଲା । ରାସ୍ତା ପ୍ରଶସ୍ତିକରଣ ପାଇଁ ଜିଲ୍ଲାବ୍ୟାପୀ କଟାଯାଇଥିବା ୧୫୦୦୦ ଗଛକୁ ଆଇନାନୁମୋଦିତ ଭାବେ ବିଭିନ୍ନ ଦିଗକୁ ବିଚାର କରି ସତର୍କତାର ସହିତ ଗଛ କଟା ଯାଇଥିଲେ ଏତେ ସଂଖ୍ୟାରେ ଗଛ ବିକାଶ ପାଇଁ ବଳି ପଡ଼ି ନଥାନ୍ତା । ବ୍ୟାପକ ସଂଖ୍ୟାରେ ଗଛକଟାର ପ୍ରଭାବ ସ୍ୱରୂପ ଜିଲ୍ଲାରେ ତାପମାତ୍ରା ବୃଦ୍ଧି, ମୃତ୍ତିକା କ୍ଷୟ, ରାସ୍ତା କଡ଼ରେ ଛାୟାର ଅଭାବ, ପକ୍ଷୀ ଓ ଜୀବଜନ୍ତୁ ସଂଖ୍ୟା କମିବା, ଜୈବ ବିବିଧତାରେ ଅବକ୍ଷୟ ଓ ଗ୍ରାମୀଣ ଜୀବନକୁ ପ୍ରଭାବିତ କରିଛି ବୋଲି ପଣ୍ଡା ତାଙ୍କ ଆବେଦନରେ ଦର୍ଶାଇଥିଲେ । ବିକାଶ ଓ ପରିବେଶ ମଧ୍ୟରେ ସମତୁଲତା ରହିବା ଆବଶ୍ୟକ ବୋଲି ପଣ୍ଡା ଯୁକ୍ତି ଦର୍ଶାଇଥିଲେ । ଏନ୍ ଜି ଟିର ରାୟ ଆସିବା ପରେ ଜିଲ୍ଲା ବ୍ୟାପୀ ରାସ୍ତା ପ୍ରଶସ୍ତିକରଣ ପାଇଁ ଅନ୍ଧାଧୁନିଆ ଓ ଅବିଚାରିତ ଭାବରେ ଗଛ କଟା ଗଲେ ପଣ୍ଡା ପୁଣି ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।

# ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ସୋନପୁର, (ସବ୍ୟୁ): ଉଲୁଣ୍ଡା ବ୍ଲକ୍ କଲାପଥର ପଞ୍ଚାୟତ ଭଙ୍ଗାମୁଣ୍ଡା ଠାରେ ନବ ନିର୍ମିତ ରାଧାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଭଙ୍ଗାମୁଣ୍ଡା ମଠର ମହନ୍ତ ହରେକୃଷ୍ଣ ଦାସ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୀତି ନୀତି ଅନୁସାରେ ପୁଜାର୍ଚ୍ଚନା ପରେ ଅନୁଷ୍ଠିତ କଳସଯାତ୍ରାରେ ତିନି ଶହରୁ ଅଧିକ ମହିଳା ମଠରୁ ବାହାରି ମହାନଦୀର ନୂଆଁ ଗଡ଼ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞ କମିଟିର ସଭାପତି ସାଫି ମେହେର ଓ ସଂପାଦକ ମହାଦେବ ନାଏକ କଳସଯାତ୍ରା ପରିଚାଳନା କରିଥିଲେ। ଆଚାର୍ଯ୍ୟ ଭାବରେ ଭାଗିରଥୀ ପଣ୍ଡା, ଗୋପାଳ ପାଢ଼ୀ ଓ ଶ୍ରୀନିବାସ ନାୟକ ରହିଥିବାବେଳେ ଆଜିର କାର୍ଯ୍ୟକ୍ରମରେ ଉମେଶ ପ୍ରସାଦ ରଥ, ତ୍ରିପୁରାରି ମଲ୍ଲିକ,ଉମେଶ ପଧାନ, ପ୍ରଦ୍ୟୁମ୍ନ କର୍ମୀ, ପ୍ରଫୁଲ୍ଲ ବେହେରା, ନାରାୟଣ ସାହୁ, ଜଗଦୀଶ ମେହେର, ଚୈତନ୍ୟ ପଧାନ,ପଞ୍ଚୁ ମେଣ୍ଡିଲି, ରାମଚନ୍ଦ୍ର ପ୍ରଧାନ,ଶିବ ମେହେର, ଦାଶରଥି ଭୋଇ,ଅଯନ୍ କଲତା ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଆସନ୍ତା ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ରାଧାମାଧବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅବସରରେ ରାମାୟଣ ପାରାୟଣ ସହିତ ୫୬ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ତତ୍ ସହିତ କଂସ ଦରବାର ମଧ ହେବ । ନବାହ ପାରାୟଣ ରେ ତରଣୀସେନ ତ୍ରିପାଠୀ ବ୍ୟାସାସନେ ଅଳଙ୍କୃତ ହୋଇ ରାମାୟଣ ପାଠ କରିବେ। ବିଭିନ୍ନ ଦିନର କାର୍ଯ୍ୟକ୍ରମ ରେ ୧୧ ଯୋଡ଼ି କର୍ତ୍ତା ଚୟନ କରା ଯାଇଥିବା କମିଟି ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମରେ ପ୍ରାୟ ୬୦୦ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

## ମୃତ୍ୟୁ ପରେ ଜାରି ହେଲା ଶ୍ରମିକ କାର୍ଡ

## ପ୍ରଶାସନୀୟ ଅବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକର ଦ୍ୱାରୀ ପଞ୍ଚାୟତ ଅଧୀନ ଝାରପାଲି ଗ୍ରାମର ଆତ୍ମାରାମ ପଟେଲଙ୍କ ମୃତ୍ୟୁ ବିଗତ ୧୩/୦୩/୨୦୨୦ ତାରିଖରେ ଘଟିଥିଲା । ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ମୃତ୍ୟୁ ପରେ ୧୮/୦୪/୨୦୨୦ ତାରିଖରେ ତାଙ୍କ ନାମରେ ନୂତନ ଭାବେ ଏକ ଶ୍ରମିକ କାର୍ଡ ଜାରି ହୋଇଥିବା ଘଟଣା ପ୍ରଶାସନକୁ ପ୍ରଶ୍ନର ଘେରାରେ ଆଣିଛି। ମୃତ ବ୍ୟକ୍ତିଙ୍କ ନାମରେ ଶ୍ରମିକ କାର୍ଡ ଜାରି ହେବାର କୌଣସି ପ୍ରାସଙ୍ଗିକତା ନଥିବା ସ୍ପଷ୍ଟ। କାରଣ ଏହା ବଞ୍ଚିଥିବା ବ୍ୟକ୍ତିଙ୍କ ପାଇଁ କାମରେ ଆସେ। ମୃତ୍ୟୁ ପରେ କୌଣସି ପ୍ରକାର ସରକାରୀ ଲାଭ ମିଳିବାରୁ ବଞ୍ଚିତ ହେଲେ ମୃତ ଆତ୍ମାରାମଙ୍କ ପରିବାର ଲୋକେ ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ, ପ୍ରକୃତ ହିତାଧିକାରୀମାନେ ସରକାରୀ ଯୋଜନାର ଲାଭ ପାଇଁ କାର୍ଯ୍ୟାଳୟରୁ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଉଥିବା ବେଳେ, ଏକ ମୃତ ବ୍ୟକ୍ତିଙ୍କ ନାମରେ ଶ୍ରମିକ କାର୍ଡ ଜାରି ହେବା ଫଳରେ ମୃତକଙ୍କ ପରିବାର ଦୁଇ ଲକ୍ଷ ଟଙ୍କା ସହାୟତା ରାଶି ପାଇବାରୁ ବଞ୍ଚିତ ହେବା ପ୍ରଶାସନୀୟ ଅବ୍ୟବସ୍ଥା ଓ ଅନିୟମିତତାକୁ ସ୍ପଷ୍ଟ ଭାବେ ପ୍ରକାଶ କରୁଛି। ଏହି ଘଟଣାକୁ ନେଇ ସ୍ଥାନୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ଉପରେ ସମ୍ପୂର୍ଣ୍ଣ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ମୃତକ ଆତ୍ମାରାମ ପଟେଲଙ୍କ ପରିବାର ମୃତ୍ୟୁ ସହାୟତା ରାଶି ପାଇଁ ସ୍ୱେଚ୍ଛାସେବୀ ଅଭୟ ପଣ୍ଡାଙ୍କ ସହାୟତା ନେବା ସମୟରେ ଏହି ଅନିୟମିତତା ଦୃଷ୍ଟିଗୋଚର ହୋଇଥିଲା।

## ଆନ୍ତଃ ଜିଲ୍ଲା ପ୍ରକୃତି ସୁରକ୍ଷା କର୍ମୀ ସମ୍ମିଳନୀ

# ୨୦ଜଣ ପ୍ରକୃତି ବନ୍ଧୁ ସମ୍ମାନିତ



କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସ୍ଥିତ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟ ପରିସରରେ ପରିବେଶବିତ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆନ୍ତଃ ଜିଲ୍ଲା ପରିବେଶକର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବିଭକ୍ତ ସମ୍ବଲପୁର ଓ ଅନୁଗୁଳ ଜିଲ୍ଲାର ପରିବେଶକର୍ମୀ ମାନେ ଯୋଗ ଦେଇଥିଲେ । ସମ୍ମିଳନୀରେ ପଞ୍ଚାୟତିରାଜ,ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପରିବେଶ ସୁରକ୍ଷାର ଆବଶ୍ୟକତା ଓ ସୂର୍ଯ୍ୟ ରଶ୍ମିର ବ୍ୟବହାର ମାଧ୍ୟମରେ ପ୍ରକୃତି ସଂରକ୍ଷଣ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ପରିବେଶବିତ୍ତ ସୁବାସ ନାୟକଙ୍କୁ 'ପ୍ରକୃତିର ଶ୍ରେଷ୍ଠ ପୁତ୍ର' ସମ୍ମାନ ଓ ଉପାଧି ପ୍ରଦାନ କରାଯାଇଥିବା ବେଳେ ଝାରସୁଗୁଡ଼ାର ଦୀନବନ୍ଧୁ ପଟେଲ,ଦେବଗଡ଼ ରିଆମାଳ ବ୍ଲକରୁ ବିପିନ ବିହାରୀ ପୃଷ୍ଟି , ସମ୍ବଲପୁରର ତ୍ରୀବିକ୍ରମ୍ ପୋଢ଼,ଜମନକିରାର ରତନଲାଲ ସିଂ ,କୁଚିଣ୍ଡାରୁ ପଙ୍କଜିନୀ ନାୟକ,ସୌଦାମିନୀ ପଟେଲ,ସରୋଜ ମେହେର, ସୁଗତ ପଟେଲ, ବାମରାରୁ ପ୍ରଫୁଲ୍ଲ କୁମାର ସାହୁ ,ତୁଳସୀ ମଞ୍ଜରୀ ବହିଦାର, ଝାରସୁଗୁଡ଼ା ବ୍ଲକରୁ ପ୍ରେମ ସାଗର ଦେହେରିଆ,ଯୁଯୁମୁରାରୁ ପ୍ରଦ୍ୟୁମ୍ନ କୁମାର ବିଶି , ଧନକଉଡ଼ାରୁ କିଶୋର ଛତର, ରେଢ଼ାଖୋଲରୁ ପ୍ରତାପ କୁମାର, ଦେବଗଡ଼ ସହରରୁ ସୁକାନ୍ତ ନନ୍ଦ ପ୍ରମୁଖ ମୋଟ ୨୦ଜଣ ପ୍ରକୃତି ବନ୍ଧୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସାମାଜିକ କର୍ମୀ ଅମୃତ ବାଦି ସ୍ୱାଗତ ଭାଷଣ, ଆବାହିକା ପୂର୍ବତନ ସରପଞ୍ଚ ରାଇମତୀ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରିକ୍ସ ସୋଲାରର ନିର୍ଦ୍ଦେଶିକା ସଂଗୀତା ଦାସ ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଲେଜ୍ ଅଧ୍ୟକ୍ଷ ରଞ୍ଜନ ନାଏକ, କୁଚିଣ୍ଡା ବ୍ଲକର ପୂର୍ବ ଅଧ୍ୟକ୍ଷ କରୁଣାକର କିଶାନ, ବିଦ୍ୟୁ ବିଭାଗର କନିଷ୍ଠ ଯନ୍ତ୍ରୀ ଆନନ୍ଦ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ ବିହାରିଲାଲ ପଟେଲ, ପ୍ରମୁଖ ମଞ୍ଚାସୀନ ରହି ପ୍ରକୃତି ସୁରକ୍ଷା ସଂପର୍କରେ ଉଦବୋଧନ ଦେଇ ଥିଲେ । ଶେଷରେ ସଙ୍ଗୀତା ଦାସ ଧନ୍ୟବାଦ୍‌ଅର୍ପଣ କରିଥିଲେ । ପ୍ରଥମେ ଓ ଶେଷରେ ଭାତପୁରା ହାଇ ସ୍କୁଲର ଛାତ୍ରୀ ଗଣ ପ୍ରକୃତି ଆଧାରିତ ସ୍ୱାଗତ ସଙ୍ଗୀତ ଓ ବିଦାୟ ସଙ୍ଗୀତ ପରିବେଷଣ କରି ଥିଲେ।

## ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି

# ପ୍ରତିବାଦରେ ବିଜେଡିର ଗର୍ଜନ ସମାବେଶ




ବରଗଡ଼,(ସବ୍ୟୁ): ଚଳିତ ଖରିଫ ବିପଣନ ଋତୁ ୨୦୨୫-୨୬ ରେ ଖରିପ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଫେଲ୍ ମାରିଥିବାରୁ ଜିଲ୍ଲାରେ ଚାଷୀ ଭାଇମାନେ ଧାନ ବିକିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡବଲ ଇଞ୍ଜିନ ସରକାର ପୁଞ୍ଜିପତି ଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଟିକସ ଛାଡ଼ କରି ଚାଷୀଙ୍କୁ ଉପହାସ କରି ଚାଲିଛି । ଏଥିସହିତ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତିର ତୁରନ୍ତ ସମାଧାନ ଦାବିରେ ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ବିରୋଧୀ ଦଳ ଉପ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ରାଜ୍ୟରେ ବହୁ ଚାଷୀ ପଞ୍ଜୀକୃତରୁ ବଞ୍ଚିତ ଥିବା ସତ୍ତ୍ୱେ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ମାତ୍ର ୭ ଲକ୍ଷ ୯୫ ହଜାର ୨୪୪ ଜଣ ଚାଷୀଙ୍କ ଧାନ କିଣା ଯାଇଥିବା ଉଲ୍ଲେଖ କରିଛନ୍ତି । ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୭୫ ଚାଷୀଙ୍କ ପେମେଣ୍ଟ ସରକାର କରିଥିବା ବେଳେ ଅନ୍ୟ ମାନଙ୍କ ପେମେଣ୍ଟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଧାନ କିଣାର ଅସଲ ଚିତ୍ର ଭାରତ ସରକାରଙ୍କ ତଥ୍ୟ ଓ ରିପୋର୍ଟ ଆଧାରରେ ଉଲ୍ଲେଖ କରିଥିଲେ । ତେବେ ସବୁ ଚାଷୀଙ୍କ ଧାନ କିଣିବାକୁ ବାହାସ୍ଫୋଟ ମାରିଥିବା ସରକାର ବଳକା ପଞ୍ଜୀକୃତ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ କେବେ କିଣିବେ ବୋଲି ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର,ବିଧାୟକ କଳିକେଶ ନାରାୟଣ ସିଂଦେଓ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା,ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ,ବରିଷ୍ଟ ନେତା ଗୌରହରି ମିଶ୍ର,ସୁଶାନ୍ତ ମିଶ୍ର,ସୁବ୍ରତ ସିଂ, କିଶୋର ମିଶ୍ର, ବରଗଡ଼ ଟାଉନ ସଭାପତି ଅନୁପ ଶତପଥୀ,ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ,ରାଜେଶ୍ ଅଗ୍ରୱାଲ,ରାଜୁ ଘିବେଲା,କିଶୋର ଦେବତା, କମଳ ତାଣ୍ଡି ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତୃମଣ୍ଡଳୀ ଜିଲ୍ଲା ପାଳ ଅଫିସ ଘେରାଉ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ରେ ବିଜେଡି ଚାଷୀଙ୍କ ହକ ପାଇଁ ଗର୍ଜନ କରିଥିଲେ । ତେବେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଚେତାବନୀ ସମାବେଶ ପ୍ରତି ଜିଲ୍ଲାରେ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ୨୪ ତାରିଖରେ ରାଜ୍ୟ ରାଜଧାନୀରେ ବିଜେଡି ସରକାରଙ୍କୁ ଚରମ ଚେତାବନୀ ପ୍ରଦାନ କରିବ ବୋଲି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଥିଲେ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୭)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ**
**ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।। ୨୭ ।।**

(କୁତ ଇତ୍ୟତ ଆହ)-ହି (ଯସ୍ମାତ୍) ଜାତସ୍ୟ (ପ୍ରାରବ୍ଧକର୍ମକ୍ଷୟେ) ମୃତ୍ୟୁଃ ଧ୍ରୁବଃ (ନିଶ୍ଚିତଃ), ମୃତସ୍ୟ ଚ (ତଦ୍ଦେହକୃତେନ କର୍ମଣା) ଜନ୍ମ ଧ୍ରୁବଂ, ତସ୍ମାତ୍ (ହେତୋଃ) ଅପରିହାର୍ଯ୍ୟେ (ଅବଶ୍ୟମ୍ଭାବିନି) ଅର୍ଥେ (ବିଷୟେ) ଶୋଚିତୁଂ (ଶୋକଂ କର୍ତ୍ତୁଂ) (ତ୍ୱଂ ବିଦ୍ୱାନ୍) ନ ଅର୍ହସି (ଯୋଗ୍ୟଃ ଭବସି) ।। ୨୭

# ଗତାନୁଗତିକତାରହିତ ବିକଶିତ ରାଷ୍ଟ୍ରର ବଜେଟ

୨୦୨୬-୨୭ ମସିହା ପାଇଁ ଯେଉଁ କେନ୍ଦ୍ରୀୟ ବଜେଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ହୋଇଛି, ତାହାକୁ କେନ୍ଦ୍ର ବିତ୍ତମନ୍ତ୍ରୀ ନିର୍ମଳା ସୀଥାରମଣ, ସଂସଦରେ ଗତ ଫେବୃୟାରୀ ୧ (୨୦୨୬)ରେ ଉପସ୍ଥାପନ କରିଛନ୍ତି । ଏହି ବଜେଟର ବୈଶିଷ୍ଟ୍ୟ ହେଉଛି ଯେ ଗତାନୁଗତିକ ଢାଞ୍ଚାରେ ଏହି ବଜେଟ କେନ୍ଦ୍ର ସରକାର ଉପସ୍ଥାପନ ନ କରି ଜନସାଧାରଣଙ୍କ ହିତାର୍ଥେ ନୂତନ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଏହି ବଜେଟ କରାଯାଇଛି । ଏହି ବଜେଟର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଯେ ଅତୀତରେ ଅବହେଳା ପ୍ରଦର୍ଶନ କରାଯାଇଥିବା ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଏହି ବଜେଟରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । କେବଳ ବିରୋଧୀ ଦଳରେ ଥାଇ ବଜେଟକୁ ବିରୋଧ କରି ଜନସାଧାରଣଙ୍କ ବୃଷ୍ଟି ଆକର୍ଷଣ କରିବା ପାଇଁ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧି, ପୂର୍ବତନ କେନ୍ଦ୍ର ବିତ୍ତମନ୍ତ୍ରୀ ଚିଦାମ୍ବରମ କିମ୍ବା ଓଡ଼ିଶାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଏହି ବଜେଟକୁ ବିରୋଧ କରୁଥିଲେ ମଧ୍ୟ ଏହି ବଜେଟଟି ସ୍ଥିରତା ଓ ଜନସାଧାରଙ୍କ ଆକାଂକ୍ଷା ମଧ୍ୟରେ ଏକ ସନ୍ତୁଳନ ବା ଭାରସାମ୍ୟ (Balance) ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଗତ ବର୍ଷଠାରୁ ବିକଶିତ ଭାରତ ମାର୍ଗରେ କେନ୍ଦ୍ର ବଜେଟକୁ ନିଆ ଯାଉଥିଲା ଏବଂ ବଜେଟ ମଧ୍ୟ ସେହି ପଥରେ ଅଗ୍ରଗମନ କରୁଛି । ଏ ଲେଖକ ଗତ ବର୍ଷର ବଜେଟ ଉପରେ ବିଶ୍ଳେଷଣ କରି ଲେଖିଥିଲା-'୨୦୪୭ ମସିହାରେ ଯେତେବେଳେ ଭାରତ ତାହାର ଶତବାର୍ଷିକ ଉତ୍ସବ ପାଳନ କରିବ, ସେତେବେଳେ ଭାରତ ବିକଶିତ ଭାରତରେ ପରିଣତ ହୋଇଥିବ ବୋଲି ପ୍ରଧାନମନ୍ତ୍ରୀ ଯାହା ଆଶା କରିଛନ୍ତି, ତାହାର ପ୍ରତିଫଳନ ଏ ବଜେଟରେ ହୋଇଥିବା ପରି ଜଣାଯାଇଛି । (ବିକଶିତ ଭାରତ ମାର୍ଗରେ କେନ୍ଦ୍ରୀୟ ବଜେଟ (୨୦୨୫-୨୬)-ଗୁରୁକଲ୍ୟାଣ ମହାପାତ୍ର, ଫେବୃଆରୀ-ମାର୍ଚ୍ଚ ୨୦୨୫, ପୃଷ୍ଠା-୪୮, ଉତ୍କଳ ପ୍ରସଙ୍ଗ)

ଏହି ବଜେଟ ମଧ୍ୟ ସଂସ୍କାରମୁଖୀ । ଏଥିରେ ୩୫୦ଟି ସଂସ୍କାର ଅଣାଯାଇଛି । ଭାରତ ଆତ୍ମନିର୍ଭର ହୋଇ ଯେପରି ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ବିକଶିତ କରିପାରିବ, ସେଥିପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି ଏଥର ବଜେଟରେ ।

ବଜେଟରେଗତାନୁଗତିକ ଧାରାରେ ବର୍ଷକର ଆୟ ଓ ବ୍ୟୟ ବିବରଣୀ ଦିଆଯାଇ ନାହିଁ, ମାତ୍ର ଦୀର୍ଘ ମିଆଦୀ ଅଭିବୃଦ୍ଧି ଓ ବିକାଶ ପାଇଁ ଏହି ବଜେଟରେ ପଥ ପରିସ୍କୃତ ହୋଇଛି । ଲକ୍ଷ୍ୟ ରହିଛି, ୨୦୪୭ରେ ବିକାଶଶୀଳ ଭାରତ ଯେପରି ବିକଶିତ ଭାରତରେ ପରିଣତ ହେବ, ସେହି ଦିଗଟିକୁ ବଜେଟ ଏଥର ବାଛି ନେଇଛି । ଶିକ୍ଷିତ ଜନସାଧାରଣଙ୍କ ମନସ୍ତତ୍ତ୍ୱ ହେଉଛି ଖୁବ୍ ଶୀଘ୍ର ବଜେଟରୁ ଲାଭ ପାଇବା । ମାତ୍ର କେନ୍ଦ୍ରର ମୋଦି ସରକାର ବହୁତ ଭାବିଚିନ୍ତି ଏପରି ଏକ ସୁନ୍ଦର ଓ ଶୃଙ୍ଖଳିତ ବଜେଟ କରିଛନ୍ତି, ଯାହା ଲୋକାଭିମୁଖୀ ଓ ସଂସ୍କାରଧର୍ମୀ ବୋଲି ମନେ ହେଉଛି । ଚାଇନାର କମ୍ୟୁନିଷ୍ଟ ପାର୍ଟି ୧୯୪୯ରେ କ୍ଷମତାସୀନ ହେବା ପରେ ମଧ୍ୟ ୧୯୪୯ରୁ ୧୯୫୨ ମସିହା ମଧ୍ୟରେ ଆର୍ଥିକ ଦୁରାବସ୍ଥା ଦେଇ ତାଙ୍କ ସରକାର ଗତି କରୁଥିଲା । ୧୯୫୭ରେ ତାଙ୍କ ଅର୍ଥନୀତିରେ ସୁଧାର ଆଣିବାକୁ ଉଦ୍ୟମ କରାଗଲା । ଏହାପରେ ଆର୍ଥିକ ସଂସ୍କାର କରାଯାଇ ଚାଇନାର ଅର୍ଥନୀତିକୁ ବଦଳା ଯାଇଥିଲା । ଖୁବ୍ ଶୀଘ୍ର ପୂର୍ବ ଏସିଆରେ ଚାଇନା ତାହାର ଅର୍ଥନୀତି ଓ ବ୍ୟବସାୟକୁ ସେବେଠାରୁ ସୁଦୃଢ଼ କରି ପାରିଥିଲା ।

ଭାରତରେ ମଧ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂ ଆର୍ଥିକ ସଂସ୍କାର କରିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହୋଇପାରି ନଥିଲା । ଏହା ପରେ ଦୀର୍ଘ ଏଗାର ବର୍ଷ କାଳ ଭାରତର ଅର୍ଥନୀତିକୁ ସଜାଡ଼ିବା ସହିତ ବିଶ୍ୱରେ ଆମ ବାଣିଜ୍ୟ ଓ ବ୍ୟବସାୟର ଚାହିଦା ବଢାଇବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଅକ୍ଲାନ୍ତ ପରିଶ୍ରମ କରି ଆସିଛନ୍ତି ।

ଚଳିତ ବଜେଟକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଐତିହାସିକ' ବୋଲି ବର୍ଣ୍ଣନା କରିଛନ୍ତି । ଭାରତର ବାଣିଜ୍ୟ କାରବାର ୟୁରୋପିଆନ ୟୁନିଅନର ରାଷ୍ଟ୍ରଗୁଡିକ ସହିତ ହୋଇଥିବାରୁ ସେ ଆନନ୍ଦ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଭାରତ ଏବେ ଯେଉଁ ସଂସ୍କାର ଏକ୍ସପ୍ରେସ ଆରୋହଣ କରୁଛି, ଏହି ବଜେଟରୁ ସେ ସେଥିପାଇଁ ନୂତନ ଶକ୍ତି ଓ ଗତିଶକ୍ତି ଆହରଣ କରି ପାରିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ବଜେଟକୁ ଏକ ଅଭିବୃଦ୍ଧିମୂଳକ ବଜେଟ ବୋଲି ଉଲ୍ଲେଖ କରିଛନ୍ତି । ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି ଏବଂ ଯୁବଶକ୍ତି ଉପରେ ଫୋକସ ଦିଆଯାଇଛି ବୋଲି ସେ ମଧ୍ୟ ପ୍ରକାଶ କରିଛନ୍ତି ।

ବଡ଼ କଥା ହେଲା ଏହି ବଜେଟରେ ଖଣି-ଶିଳ୍ପ ଓ ବନ୍ଦରକୁ ଯୋଡ଼ିବା ପାଇଁ ତାଳଚେର, ଅନୁଗୁଳ ଏବଂ ଶିଳ୍ପାଞ୍ଚଳ କଳିଙ୍ଗନଗର ସମେତ ଧାମରା ଓ ପରାଦୀପକୁ ଜଳ ମାର୍ଗରେ ଆଶ୍ରୟ ନେବାକୁ ବ୍ୟୟବରାଦ ହୋଇଛି । ସେହିପରି ଓଡ଼ିଶା, କେରଳ, ତାମିଲନାଡୁ ଓ ମଧ୍ୟପ୍ରଦେଶରେ ରେଆର ଆର୍ଥ (ଦୁର୍ଲଭ ମୃତ୍ତିକା)ର ଯେଉଁ ଚଟାଣ କରାଯାଉଛ, ଓଡ଼ିଶାବାସୀ ଏଥିପାଇଁ ଏ ବଜେଟକୁ ସ୍ୱାଗତ କରିବାକୁ ଭୁଲିବେ ନାହିଁ ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବଜେଟ : ବିକଶିତ ଭାରତ ଓ ଓଡ଼ିଶାର ନକ୍ସା



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ,ଓଡ଼ିଶା**

ସଂସଦରେ ମୋଦି ସରକାରଙ୍କର ଦ୍ୱାଦଶ ବର୍ଷରେ ଦେଶର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଲଗାତାର ନବମଥର ପାଇଁ ଦେଶର ବଜେଟ ଉପସ୍ଥାପନ କରିଛନ୍ତି । ନୂତନ ସଂସଦ ଭବନ ସେଣ୍ଟ୍ରାଲଭିସ୍ତାରୁ ଏହା ହେଉଛି ଦେଶର ପ୍ରଥମ ବଜେଟ । ନିର୍ମଳା ସୀତାରମଣଙ୍କର ବଜେଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ରୋଜଗାର ଓ ଜୀବନ ଧାରଣର ମାନରେ ଉନ୍ନତିର ବାର୍ତ୍ତାକୁ ଟିକିନିଖି କରି ବୁଝିବାକୁ ଚେଷ୍ଟା କରିଛି । ଆମ ଦେଶର ବିଭିନ୍ନ ବିରୋଧୀ ରାଜନୈତିକ ଦଳମାନଙ୍କର ଆଭିମୁଖ୍ୟକୁ ମଧ୍ୟ ଭଲଭାବେ ବୁଝିବାକୁ ଚେଷ୍ଟା କରିଛି । ଏହି ରାଷ୍ଟ୍ରୀୟ ବଜେଟରେ ଆମ ରାଜ୍ୟ ଓଡ଼ିଶା ପାଇଁ କି କି ଯୋଜନା, କାର୍ଯ୍ୟକ୍ରମ ତଥା ସୁଯୋଗ ଓ ଆହ୍ୱାନ ଅଛି, ଏହା ଉପରେ ଲମ୍ବା ସମୟ ଧରି ବିଶେଷଜ୍ଞ, ସାଧାରଣଲୋକଙ୍କ ସହ ଆଲୋଚନା କରିଛି । ତିନି ଦଶନ୍ଧିର ମୋର ରାଜନୈତିକ ଯାତ୍ରା ଓ ଅନୁଭବ ଆଧାରରେ ମୁଁ ନିଜେ ଦେଶ, ଓ ବିଶେଷକରି ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ ତର୍ଜମା କରିବାକୁ ଚେଷ୍ଟା କରିଛି ।

ଏହି ନିବନ୍ଧ ମାଧ୍ୟମରେ ଆମ ରାଜ୍ୟର ଛାତ୍ର, ଯୁବକ, ମହିଳା, କୃଷକ, ଗରିବଙ୍କ ସମେତ ଶିଳ୍ପ, ବାଣିଜ୍ୟ, ସଂସ୍କୃତିକୁ ନେଇ କାମ କରୁଥିବା ଓ ଆଗ୍ରହ ରଖିଥିବା ଜନସାଧରଣଙ୍କ ସହ ଭାବର ଆଦାନପ୍ରଦାନ କରିବା ମୋର ଇଚ୍ଛା । ଆପଣମାନେ ସାମାଜିକ ଗଣମାଧମ ଏବଂ ବିଭିନ୍ନ ସରକାରୀ ଯୋଗାଯୋଗ ମାଧ୍ୟମରେ ମୋ ପାଇଁ ଆପଣମାନଙ୍କ ମନ୍ତବ୍ୟ ଦେବା ପାଇଁ ଅନୁରୋଧ କରୁଛି । ମୋର ଦୃଢ଼ବିଶ୍ୱାସ ଆମେ ଖାଲି ନିର୍ବାଚିତ ସରକାର ଚଳାଉନୁ । ଆମେ ଲୋକଙ୍କ ସରକାର ଚଳାଉଛୁ । ସେଥିପାଇଁ ଆପଣମାନେ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି । ଖାଲି ଶବ୍ଦରେ ନୁହେଁ, ମୋର ନୀତିଦିନିଆ କାମରେ ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଲୋକଙ୍କ ମୁଖ୍ୟମନ୍ତ୍ରୀ ସମ୍ବୋଧନର ସମ୍ମାନ ରକ୍ଷା କରିବାର ପ୍ରତିଶ୍ରୁତି ସହ ମୋର ମୂଳ ବିଷୟକୁ ଆସୁଛି ।

ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ଶେଷ କରୁଥିଲେ, ମୋ ମନରେ ଏହିବଜେଟକୁ ଅଳ୍ପ ବାକ୍ୟରେ କେମିତି ବର୍ଣ୍ଣନା କରାଯାଇ ପାରିବ ପ୍ରଶ୍ନ ଉଙ୍କି ମାରୁଥିଲା । ମୋତେ ବ୍ୟକ୍ତିଗତ ଭାବରେ ଲାଗିଲା ଗୋଟିଏ ଆର୍ଥିକ ବର୍ଷପାଇଁ ଅସ୍ପଷ୍ଟତା ବଦଳରେ ସ୍ପଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି । ହୁଏତ ଗୋଟିଏ ଆର୍ଥିକ ବର୍ଷରେ ଲେଖାଯୋଖା ଅଛି । ମାତ୍ର ୨୦୪୭ ସୁଦ୍ଧା ବିକଶିତ ଭାରତର ରୋଡ଼ମ୍ୟାପ ସହ ଏହି ଯାତ୍ରାକୁ ଆହୁରି ଗତିଦେବା ପାଇଁ ଏ ବଜେଟ ଉଦ୍ଦିଷ୍ଟ । ୨୦୩୬ ମସିହାରେ ଆମରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହେବାର ୧୦୦ ବର୍ଷରେ ପହଞ୍ଚିବ । ମାନେ ଆଉ ୧୦ ବର୍ଷରେ ଓଡିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାର ଅନେକ ସୁଯୋଗ ଓ ସମ୍ଭାବନାର ସମ୍ଭାରକୁ ଏହି ବଜେଟରେ ରଖାଯାଇଛି । ମୋଦିଜୀଙ୍କ ଦୃଢ଼ ନେତୃତ୍ୱରେ ଦେଶ ପ୍ରଗତିର ଚରମ ଶୀର୍ଷରେ ପହଞ୍ଚିବ । ତାଙ୍କ ମାର୍ଗଦର୍ଶନରେ ୨୦୩୬ର ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତର ନିର୍ମାଣରେ ବଡ଼ ଭୂମିକାନେବ । ଏଥିପାଇଁ ଏହି ବଜେଟ ତାର କ୍ଷେତ୍ର ପ୍ରସ୍ତୁତି କରିଛି ବୋଲି ମୋର ସ୍ପଷ୍ଟ ମତ ।

ମୋର ଓଡ଼ିଶାର ଭାଇ ଓ ଭଉଣୀମାନେ, ଆମ ଦେଶ ଭାରତ ଆଜି ଦିନରେ ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇପାରିଛି । ଯେଉଁ ବ୍ରିଟିଶ ଶାସନ ଆମକୁ ଶତାବ୍ଦୀ-ଶତାବ୍ଦୀ ପର୍ଯ୍ୟନ୍ତ ଗୋଲାମ କରିଥିଲା, ସେହି ଦେଶ ଇଂ ଲଣ୍ଡକୁ ପଛକୁ ଠେଲି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଛୁ । ଚତୁର୍ଥ ସ୍ଥାନରେ ପହଁଚିବାର ଆମର ସାଙ୍କେତିକ ପକ୍ଷକୁ ବୁଝନ୍ତୁ । ଏହାଦ୍ୱାରା ଦେଶର ଯୁବଶକ୍ତିର ଆତ୍ମବିଶ୍ୱାସ ବୃଦ୍ଧି ଉପରେ ମନସ୍ତାତ୍ତ୍ୱିକ ପ୍ରଭାବକୁ ବି ଅନୁଭବ କରନ୍ତୁ । ଖୁବ୍ ଶୀଘ୍ର ପୃଥିବୀର ତୃତୀୟ ବୃହତ୍ତମ ଏବଂ ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ହେବାର ମନୋବଳକୁ ଓଡ଼ିଆ ଭାବରେ ଆସନ୍ତୁ, ଆମେ ଆହୁରି ଦୃଢ଼ କରିବା ।

ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ, ଏ ହୀନମନ୍ୟତାରୁ ଓଡ଼ିଆ ଜାତିକୁ ଉପରକୁ ଉଠାଇବାର ସମୟ ଆସିଛି । ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳସମ୍ପଦ, ଜଙ୍ଗଲସମ୍ପଦ, ଆଦିବାସୀ ଜନସଂଖ୍ୟା ସହିତ ପରିଶ୍ରମୀ ଓ ବୁଦ୍ଧିମାନ ଓଡ଼ିଆ ଜାତି ପାଇଁ ଏହି ବଜେଟ ହେଉଛି ୨୦୩୬ ପର୍ଯ୍ୟନ୍ତ ଆଗାମୀ ୧୦ ବର୍ଷ ପାଇଁ ଏବଂ ୨୦୪୭ ପର୍ଯ୍ୟନ୍ତ ଆଗାମୀ ୨୧ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ଼ମ୍ୟାପ ।ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଏହି ବଜେଟରେ ପରିସଂଖ୍ୟାନ ନେଇ ତର୍କ ବିତର୍କ ତ ଚାଲିଛି । ମାତ୍ର ଏହି ବଜେଟରେ ଆମ ରାଜ୍ୟ ଓଡ଼ିଶାର ସଂକଳ୍ପକୁ ରାଜ୍ୟର ବିକାଶର ଗତିକୁ ଆହୁରି ଗତିଶୀଳ କରିବା ପାଇଁ ମାନନୀୟ ମୋଦିଜୀ ଓ ସୀତାରମଣଜୀଙ୍କ ଦୂରଦର୍ଶୀ ଯୋଜନା ଉପରେ ଏହି ସୀମିତ ସ୍ଥାନରେ ଚୁମ୍ବକ ଚୁମ୍ବକରେ କିଛି ଲେଖିବା ସହ, ଏହା ଉପରେ ଆପଣମାନେ ବିସ୍ତୃତ ଭାବେ ତର୍କ-ବିତର୍କ ଓ ଆଲୋଚନା କରିବାକୁ ଆହ୍ୱାନ ଜଣାଉଛି ।

ଓଡ଼ିଶା ପାଇଁ ମୋଦୀଜୀଙ୍କ 'ରେୟାର୍ ଆର୍ଥ କରିଡର୍' ଆମ ପ୍ରାକୃତିକ ସମ୍ପଦ, ପରିଶ୍ରମୀ ଏବଂ ବୁଦ୍ଧିମାନ ଓଡ଼ିଆଙ୍କ ସୃଜନଶୀଳତାରେ ଖାଲି ଓଡ଼ିଶାର ନୁହେଁ ବରଂ ଦେଶର ବିକାଶରେ ଏକ ପ୍ରମୁଖ ଭୂମିକା ନେବ । ଏହାର ସଫଳତା ଦେଶର ହାଇଟେକ୍ ତଥା ଭବିଷ୍ୟତର ବିକାଶର ମାପଦଣ୍ଡ ଇଲେକ୍ଟ୍ରିକ୍ ଯାନବାହାନ, ପବନ ଚାଳିତ ଟର୍ବାଇନ୍, ସେମିକଣ୍ଡକ୍ଟର୍ ଏବଂ ବହୁ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାଇଁ ଆମ ରାଜ୍ୟର ଉତ୍ପାଦ ଏକ ପ୍ରମୁଖ ଭୂମିକା ନେବ । ଏଥିପାଇଁ ଏଥରର କେନ୍ଦ୍ରୀୟ ବଜେଟ୍ ସମ୍ପୂର୍ଣ୍ଣ ଭ୍ୟାଲୁ ଚେନକୁ ମାନେ ଖଣି, ଖଣିଜ ସମ୍ପଦ, ଏହାର ପ୍ରକ୍ରିୟାକରଣ ଏବଂ ଫିନିସ୍ଡ ଉତ୍ପାଦ ପାଇଁ ଯୋଜନା ଓ ଅର୍ଥ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଛି । ଖଣିଜ ତଥା ଡାଉନଷ୍ଟ୍ରିମ୍ ଶିଳ୍ପରେ ଓଡ଼ିଶା ସାରା ଦେଶର ପେଣ୍ଠସ୍ଥଳୀ ହେବାରେ ସହାୟକ ହେବ ।

ବଜେଟରେ ଓଡ଼ିଶା ପାଇଁ ଏହି ବ୍ୟବସ୍ଥା ରାଜ୍ୟର ବହୁତ ବଡ଼ ପୁଞ୍ଜି ନିବେଶ ପାଇଁ ସୁଯୋଗ ସୃଷ୍ଟି କରିବ । ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦନ, ଗବେଷଣା ଏବଂ ମାନୁଫେକ୍ଚରିଂ ପ୍ଲାଣ୍ଟରେ ଓଡ଼ିଶାକୁ ଦେଶର କେନ୍ଦ୍ରସ୍ଥଳ କରିବା ପାଇଁ ଏହି ବଜେଟ ଆମ ଓଡ଼ିଆମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି । ଖଣି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ, ପ୍ରକ୍ରିୟାକରଣ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ଓଡ଼ିଶାର ପରିଚୟ ହୋଇପାରିବ । ଆମ ରାଜ୍ୟ ଓଡ଼ିଶା ସହ କେରଳ, ଆନ୍ଧ୍ର ଓ ତାମିଲନାଡୁ ରାଜ୍ୟମାନେ ମଧ୍ୟ ଏହି ଯୋଜନାରେ ସାମିଲ ଅଛନ୍ତି । ଆମ ଉପକୂଳ ଅଞ୍ଚଳର ବାଲିର ସଦୁପଯୋଗ କରି ଚୀନ ଉପରେ ଆମ ଦେଶର ଆମଦାନୀକୁ ବହୁମାତ୍ରାରେ କମାଯାଇ ପାରିବ । ଆମେ ସମୃଦ୍ଧ ହେବା ଏବଂ ଆମ ରାଜ୍ୟ ଦେଶ ସମୃଦ୍ଧିରେ ବଡ଼ ଭୂମିକା ନେବ । ଏହା ତ ଆମ ଓଡ଼ିଆମାନଙ୍କର ୨୦୩୬ ଏବଂ ୨୦୪୭ ପାଇଁ ସ୍ୱପ୍ନ ! ଏ ବଜେଟ୍ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବ ।

ଭିତ୍ତିଭୂମି, ବିଶେଷ ଭାବରେ ରେଳ ଲାଇନ, ରାସ୍ତା ନେଟୱାର୍କ ତଥା ପ୍ରଦୂଷଣ ରହିତ ଜଳପଥମାନେ ସବୁଜ ଲଜିଷ୍ଟିକ୍ସ କ୍ଷେତ୍ରରେ ଏ ବଜେଟ୍ ବଡ଼ ସୁଯୋଗ ଆଣି ଦେଉଛି ବୋଲି ବଜେଟ୍ ଭାଷଣ ଶୁଣୁ ଶୁଣୁ ମୋତେ ଅନୁଭବ ହୋଇଥିଲା । **ଏଥର ରେଳ ବଜେଟ କ୍ଷେତ୍ରରେ ଆମ ରାଜ୍ୟ ପାଇଁ ପାଖାପାଖି ୧୦,୯୨୮ କୋଟି ବ୍ୟୟ ବରାଦର ଆକଳନ କରାଯାଇଛି । ୨୦୨୫-୨୬ ବଜେଟରେ ୧୦,୫୯୯ ଏବଂ ୨୦୨୪-୨୫ ବଜେଟରେ ଏହା ୧୦,୫୩୬ କୋଟି ଥିଲା । ୨୦୧୪ ପୂର୍ବରୁ ୮୦୦ କୋଟି ଆମ ପାଇଁ ସ୍ୱପ୍ନ ଥିଲା । ଏହି ବଜେଟରେ ୫ନଂ ଜାତୀୟ ଜଳପଥର ବିକାଶ ଆମ ଗ୍ରୀନ ଅର୍ଥନୀତିର ଆଧାର ହେବ ।** ଆମର କୋଇଲା ଏବଂ ଖଣିଜ ଓ ଶିଳ୍ପ ହବ୍ ତାଳଚେର, ଅନୁଗୁଳ, କଳିଙ୍ଗ ନଗର, ପାରାଦୀପ ଏବଂ ଧାମରା ଆଦିକୁ ଆମର ନଦୀମାନଙ୍କ ସହ ଯୋଡ଼ିବ । ନଦୀ ଓ ଜଳ ସମ୍ପଦରେ ପୂର୍ଣ୍ଣ ଓଡ଼ିଶା କାହିଁକି ଗରିବ, ଏ ପ୍ରଶ୍ନ ପଚାରିବାକୁ ଆଉ ପଡ଼ିବ ନାହିଁ, ବରଂ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାର ମାଧ୍ୟମ ହେବ । ପୂର୍ବ-ପଶ୍ଚିମ ସମର୍ପିତ ମାଲ ବୁହା କରିଡର୍ ପଶ୍ଚିମବଙ୍ଗର ଡାଙ୍କୁଣିରୁ ଗୁଜରାଟର ସୁରଟରେ ପହଁଚିବ । ଓଡ଼ିଶା ଦେଇ ଯାଉଥିବା ଏହି କରିଡର୍ ଆମର ଶିଳ୍ପ ବିକାଶକୁ ରାଷ୍ଟ୍ରୀୟ ଅର୍ଥନୀତି ସହ ଯୋଡ଼ିବ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରେ ସାରା ବିଶ୍ୱରେ ଓଡ଼ିଶା ପାଇଁ ପରିଚୟ ହୋଇଛି ଆମର ଅତିଥି 'ଅଲିଭ୍ ରିଡଲେ କଇଁଛ' । ଆମର ଉପକୂଳର ଗହୀରମଥା ଏବଂ ଋଷିକୁଲ୍ୟା ମୁହାଣ ମୋଦିଜୀଙ୍କ ବଜେଟ 'ଟର୍ଟଲଟ୍ରେଲ୍ସ' ଓଡ଼ିଶାକୁ ବିଶ୍ୱ ପ୍ରକୃତି ପ୍ରେମୀ ଓ ପର୍ଯ୍ୟଟନ ମାନଚିତ୍ରରେ ଏପରି ଏକ ସ୍ଥାନ ଦେବ, ଯାହା ଭାରତର କୌଣସି ଉପକୂଳ ରାଜ୍ୟର ଭାଗ୍ୟରେ ସମ୍ଭବ ନୁହେଁ । ଆମ ସମୁଦ୍ର ଆମର ଆର୍ଥିକ ଉପଯୋଗରେ କାହିଁକି ଆସୁନି, ଏ ପ୍ରଶ୍ନ ଉଠାଇବାର ଆଉ ସୁଯୋଗ ରହିବନି । ମୋଦିଙ୍କ 'ଟର୍ଟଲଟ୍ରେଲ୍ସ' ଆମ ଉପକୂଳ ପାଇଁ ଅନନ୍ୟ ସୁଯୋଗ ଆଣିବ ।

ମୋର ମନେ ଅଛି ୨୦୧୬ ମସିହାରେ ମୋଦିଜୀ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଉଦ୍‌ଘାଟନ ସମୟରେ କହିଥିଲେ ଏହା ପାରାଦୀପ ନୁହେଁ ଏହା ହେବ ଓଡ଼ିଆ ଯୁବଶକ୍ତିର ବିକାଶ ଦୀପ । ପାରାଦୀପକୁ କେନ୍ଦ୍ର କରି ପୁରା ଆମ ଓଡ଼ିଶାର ଶିଳ୍ପାୟନ ଏବଂ ବିକାଶର ସ୍ୱପ୍ନ ଦେଖାଇଥିଲେ । ଏବେ ବଜେଟରେ କେମିକାଲ୍ସ ପାର୍କ ଉପରେ ଗୁରୁତ୍ୱ ପାରାଦୀପରେ ବିକଶିତ ପେଟ୍ରୋକେମିକାଲ ଇକୋସିଷ୍ଟମରେ ବଡ଼ ପୁଞ୍ଜି ଯୋଡ଼ି ହେବାର ସୁଯୋଗ ତିଆରି କରିଛି ଏହି ବଜେଟ୍ । ଦେଶର ଇଲେକଟ୍ରୋନିକ୍ସ କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ବଡ଼ବଜେଟ ବ୍ୟବସ୍ଥା ଓଡ଼ିଶାରେ ସିଲିକନ୍ ଏବଂ ସେମିକଣ୍ଡକ୍ଟର୍ ଶିଳ୍ପ କ୍ଷେତ୍ରରେ ବଡ଼ ବିକାଶର ସୁଯୋଗ ସୃଷ୍ଟି କରିବ । ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ମାନୁଫାକ୍ଚରିଂ ଏ ବଜେଟରେ ଗୁରୁତ୍ୱ ପାଇଛି । ମୋର ଦୃଢ଼ ବିଶ୍ୱାସ, ବିଶ୍ୱର ବଡ଼ ଶିଳ୍ପ ଅନୁଷ୍ଠାନମାନଙ୍କର ଓଡ଼ିଶା ଉପରେ ଭରସା ଏହି ସମ୍ଭାବନାକୁ ଆହୁରି ବଢ଼ାଇବ । ମୁଁ ନିଜେ ବିଶ୍ୱର ବିଭିନ୍ନ ଦେଶ ଏବଂ ଆମ ଦେଶର ବଡ଼ ବଡ଼ ସହରକୁ ଯାଇ ପୁଞ୍ଜିପତିମାନଙ୍କ ସହ ବ୍ୟକ୍ତିଗତ ଭାବେ କଥା ହେଉଛି । ଉତ୍କର୍ଷ ଓଡ଼ିଶା ବ୍ୟାପକ ସଫଳ ହୋଇଥିଲା । **ପ୍ରବାସୀ ଭାରତୀୟ ଦିବସରେ ବିଶ୍ୱର ଭାରତୀୟ ଶିଳ୍ପପତିମାନେ ଓଡ଼ିଶା ଆସି ମୋଦି ଗ୍ୟାରେଣ୍ଟିରେ 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ କାମ କରୁଛନ୍ତି । ଏହି ବଜେଟ ଆମର ଆଶାକୁ ଆହୁରି ବଢ଼ାଇଛି । ମୁଁ ଆହୁରି ନୂଆ ନୂଆ ପୁଞ୍ଜି ନିବେଶକାରୀଙ୍କୁ ଏହି ସୁଯୋଗରେ ଆମନ୍ତ୍ରଣ କରି ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଯୋଜନା ଓ ପରିଶ୍ରମର ସହ କାମ କରିବି ।**

ଏହି ବଜେଟରେ ରାଜ୍ୟମାନଙ୍କୁ ସୁଧମୁକ୍ତ ଦୀର୍ଘମିଆଦି ଋଣପାଇଁ ୧.୮୫ ଟ୍ରିଲିଅନ ଅର୍ଥବ୍ୟବସ୍ଥା କରାଯାଇଛି । ମୋଦିଜୀଙ୍କ ପ୍ରାଥମିକତା ପୂର୍ବଭାରତ ହୋଇଥିବାରୁ ଆମେ ଆମର ଦୀର୍ଘମିଆଦି ଭିତ୍ତିଭୂମି ପାଇଁ ଏହାର ସଦୁପଯୋଗ କରିବା ପାଇଁ ବଡ଼ ସୁଯୋଗ ସୃଷ୍ଟି ହେବ । ନିବନ୍ଧରେ ଶବ୍ଦର ସୀମା ଅଛି । ଅନେକ କଥା ଆପଣଙ୍କ ସହ ଆଲୋଚନା କରିବାର ଇଚ୍ଛା ଅଛି । ଏହି ବଜେଟ ଦେଶର ସାମାଜିକ ସୁରକ୍ଷା ଓ ସାଧାରଣ ବର୍ଗ ଯଥା ଯୁବକ, ମହିଳା, କୃଷକ ଓ ଆଦିବାସୀ ବିଶେଷଭାବରେ ଗରିବଙ୍କ ରୋଜଗାର ବଢ଼ାଇବା ପାଇଁ ଭିନ୍ନ ଭିନ୍ନ ସୁଯୋଗ ସୃଷ୍ଟି କରିଛି । ପ୍ରକୃତପକ୍ଷେ ଏହି ବଜେଟ ମୋଦିଜୀଙ୍କର ସ୍ଲୋଗାନ 'ସବକା ସାଥ୍ - ସବକା ବିକାଶ'କୁ କ୍ରିୟାନ୍ୱୟନ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି । ମୋଦିଜୀଙ୍କ ନେତୃତ୍ୱରେ ଆମ ଶାସନର ମୂଳ ଆଧାର ଜନଭାଗିଦାରୀ । ବିକାଶକୁ ମୋଦିଜୀ ଜନ ଆନ୍ଦୋଳନର ରୂପ ଦେଇଛନ୍ତି । ଆସନ୍ତୁ, ଏହି ରାଷ୍ଟ୍ରୀୟ ସ୍ରୋତରେ ଆମେ ଓଡ଼ିଆମାନେ ବଡ଼ ଭୂମିକା ନେବା ।

# ଆବେଗ ବି ଏକ ପଣ୍ୟ



**ଡ. ମୃଣାଳ ଚାଟାର୍ଜୀ**

ବର୍ତ୍ତମାନ ସମୟରେ ମଣିଷର ଆବେଗ ଏକ ପଣ୍ୟରେ ପରିଣତ ହେଲାଣି । ମଣିଷର ଈର୍ଷାକୁ ବହୁଦିନରୁ ପଣ୍ୟ କରାହେଇଛି । ସାଂପ୍ରତିକ ସମୟରେ ମଣିଷର କ୍ରୋଧକୁ ବି ପଣ୍ୟ କରାଯାଉଛି । ଅକ୍ସଫୋର୍ଡ ୟୁନିଭରସିଟି ଏ ବର୍ଷର ଶବ୍ଦ ଭାବରେ 'ରେଜ୍‌ବେଟ୍' ଶବ୍ଦଟିକୁ ଗ୍ରହଣ କରିଛନ୍ତି । ଇଂରାଜୀରେ 'ରେଜ୍' ଅର୍ଥ କ୍ରୋଧ, ଆଉ 'ବେଟ୍' ଅର୍ଥ ଥୋପ । 'ରେଜ୍‌ବେଟ୍' ହେଲା-କ୍ରୋଧ ସୃଷ୍ଟି କରିବା ପାଇଁ ଗୋଟେ ଥୋପ । ମଣିଷ ଭିତରେ ରାଗ, କ୍ରୋଧ, କ୍ଷୋଭ ଯେମିତି ତିଆରି ହୁଏ ସେମିତି ଭାବରେ ସୁଚିନ୍ତିତ ଉପାୟରେ ଅନ୍‌ଲାଇନରେ କଣ୍ଟେଣ୍ଟ ସୃଷ୍ଟି କରାଯାଉଛି ଏବଂ ତାକୁ ପ୍ରସାରଣ କରାଯାଉଛି । ଇଛାକୃତ ଭାବରେ ଏମିତି ବିଷୟ ଦିଆ ଯାଉଛି ଆଉ ବିଷୟକୁ ଏମିତି ସଜେଇ ଦିଆଯାଉଛି ଯେମିତି ସାମାଜିକ ଗଣମାଧମରେ ମଣିଷ ରାଗିଯିବ । କ୍ରୋଧର ପ୍ରତିକ୍ରିୟା ଦ୍ରୁତ ବୋଲି କ୍ରୋଧବଶତଃ ମଣିଷ ଓଲଟା ପାଲଟା ମନ୍ତବ୍ୟ ଦେବ । ଆଗ ପଛ ନଭାବି ସେ ପୋଷ୍ଟଟିକୁ ଅନ୍ୟମାନଙ୍କୁ ଫରୱାର୍ଡ କରିଦେବ । ପୋଷ୍ଟ ଯେତେ ଫରୱାର୍ଡ କରିବ ସେତେ ସେ ପୋଷ୍ଟ କରିଥିବା ଲୋକଟି ପ୍ରଚାରରେ ଆସିବ । ତା'ର ଫଲୋୟର ବଢ଼ିବ, ତା'ର ଭିଉଜ୍ ବଢ଼ିବ ଏବଂ ତା'ର ଉପାର୍ଜନ ମଧ୍ୟ ବଢ଼ିବ ।

ଲକ୍ଷ୍ୟ କରନ୍ତୁ 'ରେଜ୍‌ବେଟ୍' ଟା ଠିକ୍ ଉସୁକେଇ ଦେବା ନୁହଁ । 'ରେଜ୍‌ବେଟ୍' ହେଉଛି ମଣିଷ ଭିତରେ ଅସନ୍ତୋଷ, କ୍ଷୋଭ କ୍ରୋଧ ସୃଷ୍ଟି କରିବାପାଇଁ ସୁଚିନ୍ତିତ ଏବଂ ସୁକୌଶଳରେ ତିଆରି ନାନା ପ୍ରକାର କଣ୍ଟେଣ୍ଟ । ମଣିଷର ନିରାପତ୍ତାହୀନତାକୁ ଆଧାର କରି ତାର କୁସଂସ୍କାରଛନ୍ନ ମନକୁ ପଢ଼ି ସୁଚିନ୍ତିତ ଉପାୟରେ ଥୋପ ପକାଯାଏ । ନେତିବାଚକ ଆବେଗଗୁଡିକୁ କାମରେ ଲଗେଇ ନିଜ କଣ୍ଟେଣ୍ଟର ଜନପ୍ରିୟତା ବଢ଼େଇବା, ନିଜ ୱେବସାଇଟେରେ ଅଧିକ ଲୋକଙ୍କୁ ଆଣିବା ବା ଜନମତକୁ ପ୍ରଭାବିତ କରିବା ଏହାର ଲକ୍ଷ୍ୟ ।

ସାମାଜିକ ଗଣମାଧମର ଆଲଗରିଦିମ୍ ବା ହିସାବ ନିକାଶ କାରଣରୁ ଯେଉଁ କଣ୍ଟେଣ୍ଟଟି ବେଶୀ ପ୍ରସାରିତ ହେଲା, ତାହା ଆହୁରି ବେଶୀ ପ୍ରସାରିତ ହେବାର ସମ୍ଭାବନା ଅଧିକ । ଅଧିକ ପ୍ରସାରିତ ଯେଉଁ ବିଷୟକୁ ଲୋକପ୍ରିୟତାର ଏକ ମାନ୍ୟତା ମିଳିଯାଏ । ଏହା ଫଳରେ ତାହା ଆହୁରି ପ୍ରସାରିତ ହେଇଯାଏ । କନଫର୍ମେସନ ବାୟସ (ନିଶ୍ଚିତକରଣ ପକ୍ଷପାତ) ବି କିଛିଟା ଏଥିପାଇଁ ଦାୟୀ ।

କନଫର୍ମେସନ ବାୟସ ହେଲା ମଣିଷର ଏକ ପ୍ରବଣତା, ଯେଉଁଥିରେ ଆମେ ଯାହା ବିଶ୍ୱାସ କରୁ ତାହା ସପକ୍ଷରେ ତଥ୍ୟକୁ ଖୋଜିଆଣି ରଖୁ ଏବଂ ତାହା ସପକ୍ଷରେ ଆମେ ନିଜେ ଓକିଲାତି କରିବା ଆରମ୍ଭ କରୁ । ଆଉ ସେତେବେଳେ ଆମେ ସେହି ତଥ୍ୟକୁ ଗୁରୁତ୍ୱ ଦେଉ, ଯାହା ଆମ ମନମୁତାବକ କିମ୍ବା ଆମ ଭିତରେ ପୂର୍ବରୁ ରହିଥିବା ବିଶ୍ୱାସକୁ ମାନି ନେଉଛି । ଏହି କନଫର୍ମେସନ ବାୟସକୁ ମଧ୍ୟ କାମରେ ଲଗାଯାଏ ।

ସାମାଜିକ ଗଣମାଧମରେ ମଣିଷ ସମ-ମନସ୍କ ମଣିଷକୁ ଖୋଜେ । ସେଠି ବି ରେଜ୍‌ବେଟ୍‌ର ଲେଖକ (କଣ୍ଟେଣ୍ଟ କ୍ରିଏଟର)ମାନେ ପହଞ୍ଚି ଯାଆନ୍ତି । କର୍ଣ୍ଣେଲ ମାଇକେଲ ଆକ୍ୟୁନର ଥରେ ଲେଖିଥିଲେ ଯେ ମନ ହେଉଛି ଅସଲ ଯୁଦ୍ଧକ୍ଷେତ୍ର । ଅନୁଭୁତିକୁ ନିୟନ୍ତ୍ରଣ କରିବା ହେଉଛି ଜୟ । ୧୯୭୩ରେ କାନାଡାରେ ଗୋଟେ ଷ୍ଟଡି ହେଇଥିଲା । ତାକୁ ନୋଟେଲ ଷ୍ଟଡି ବୋଲି କହନ୍ତି । ସେଥିରେ ଦେଖାଯାଏ ଯେ ଟେଲିଭିଜନ ଆସି ପିଲାଙ୍କର ଅବେଗର ତୀବ୍ରତାକୁ ଆହୁରି ବଢ଼େଇ ଦେଇଛି । ପୂର୍ବ ଅପେକ୍ଷା ଆହୁରି ଉତ୍ତେଜିତ ହୋଇ ସେମାନେ ଖେଳ ଭିତରେ ବି ମାଡପିଟ୍ ହେଉଛନ୍ତି । ଗବେଷଣାରୁ ଦେଖାଯାଏ ଯେ ହିଂସାତ୍ମକ କଣ୍ଟେଣ୍ଟ ଛଡା ଅବିରାମ ଉଦ୍ଦୀପନା ମଣିଷକୁ କ୍ଷିପ୍ତ କରିପାରେ ।

ବର୍ତ୍ତମାନ ସମୟରେ ଆମେ ଭାଇରାଲ ଭିଡିଓ, କ୍ଷୋଭ, ଜାଗ୍ରତ କରୁଥିବା ଶିରୋନାମା ଏବଂ ବିତର୍କିତ ପୋଷ୍ଟରର ହରଡଘଣାରେ ଘୁରିବୁଲୁଛୁ । ଦାର୍ଶନିକ ରେନେ ଜିରାଡ କହିଥିଲେ-'ମଣିଷ ଜଣେ ଅନ୍ୟର ଆକାଂକ୍ଷାକୁ ନକଲ କରେ' । ଧରନ୍ତୁ ଅମିତ ଆଉ ସୁମିତ ଭଲ ବନ୍ଧୁ । ଅମିତ ପୂର୍ବରୁ ନାଲି ଜୋତା ପସନ୍ଦ କରୁନଥିଲା । ସେ କେବେ ଏମିତି ଜୋତା ଚାହିଁ ବି ନଥିଲା । ଦିନେ ସୁମିତ ଗୋଟେ ଗାଢ଼ ନାଲି ଜୋତା ପିନ୍ଧି ଆସିଲା । ସମସ୍ତେ ସୁମିତର ଜୋତା ଏବଂ ତା'ର ଷ୍ଟାଇଲକୁ ଖୁବ୍ ପ୍ରଶଂସା କଲେ । ଅମିତ ଦେଖିଲା ଯେ ସୁମିତ ସମସ୍ତଙ୍କ ମନଯୋଗ ପାଉଛି । କ୍ରମଶଃ ତା' ଭିତରେ ବି ଏଇ ଆକାଂକ୍ଷା ଜାଗ୍ରତ ହେଲା ଯେ ତା'ର ବି ଏମିତି ଗୋଟେ ଜୋତା ଦରକାର । ସେ ଜୋତାର ଗୁଣବତ୍ତା ପାଇଁ ତାକୁ ଚାହୁଁନି । ସେ ଚାହୁଁଛି ତା'ର କାରଣ ସୁମିତ ନାଲି ଜୋତାକୁ ଗୋଟେ ଆକାଂକ୍ଷାର ବସ୍ତୁ କରି ତୋଳିଛି । ଅର୍ଥାତ୍ ସେମାନଙ୍କ ଭିତରେ ଗୋଟେ ପ୍ରଦିଦ୍ୱନ୍ଦିତା ଆରମ୍ଭ ହେଉଛି । ଏ ପ୍ରତିଦ୍ୱନ୍ଦିତା କ୍ରମଶଃ ବିବାଦ ଆଡକୁ ମୁହାଁଇଯାଏ । ଜିରାଡ କହୁଛନ୍ତି ଯେ ସମାଜରେ ହିଂସା ଚରମରେ ଉଠିଲେ ସମାଜ ଏକଜୁଟ ହେଇ ଆଉ କାହାରି ଉପରେ ଦୋଷ ଲଦି ଦିଏ । ଅସଲରେ ମଣିଷ ଜାଣେହିଁ ନାହିଁ ଯେ ତା'ର ଆକାଂକ୍ଷା କ'ଣ ହେବା ଉଚିତ । ସେ ସିଦ୍ଧାନ୍ତ ନେବାପାଇଁ ଅନ୍ୟଆଡକୁ ଚାହେଁ । ସୋସିଆଲ ମିଡିଆରେ ଏ ଯେଉଁ ରେଜ୍ ବା କ୍ଷୋଭ ଏକ କ୍ରୋଧର ବାତାବରଣ ଦେଖି ଅନେକ ଲୋକ ମନେକରନ୍ତି ଯେ ଆମର ବି ବୋଧହୁଏ ଏବେ ରାଗିବା ଉଚିତ ବା ଏଥିରେ କିଛି ମନ୍ତବ୍ୟ ଦେବା ଉଚିତ ।ଆଉ ଗୋଟିଏ ଶବ୍ଦ ବି କେଇବର୍ଷ ତଳେ 'ଏ ବର୍ଷର ଶବ୍ଦ' ଭାବରେ ଗୃହୀତ ହେଇଥିଲା ସେ ଶବ୍ଦଟି ହେଲା -ଗ୍ୟାସ ଲାଇଟିଂ । 'ଗ୍ୟାସ ଲାଇଟିଂ' ମାନେ ଜଣେ ଅନ୍ୟକୁ ଦୋଷୀ ବୋଲି ତା' ମୁଣ୍ଡ ଭିତରେ ପୁରେଇବା । ଝଗଡା ସମୟରେ ସବୁବେଳେ ଏଇଆ ହୁଏ । ସ୍ୱାମୀ ସ୍ତ୍ରୀ ଝଗଡା କରୁଛନ୍ତି ଗୋଟେ ସମୟରେ ଦେଖିବେ ଜଣେ କହୁଛନ୍ତି ଯେ ମୁଁ ଏକଥା କହିନାହିଁ । ତୁମେ ଝଗଡା କରିବାପାଇଁ ଭଲପାଅ । ଏହା ପରେ ଲକ୍ଷ୍ୟ କରିବେ ଉଭୟେ ଅନ୍ୟକୁ କହିବାପାଇଁ ଚାହାନ୍ତି ଯେ ତୁମେ ଭୁଲ୍ କରୁଛ । ତୁମେ ମାନସିକ ଭାବରେ ଭଲ ନାହିଁ । ଏହାକୁ କହନ୍ତି ଗ୍ୟାସ ଲାଇଟିଂ । ଏହା ହେଉଛି ଅନ୍ୟର ମନୋବଳକୁ ଭାଙ୍ଗିଦେଇ ଦବେଇ ରଖିବାର ଏକ କୌଶଳ କିମ୍ବା ଗୋଟେ ପ୍ରସଙ୍ଗ ଉଠେଇ ଅନ୍ୟକୁ କ୍ରୁଦ୍ଧ କରି ନିଜେ ଅଟକିଯିବା । ଆଉ ଜଣେ କ୍ରୁଦ୍ଧ ହେଲେ ସେ ଭୁଲ କରିବ, ଇଆଡୁ ସିଆଡୁ କହିବ, ତା'ର ନିଜ ଉପରେ ଆଉ ନିୟନ୍ତ୍ରଣ ରହିବ ନାହିଁ । କ୍ରୁଦ୍ଧ ହେଲେ ମଣିଷ କିଛି ବି କରିପାରେ ।

ସେକସପିୟରଙ୍କ ଜୁଲିୟସ ସିଜର ନାଟକ ଯଦି ଆପଣ ଲକ୍ଷ୍ୟ କରନ୍ତି ତାହାହେଲେ ଦେଖିବେ ଯେ କେବଳ କଥାର କୌଶଳରେ ବିକ୍ଷୁବ୍ଧ ଜନତାଙ୍କୁ ନିଜ ଅନୁକୂଳରେ ନେଇ ଆସିଛନ୍ତି ମାର୍କ ଆଣ୍ଟନି । ସେକ୍ସପିୟର ଦେଖେଇଛନ୍ତି ଯେ ଯୁକ୍ତି ନୁହେଁ, ମଣିଷ ଆବେଗରେ ପରିଚାଳିତ । ଭିଡର କ୍ରୋଧ କ୍ଷମତାବାନମାନଙ୍କର ଅସ୍ତ୍ର ହେଇଯାଏ । କ୍ରୋଧ ଆମର ବୋଧ ବୁଦ୍ଧିକୁ ଦନ୍ଦଡା କରିଦିଏ । 'ପଦ୍ମାବତ୍' ଚଳଚ୍ଚିତ୍ରରେ ବି ଏମିତି ଗୋଟେ ଦୃଶ୍ୟ ଅଛି, ଯେଉଁଠି ଆଲ୍ଲାଉଦ୍ଦିନ ଖିଲଜି ତାଙ୍କ ନିରୁତ୍ସାହିତ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ନିଜ ଦେଶର ପତାକାକୁ ବ୍ୟବହାର କରୁଛନ୍ତି ।

ଲକ୍ଷ୍ୟ କଲେ ଦେଖିବେ ଯେ ରାଗ, ଘୃଣା ଏ ଦୁଇଟି ନକାରାତ୍ମକ ଆବେଗ ଭିଡକୁ ସବୁଠାରୁ ଅଧିକ ସାନ୍ଦ୍ର ଭାବରେ ଏକାଠି କରି ରଖିପାରେ । ଭିଡ ଭିତରେ ଯଦି ଗୋଟେ ପକେଟମାର ଧରାପଡିଯାଏ ତେବେ ସମସ୍ତେ ସେ ପକେଟମାରକୁ ଦି ଚାପୁଡା ଦବାପାଇଁ ଚାହାନ୍ତି । ଆଉ ଟିକିଏ ତଳେଇ ଦେଖିଲେ ଲକ୍ଷ୍ୟ କରିବେ ଯେ ଆମେ ଯେତେ କ୍ଷୁବ୍ଧ ହେବୁ, ରାଗିବୁ, ସେତେ ଆମର ବୋଧବୁଦ୍ଧି କମିଯିବ ଏବଂ ଆମକୁ ବ୍ୟବହାର କରିବା ସେତିକି ସହଜ ହେଇଯିବ । ଅର୍ଥାତ୍ ଆମେ ଯେତେ ରାଗିବୁ, କେହି ନା କେହି ତା'ର ଲାଭ ନେଉଛନ୍ତି ଏବଂ ବର୍ତ୍ତମାନ ଏ ରାଗକୁ ସୃଷ୍ଟି କରାଯାଉଛି । ଆମେ ତାହା ନବୁଝି ସେହି ଫାଶରେ ନିଜେ ଯାଇ ପଶୁଛୁ ।

**ପ୍ରଫେସର, ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେସନ,ସଞ୍ଚାର ମାର୍ଗ, ଢେଙ୍କାନାଳ,ମୋ-୯୪୩୭୦ ୨୬୧୯୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ...

ଆସନ୍ତାକାଲି ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକ୍ୟାପ୍ଟରରେ ରାଷ୍ଟ୍ରପତି ଯାଜପୁର ଯିବେ । ସେଠାରେ ମା' ବିରଜାଙ୍କୁ ଦର୍ଶନ କରିବେ । ଦେଢ଼ ଘଣ୍ଟା ଧରି ମନ୍ଦିରରେ ରହିବେ । ଏହାପରେ ବାଲେଶ୍ୱର ଯାଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଯୋଗଦେବା ପରେ ଅପରାହ୍ଣ ୩.୫୦ରେ ପୁରୀ ଯିବେ । ସନ୍ଧ୍ୟାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଳତୀ ଦର୍ଶନ ସହ ପିଣ୍ଡଦାନ କରିବେ । ରାତ୍ରିରେ ମଧ୍ୟ ପୁରୀ ଲୋକଭବନରେ ରାତ୍ରୀ ଯାପନ କରିବେ । ୪ ତାରିଖରେ ମୟୁରଭଞ୍ଜ ଜିଲ୍ଲା ଯିବେ । ସେଠାରେ ମହୁଲଡ଼ିଆ ସ୍ଥିତ ହଲିଡେ ହୋମର ଉଦଘାଟନ କରିବେ । ରାୟରଙ୍ଗପୁର ମହୁଲଡ଼ିଆ ସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକା ବିଦ୍ୟାଳୟରେ ଭଞ୍ଜବୀର ସୁନାରାମ ସୋରେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ । କ୍ରୀଡା କମ୍ପ୍ଲେକ୍ସର ଲୋକାର୍ପଣ ସହ ଭର୍ଚୁଆଲ ମାଧ୍ୟମରେ ଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ । ୬ ତାରିଖରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସେହିଦିନ ଭୁବନେଶ୍ୱର ଫେରିବେ । ୭ ତାରିଖରେ ଭୁବନେଶ୍ୱର ଅଭିମୁଖେ ଯାତ୍ରୀ କରିବେ ।

## ନବ ଗଠିତ...

ଜିଲ୍ଲାପାଳଙ୍କୁ ନଗର ଉନ୍ନୟନ ବିଭାଗ ଚିଠି ଲେଖିଛି । ୬ ମାସ ସୁଦ୍ଧା ନିର୍ବାଚନ ସାରିବାକୁ ସୀମା ପୁନର୍ନିର୍ଦ୍ଧାରଣ ଓ ସଂରକ୍ଷଣ କାମ ତୁରନ୍ତ ସାରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ରେଳ...

ଅଧିକ । ବର୍ତ୍ତମାନ ଓଡ଼ିଶାରେ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି । ନୂତନ ଲାଇନ ନିର୍ମାଣ ଦୋହରୀ କରଣ,କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାବୃଦ୍ଧିକୁ କାର୍ଯ୍ୟ ଚାଲିଛି । ରାଜ୍ୟର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହ ଜଡିତ ପ୍ରକଳ୍ପ ଗୁଡିକ ଅନ୍ତର୍ଭୁକ୍ତ । ଅମୃତ ଷ୍ଟେସନ ଯୋଜନାରେ ୨୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି । କଟକ (ଦ୍ୱିତୀୟ ପ୍ରବେଶ ଦ୍ୱାର), ବାରିପଦା, ବରପାଲ୍ଲୀ, ବିମଳଗଡ଼, ପାରଳାଖେମୁଣ୍ଡି ଓ ତାଳଚେର ଭଳି ୬ଟି ଷ୍ଟେସନର କାର୍ଯ୍ୟ ଶେଷ ହୋଇଛି । ଆଧୁନିକ ଓଡ଼ିଶାରେ ବର୍ତ୍ତମାନ ୬ ଯୋଡା ବନ୍ଦେ ଭାରତ ଏକ୍ସପ୍ରେସ, ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରୁଛି । ୨୦୧୪ ମସିହାରୁ ଓଡ଼ିଶାରେ ୨୨ କିଲୋମିଟର ନୂତନ ରେଳଟ୍ରାକ ନିର୍ମାଣ କରାଯାଇଛି । ଯାହା ମାଲେସିଆର ସମଗ୍ର ରେଳନେଟ୍ ୱାର୍କ ଠାରୁ ଅଧିକ । ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତିକରଣ ହାସଲ କରିଛି । ଏହି ସମୟ ମଧ୍ୟରେ ୧୫୫୯ କିଲୋମିଟର ରେଳଲାଇନ ବିଦ୍ୟୁତକରଣ ହୋଇଛି । ସୁରକ୍ଷାବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳା ସୁନିଶ୍ଚିତ କରିବା ପାଇଁ ୬୩୨ଟି ସଡ଼କ ଓଭରବ୍ରିଜ୍ ଓ ଅଣ୍ଡରପାସ୍ ନିର୍ମାଣ କରାଯାଇଛି । କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବେ କାର୍ଯ୍ୟକାରୀ କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି । ବିଶ୍ୱସ୍ତରୀୟ ରେଳଭିତ୍ତିଭୂମି ଉନ୍ନତି ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣ ରେଖାଙ୍କିତ କରୁଛି । ଯାହା ରାଜ୍ୟର ଦୀର୍ଘ କାଳୀନ ସାମାଜିକ ଆର୍ଥିକ ବିକାଶ ଲାଗି ପଥ ପ୍ରସ୍ତୁତ କରିବ । ଅନ୍ୟ ଷ୍ଟେସନର ନବୀକରଣ କାର୍ଯ୍ୟ ୨୦୨୬ ଡିସେମ୍ବର ସୁଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଗତବର୍ଷ ପୂର୍ବତଟ ରେଳବାଇକୁ ମିଳିଥିବା ଅର୍ଥର ୮୮% ଖର୍ଚ୍ଚ ହୋଇସାରିଛି । ଓଡ଼ିଶା ୯୧ % ଅର୍ଥ ଖର୍ଚ୍ଚ କରିଛି । ସାମ୍ବାଦିକ ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସମୃଦ୍ଧ...

ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି । ବର୍ତ୍ତମାନ ରାଜ୍ୟରେ ୯୦,୬୫୯ କୋଟି ବ୍ୟୟର ବିଭିନ୍ନ ରେଳପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ୧୧ ବର୍ଷରେ ୨୨ କିଲୋମିଟର ନୂତନ ରେଳଲାଇନ ସ୍ଥାପିତ ହୋଇଛି । ଚଳିତ ବଜେଟରେ ଅନୁମୋଦିତ ପୂର୍ବ-ପଶ୍ଚିମ ପରିବହନ କରିଡର ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟକ କ୍ଷେତ୍ରରେ ଏକ ନୂଆ ଯୁଗର ସୂତ୍ରପାତ କରିବ । କେବଳ ଭୂତ୍ତିଭୂମି ନୁହେଁ, ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ରେଳପଥରେ ହାତୀମୃତ୍ୟୁ ରୋକିବା ପାଇଁ ଏଆଇ ଭିତ୍ତିକ ଥର୍ମାଲ କ୍ୟାମେରା ଓଏଫସି ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରକୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ ଆମର ଏହି ମିଳିତ ପ୍ରୟାସରେ ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତୀ ଶୀଳ ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ।

# ଆୟୁର୍ବେଦିକ୍ ଚିକିତ୍ସକଙ୍କ ଅକାଳ ବିୟୋଗ



ଭୁବନେଶ୍ୱର (ସବ୍ୟୁ) : ଆୟୁର୍ବେଦିକ୍ ଚିକିତ୍ସକ ଡ. ଆଦିତ୍ୟ ନାରାୟଣ ମିଶ୍ରଙ୍କର ଅକାଳ ବିୟୋଗ ହୋଇଛି । ସେ ପୁରୀ ଆୟୁର୍ବେଦିକ୍ ଡିସ୍‌ପେନ୍‌ସାରି କାର୍ଯ୍ୟରତ ଥିବା ଅବସ୍ଥାରେ ଅକସ୍ମାତ୍ ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁରେ ସରକାରୀ ଆୟୁର୍ବେଦ ଚିକିତ୍ସକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । ଜଣେ ଆଦର୍ଶ ବ୍ୟକ୍ତି ଓ ଦକ୍ଷ ଚିକିତ୍ସକ ଭାବେ ତାଙ୍କ ସୁନାମ ଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବିୟୋଗରେ ଭୁବନେଶ୍ୱର ସରକାରୀ ଆୟୁର୍ବେଦିକ୍ ଚିକିତ୍ସାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସେ ନିୟମିତ ସରକାରୀ ଚିକିତ୍ସକ ଭାବେ କାର୍ଯ୍ୟ କରିଆସୁଥିଲେ ସୁଦ୍ଧା ତାଙ୍କର ପେନ୍‌ସନ୍‌ର ଅନିଶ୍ଚିତତା କାରଣରୁ ତାଙ୍କ ଝିଅ ମଧ୍ୟ ଅସହାୟ ହୋଇପଡ଼ିଛନ୍ତି ।

# ଗଛ କାଟୁଥିବା ବେଳେ ଗଛ ପଡ଼ି କଟାଳି ମୃତ



ନରସିଂହପୁର , (ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଓଡିଶିଙ୍ଗା ଗ୍ରାମରେ ଗଛ କାଟୁଥିବା ସମୟରେ ଗଛ ପଡ଼ି ଯିବାରୁ ଘଟଣା ସ୍ଥଳରେ ଗଛ କଟାଳିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣଙ୍କ ଚମ୍ପେଶ୍ୱର ଗୋପାଳ ସାହିର ବୈକୁଣ୍ଠ ଦାସ (୪୭)ବୋଲି ଜଣାପଡିଛି । ବୈକୁଣ୍ଠ ଓଡିଶିଙ୍ଗା ଗ୍ରାମର ବାମନ ଦାସଙ୍କ ବାଡିରେ ଥିବା ଶାଗୁଆନ ଗଛ କାଟିବା ପାଇଁ ଶ୍ରମିକ ଭାବେ ଯାଇଥିଲେ । ଗଛ କାଟିବା ସମୟରେ ଅସାବଧାନତା ବଶତଃ ଗଛଟି ବୈକୁଣ୍ଠଙ୍କ ଉପରେ ଖସି ପଡିଥିଲା । ଘଟଣା ସ୍ଥଳରେ ହିଁ ବୈକୁଣ୍ଠଙ୍କର ମୃତ୍ୟୁ ଘଟିଥିଲା । ଖବର ଯୋଡ଼ୁମୁ ଥାନା ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିବା ସହ ୨/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ପ୍ରାଥମିକ ତଦନ୍ତ କରିଛନ୍ତି ।ଏହି ଘଟଣାରେ ସ୍ଥାନୀୟଲୋକ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିବା ଜଣାଯାଇଛି ।

# କୌଶଲ୍ୟାଗଙ୍ଗ ସିଫା ଆଗରେ କିନ୍ନରଙ୍କୁ ବିଭତ୍ସ ହତ୍ୟା

## ହତ୍ୟାର ୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି : ସାଇଣ୍ଟିଫିକ ଟିମର ଛାନ୍‌ଭିନ୍

ପିପିଲି (ସବ୍ୟୁ) : ରବିବାର ବିଳମ୍ବିତ ରାତି ପ୍ରାୟ ୧୦ଟାରେ ପିପିଲି ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସ୍ଥିତ ସିଫା ସମ୍ମୁଖ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ପାଶ୍ୱର୍ରେ ଜୈନିକ କିନ୍ନରକୁ କେତକ ଦୁର୍ବୃତ୍ତ ମାରଣାସ୍ତ୍ର ଦ୍ୱାରା ନିର୍ମମ ଭାବେ ହତ୍ୟା କରିଛନ୍ତି । ଏହି ଘଟରାକୁ ୨୪ ଘଣ୍ଟା ବିତିଯାଇଥିଲେ ବି ପୁଲିସ ଏହାଯାଏ ହତ୍ୟାକାରୀଙ୍କ ନିକଟରେପହଞ୍ଚି ପାରି ନାହିଁ । ତେବେ ସୋମବାର ସକାଳୁ ଘଟଣାସ୍ଥଳକୁ ଆସି ସାଇଣ୍ଟିଫିକ ଟିମର ଛାନ ଭିନ କରିଥିବା ଜଣାଯାଇଛି । କେତକ କିନ୍ନର ରାତ୍ରିରେ ଉକ୍ତ ଜାତୀୟ ରାଜପଥ ପାର୍ଶରେ ସିଫା ଛକ ଠାରୁ ଗଡ଼ିଆ ପୋଖରୀ ସିଉଳା ଛକ ପର୍ଯ୍ୟନ୍ତ ଠିଆ ହୋଇଥାନ୍ତି । ସେହିପରି ସାଲେପୁର ଅଂଚଳର ଦିନେଶ ଓରଫ ସୋନାକ୍ଷୀ ନାମକ ଜଣେ କିନ୍ନର ଦୁଇଦିନ ତିନି ହେଲା ସିଫା ପାର୍ଶରେ ଠିଆ ହେଉଥିଲେ । କୌଣସି ଏକ କାରଣରୁ ରବିବାର ରାତି ୧୦ ଟା ବେଳେ କେତକ ଦୁର୍ବୃତ୍ତ ଦିନେଶକୁ ବଳ ପୂର୍ବକ ରାସ୍ତା ପାଶ୍ୱର୍ରେ ଥିବା ବାଲିଗଦା ଆଡୁଆଳକୁ ନେଇ ସେଠାରେ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରି ଦିନେଶ ଜଙ୍ଘ ,ଗୋଡ ଏବଂ ଅନ୍ୟାନ ସ୍ଥାନକୁ ହାଣିଦେଇ ସେଠାରେ ପକାଇଦେଇ ପଳାଇ ଥିଲେ । ଦିନେଶ ମୂର୍ମୁଷୁ ଅବସ୍ଥାରେ ଥାଇ ମଧ ତାକୁ ବଞ୍ଚାଇବାକୁ ମୋବାଇଲ ଯୋଗେ ସାଥି କିନ୍ନରଙ୍କୁ ଜଣାଇ ଥିଲା । ଘଟଣା ସ୍ଥଳରେ କେତକ କିନ୍ନର ଏବଂ ପିପିଲି ପୁଲିସ ପହଂଚି ଦିନେଶଙ୍କୁ ଉଦ୍ଧାର କରି ଭୁବନେଶ୍ୱର ସ୍ଥିତ ସରକାରୀ ମୁଖ୍ୟ ଡାକ୍ତର ଖାନାକୁ ପଠାଇଥିଲେ ମାତ୍ର ସେଠାରେ ଡାକ୍ତର ଦିନେଶକୁ ମୃତ ଘୋଷଣା କରିଥିଲେ । ସେହି ରାତ୍ରିରେ ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ତାଙ୍କ ଟିମ ସହ ଘଟଣା ସ୍ଥଳରୁ ଏକ ମୋବାଇଲ, ନକଲି ଚୁଟି ଓ ଚପଲ ଆଦି ଜବତ କରିଛନ୍ତି । ନିଲୁ ନାମ୍ନୀ କିନ୍ନରଙ୍କ ଅଭିଯୋଗ (ଏତଲା ) ଆଧାରରେ ପୁଲିସ କେଶ ନ. ୧୩/୨.୨.୨୦୨୬ ଦଫା ୧୧୩ (୧) ୩(୫) (ବି ଏନ ଏସ) ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ସୋମବାର ଦିନ ପୁରୀରୁ ଏକ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ଛାନ ଭିନ କରିଥିବା ବେଳେ ସେଠାରୁ ମୃତ କିନ୍ନରଙ୍କ ରକ୍ତ ନମୁନା, ଚୁଟି, କପଡା, କଣ୍ଡମ ଆଦି ଜବତ କରି ଛନ୍ତି । ପିପିଲି ପୋଲିସ ଉପସ୍ଥିତରେ ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ମୃତ କିନ୍ନରଙ୍କ ଶବ ବ୍ୟବଚ୍ଛେଦ କରାଯାଇଅଛି ।ତେବେ ଘଟଣା ଘଟିବାର ୨୪ଘଣ୍ଟା ପରେ ମଧ ଅପରାଧୀଙ୍କ ପାଖରେ ପୁଲିସ ପହଂଚି ପାରି ନାହିଁ ।କୌଶଲ୍ୟାଗଙ୍ଗ ପରି ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳର ଜାତୀୟ ରାଜପଥ ପାର୍ଶରେ ହତ୍ୟା କାଣ୍ଡ ଘଟୁ ଅଛି ।କିନ୍ତୁ ପିପିଲି ପୁଲିସ, କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ଓ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ ଆଦି କେହି କିପରି ଏହି ଜଘନ୍ୟ ଘଟଣାର ସୁରାକ ପାଇଲେ ନାହିଁ ତାହା ଏବେ ସାଧାରଣରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟଣାରେ ସମ୍ପୃକ୍ତ ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ ପାଇଁ ସାଧାରଣରେ ଦାବୀ ହେଉଅଛି ।

# ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା

କାକଟପୁର ,(ସବ୍ୟୁ): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନ ପୁରୀଙ୍କ ସହଯୋଗ ଓ କାକଟପୁର ବ୍ଲକ ଅନ୍ତର୍ଗତ ମହାଦେବବସ୍ତ ଗ୍ରାମର ମା ଗଜଲକ୍ଷ୍ମୀଯୁଥ ସୋସିଆଲ ଅ ର୍ଗା ନା ଇ ଜେ ସ ନ ର ଆୟୋଜନରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନେଶର ବିଦ୍ୟାଳୟର ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର (୧୫୦) ଜଣ ଯୁବକ ଯୁବତୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଦୁଇଜଣ କ୍ରୀଡା ନିରୀକ୍ଷକ ପାର୍ଥ ସାରଥି ଦାସ ଓ ସୁଧାଂଶୁ ବିଶାଳ କ୍ରୀଡା ପରିଚାଳନା କରିଥିଲେ। ଉକ୍ତ କ୍ରୀଡା ଉତ୍ସବକୁ ସ୍ଥାନୀୟ ସରପଞ୍ଚ ଉଦଘାଟନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ ଅକ୍ଷୟ କୁମାର ସାଇଁ,ଗୁରୁ ଚରଣ ବିଶାଳ , ତ୍ରିଲୋଚନେଶର ବିଦ୍ୟାପୀଠର ଶିକ୍ଷୟତ୍ରି ଟିକିନା ରାଉତ, ସ୍ମୃତି ସାଗତିକା ବିଶାଳ ଯୋଗ ଦେଇଥିଲେ। ପୁରୁଷ ବିଭାଗରେ ଗ୍ରୁପ କ୍ରୀଡାରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏକକ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ଓ ୧୦୦ ମିଟର ଦୌଡ ପ୍ରତିଯୋଗୀତା କରାଯାଇଥିଲା। ସେହିପରି ବାଳିକା ବିଭାଗରେ ଗ୍ରୁପ କ୍ରୀଡାରେ (ଖୋ) (ଖୋ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏକକ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ଓ (୧୦୦) ମିଟର ଦୌଡ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମିତି ସଭ୍ୟ ଦୈତାରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳଗତ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଟିମ ଓ ଏକକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।


**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 27.01.2026 I Rina Nahak W/o - Hadibandhu Nayak Resident Of Village -Balugaon P.O- Balugaon P.S- Nayagarh Dist-Nayagarh,PIN-752070 declare that I have changed my minor daughter's name from Krishna Nayak to Rishna Nayak Henceforth, She shall be known as Rishna Nayak for all purposes.

Sd/- Rina Nahak

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 30.01.2026 I,Mithunu Sethi S/o - Trilochan Sethi Resident Of Village-Dimisar P.O- Dimisar P.S-Sarankul Dist-Nayagarh,PIN-752092 declare that I have changed my name from Mithun Sethi to Mithunu Sethi Henceforth, I shall be known as Mithunu Sethi for all purposes.

Sd/- Mithunu Sethi


# ଟିପିସିଓଡିଏଲ୍‌ର ଶକ୍ତି ବିତରଣ ସଂସ୍କାର ଉପରେ ଆଇଆଇଟି ଭୁବନେଶ୍ୱରର ଷ୍ଟଡି ରିପୋର୍ଟ



ଭୁବନେଶ୍ୱର (ସବ୍ୟୁ) : ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ର ବିଦ୍ୟୁତ ବିତରଣ କାର୍ଯ୍ୟଦକ୍ଷତା ଉପରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି । ବିତରଣ କ୍ଷେତ୍ରରେ ସଂସ୍କାର ପରବର୍ତୀ ପା* ବର୍ଷ ମଧ୍ୟରେ ନେଟୱାର୍କ ବିଶ୍ୱସନୀୟତା, କାର୍ଯ୍ୟକ୍ଷମତା, ବୈଷୟିକ ହସ୍ତକ୍ଷେପ ଏବଂ ଗ୍ରାହକ ସେବା ପ୍ରଦାନ ପ୍ରକ୍ରିୟା କିଭଳି ବିକଶିତ ହୋଇଛି, ତାହା ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି । ନିର"ର ପୁି ବିନିଯୋଗ, ନେଟୱାର୍କର ଆଧୁନିକୀକରଣ ଏବଂ ବିତରଣ ନେଟୱାର୍କରେ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର କ୍ରମାଗତ ବ୍ୟବହାର ଯୋଗୁଁ ମିଳିଥିବା ସୁଫଳକୁ ଏହି ଅଧ୍ୟୟନରେ ମୂଲ୍ୟାଙ୍କନ କରାଯାଇଛି ।

ଏହି ଅଧ୍ୟୟନଟି ଆଇଆଇଟି ଭୁବନେଶ୍ୱରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଟେ, ଆସୋସିଏଟ୍ ପ୍ରଫେସର ଡକ୍ଟର ଚନ୍ଦ୍ରଶେଖର ପେରୁମାଲ୍ଲା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଅଭିନୀତ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ସେଣ୍ଟ୍ରାଲ ଓଡ଼ିଶାର ୨୯,୩୫୪ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ୧.୩୬ କୋଟି ଜନସାଧାରଣଙ୍କୁ ସେବା ଯୋଗାଉଥିବା ଟିପିସିଓଡିଏଲର କାର୍ଯ୍ୟଦକ୍ଷତାକୁ ଏଥିରେ ପରଖାଯାଇଛି । ଏହି ବିଶ୍ଳେଷଣଟି କ୍ଷେତ୍ର ପରିଦର୍ଶନ, ସିଷ୍ଟମ ଡାଟାର ଯାଞ୍ଚ ଏବଂ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକ୍ଷମତା ଏବଂ ଉପଭୋକ୍ତା ସେବା ଶୈଳୀର ସମୀକ୍ଷା ଉପରେ ଆଧାରିତ ।

ଅଧ୍ୟୟନର ଏକ ମୁଖ୍ୟ ପର୍ଯ୍ୟବେକ୍ଷଣ ହେଉଛି ବିଦ୍ୟୁତ ବିଭ୍ରାଟ ସମୟରେ ଆସିଥିବା ଉଲ୍ଲେଖନୀୟ ହ୍ରାସ, ଯାହା ସମୀକ୍ଷା ସମୟ ମଧ୍ୟରେ 'ସିଷ୍ଟମ ଆଭେରେଜ୍ ଇଣ୍ଟରପ୍ସନ ଡ୍ୟୁରେସନ ଇଣ୍ଡେକ୍ସ' ରେ ପ୍ରାୟ ୫୦% ସୁଧାର ମାଧ୍ୟମରେ ପ୍ରତିଫଳିତ ହୋଇଛି । ଏହି ଉନ୍ନତି ଏକ ସ୍ଥିର ଏବଂ ସୁଦୃଢ଼ ବିତରଣ ନେଟୱାର୍କକୁ ସୂଚାଉଛି, ଯାହା ଉନ୍ନତ ତ୍ରୁଟି ଚିହ୍ନଟ, ଦ୍ରୁତ ତ୍ରୁଟି ପୃଥକୀକରଣ ଏବଂ ସେବା ପୁନଃସ୍ଥାପନ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇଛି । ଏହା ଫଳରେ ଟ୍ରାନ୍ସଫର୍ମର ଟ୍ରିପିଂ ଏବଂ ପୋଡ଼ିଯିବା ହାର ମଧ୍ୟ ହ୍ରାସ ପାଇଛି ।

ଏହି ଅଧ୍ୟୟନରେ କାର୍ଯ୍ୟକ୍ଷମତା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ଲିପିବଦ୍ଧ କରାଯାଇଛି । ସଂସ୍କାର ସମୟର ପ୍ରାରମ୍ଭରେ ପ୍ରାୟ ୩୦% ଥିବା 'ଏଗ୍ରିଗେଟ୍ ଟେକ୍ନିକାଲ୍ ଆଣ୍ଡ କମର୍ସିଆଲ୍' (ଏଟିଆଣ୍ଡସି) କ୍ଷତି ଆର୍ଥିକ ବର୍ଷ ୨୦୨୫ ସୁଦ୍ଧା ୧୮.୯୪% କୁ ହ୍ରାସ ପାଇଛି । ଉନ୍ନତ କାର୍ଯ୍ୟକ୍ଷମ ନିୟନ୍ତ୍ରଣ, ବିଲିଂ ପ୍ରକ୍ରିୟାରେ ସୁଧାର ଏବଂ ନେଟୱାର୍କ ଦକ୍ଷତା ବୃଦ୍ଧି ଯୋଗୁଁ ଏହି ସଫଳତା ମିଳିଛି । ଏହି ସମୟ ମଧ୍ୟରେ ୩୩ କେଭି ଫିଡରରେ ୪୪% ଏବଂ ୧୧ କେଭି ଫିଡରରେ ୪୨% ବୃଦ୍ଧି ସହ ୨୫୦ଟି ସବ୍‌ଷ୍ଟେସନକୁ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସଂଯୁକ୍ତ କରାଯାଇଛି । ଗତ ପା* ବର୍ଷ ମଧ୍ୟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ସବ୍‌ଷ୍ଟେସନ ଗୁଡ଼ିକର ସୁଦୃଢ଼ୀକରଣ, ଅଟୋମେସନ୍ ପରିସର ବୃଦ୍ଧି, ଡିଜିଟାଲ୍ ମନିଟରିଂ ପ୍ଲାଟଫର୍ମ ଏବଂ ସାମଗ୍ରିକ ନେଟୱାର୍କ ସ୍ଥିରତା ପାଇଁ ବ୍ୟୟ କରାଯାଇଛି । ରିପୋର୍ଟ ଉପରେ ପ୍ରଫେସର ଭେଣ୍ଟେ ଓ ଡକ୍ଟର ପେରୁମାଲ୍ଲା ସେମାନଙ୍କର ମତ ରଖିଥିଲେ।, "ଟାଟା ପାୱାର ନେତୃତ୍ୱାଧୀନ ସେଣ୍ଟ୍ରାଲ ଓଡ଼ିଶା ବିତରଣ କମ୍ପାନୀର ଏହି ମୂଲ୍ୟାଙ୍କନ ଦୀର୍ଘକାଳୀନ ଜନସେବା ସୁଧାର ପାଇଁ ଏକ ନିରପେକ୍ଷ ତଥ୍ୟ ଭାବରେ କାର୍ଯ୍ୟ କରିବ । ଯେହେତୁ ଓଡ଼ିଶାର ବିଦ୍ୟୁତ ବିତରଣ ସଂସ୍କାର ମଡେଲ ଆଜି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରୁଛି, ଆମର ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ଯେ ଅତ୍ୟାଧୁନିକ ଅଟୋମେସନ୍ ସହିତ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା କାର୍ଯ୍ୟ ସଂସ୍କୃତି ଦୀର୍ଘସ୍ଥାୟୀ ସୁଫଳ ପ୍ରଦାନ କରିବାରେ ସହାୟକ ହେଉଛି । ଗ୍ରାହକ କୈନ୍ଦ୍ରିକତା ଏବଂ ସେବା ପ୍ରଦାନ ପ୍ରକ୍ରିୟାର ବିକାଶ ଉପରେ ଏଠାରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ୨୪ଘିଆ କଲ୍ ସେଣ୍ଟର ଏବଂ ୨୦ଟି ଗ୍ରାହକ ସେବା କେନ୍ଦ୍ରର ସମ୍ପ୍ରସାରଣ, ଏକାଧିକ ଡିଜିଟାଲ୍ ପେମେ ବ୍ୟବସ୍ଥା ଏବଂ ଅଭିଯୋଗ ତଥା ସୂଚନା ପ୍ରଦାନ ପାଇଁ ଡିଜିଟାଲ୍ ପ୍ଲାଟଫର୍ମର ବ୍ୟାପକ ବ୍ୟବହାରକୁ ଅଧ୍ୟୟନରେ ହାଇଲାଇଟ୍ କରାଯାଇଛି । ବିଲିଂରେ ସଠିକତା, ପ୍ରୋଭିଜନାଲ ବିଲିଂରେ ବ୍ୟାପକ ହ୍ରାସ ଏବଂ ଗ୍ରାହକଙ୍କ ସହ ନିୟମିତ ଯୋଗାଯୋଗ ଯୋଗୁଁ ସ୍ୱଚ୍ଛତା, ସେବା ଗୁଣବା ଏବଂ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି ପାଇଛି । ଏହି ଅଧ୍ୟୟନରେ ଟିପିସିଓଡିଏଲର କାର୍ଯ୍ୟଦକ୍ଷତାକୁ ବ୍ୟାପକ ଜାତୀୟ ବିଦ୍ୟୁତ ସଂସ୍କାର ଢା*। ମଧ୍ୟରେ ସ୍ଥାନିତ କରାଯାଇଛି । ଏହା ଦକ୍ଷତା, ଗ୍ରାହକ କୈନ୍ଦ୍ରିକତା ଏବଂ ଆର୍ଥିକ ସ୍ଥାୟୀତ୍ୱ ଉପରେ ଆଧାରିତ 'ଜାତୀୟ ବିଦ୍ୟୁତ ନୀତି'ର ଉଦ୍ଦେଶ୍ୟ ସହିତ ସମା"ରାଳ ଭାବେ କାର୍ଯ୍ୟ କରୁଥିବା ଏଠାରେ ଉଲ୍ଲେଖ କରାଯାଇଛି । ଏହା ସହିତ ପ୍ରସ୍ତାବିତ 'ବିଦ୍ୟୁତ ଅଧିନିୟମ ସଂଶୋଧନ'ର ମୂଳ ଲକ୍ଷ୍ୟ, ବିଶେଷ କରି ଜବାବଦେହିତା ଏବଂ ବିତରଣ ଦକ୍ଷତା ସହିତ ମଧ୍ୟ ଏହା ସମ୍ପୂର୍ଣ୍ଣ ସମାନତା ରକ୍ଷା କରୁଛି । ଏହି ସଫଳତା ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୧୪ତମ ବାର୍ଷିକ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ ରେ ଟିପିସିଓଡିଏଲ ର 'ଏ' ମାନ୍ୟତା ମାଧ୍ୟମରେ ପ୍ରତିଫଳିତ ହୋଇଛି, ଯାହା ପରିଚାଳନାଗତ, ଆର୍ଥିକ ଏବଂ ଉପଭୋକ୍ତା କୈନ୍ଦ୍ରିକ ପ୍ରଦର୍ଶନ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ଧରି ଶ୍ରେଷ୍ଠତା ପ୍ରତିପାଦନ କରିଛି ।


**AFFIDAVIT**

By virtue of an affidavit sworn before the Executive Magistrate, Binjharpur on 31.01.2026, I Kumari Sarada W/O- Baijayanta Kumar Beuria, Vill : Sundarpur, P.O. : Madhusudanpur, PS : Binjharpur, Dist : Jajpur, Pin : 755004 declare that my minor daughter's name is SUPARNA BEURIA and it was recorded in her Academic Certificates along with her Adhar Card bearing number 566298521338. But wrongly her name was recorded as Subhasmita Beuria at the time of purchasing of a LIC Policy No- 589406049, my minor daughter Suparna Beuria & Sibhasmita Beuria is one & single person. Henceforth She will be known as Suparna Beuria for all purposes.

Sd/- Kumari Sarada

GOVT. OF ODISHA 19001/8/2526

DEPARTMENT OF PANCHAYATI RAJ & DRINKING WATER

OFFICE OF THE PANCHAYAT SAMITI, JAMANKIRA, SAMBALPUR

Email ID: - ori-jamankira@od.gov.in

'E' PROCUREMENT NOTICE NO: - 05/BDO_JAMANKIRA/ 2025-26 DATED 31/01/2026

| | | |
|---|---|---|
| 1 | Name of work | Construction of Block Conference Hall & Block Office Building as per DTCN |
| 2 | Tender Cost | Rs.72.02 lakhs & 12.63 lakhs as per DTCN |
| 3 | Class of contractor | D, C & B as per DTCN |
| 4 | Period of completion | 4 months |
| 5 | Date and time of availability of bid documents in the portal | 02.02.2026 ,10:00AM |
| 6 | Last date/Time for receipt of bids in the portal | 12.02.2026, 05:00PM |
| 7 | Date and time of opening of bid | 13.02.2026,11:00 AM |
| 8 | Name and address of the Officer Inviting Bid | Block Development Officer, Jamankira, O/O Panchayat Samiti, Jamankira, Sambalpur |

Further details can be seen from the Govt web site www.tendersodisha.gov.in.

Sd/- Block Development Officer, Jamankira

OIPR : 19001/19442/1/25-26/0008 Block Development Officer. Jamankira

Superintending Engineer 25001/16/2526

RWS&S Division, Bhubaneswar

| | | | |
|---|---|---|---|
| 1 | 16 port network switch (Make: Dlink/ TP Link) | Nos. | 1 |
| 2 | Cabling, Installation, testing & Commissioning of the System | Job | 1 |

| | | |
|---|---|---|
| | Eligible Agencies : | Reputed Suppliers/Authorized Firms |
| | Last date of issue of Bid Document : | 05.02.2026 till 03:00 P.M. |
| | Last date of submission of Bids : | 05.02.2026 by 04:00 P.M. |
| | Opening of Bids : | 06.02.2026 at 11:30 A.M. |

The bidders have to deliver the quotations in the tender Box having identification No. 35 of 2025-26 kept in the O/o the S.E. RWS&S Division, Bhubaneswar or can send their quotation through Regd Post / speed post so as to reach in the office of the O/o the S.E, RWS&S Division, Bhubaneswar within last date and time of receipt of quotation. Delay due to postal will not be entertained.

Sd/- Superintending Engineer RWS&S Division, Bhubaneswar

OIPR : 25001/25011/1/25-26/0016

OFFICE OF THE PANCHAYAT SAMITI, JALESWAR, BALASORE

19001/8/2526

No. 249 Date - 30.01.2026

"e" Procurement Notice

Bid Identification No. PSJLS_03/2025-26

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necesary documents can be seen in Government website i.e., www.tendersodisha.gov.in

| | | | |
|---|---|---|---|
| 1 | Name of the work | : | Building Works |
| 2. | No. of works | : | 04 Nos. |
| 3. | Estimated Cost | : | 13,72,269.00 to 15,35,295.00 |
| 4. | Period of Completion | : | 120 days. |
| 5. | Bid Submission Start Date | : | 04.02.2026 at 10:00 AM |
| 6. | Bid Submission Closing Date | : | 16.02.2026 upto 11:00 AM |
| 7. | Bid Opening of Date | : | 16.02.2026 at 1.00 PM |
| 8. | Name of Officer inviting Bid | : | Block Development Officer, Jaleswar |

Further details can be seen from the procurement portal i.e. www.tendersodisha.gov.in

Sd/- Block Development Officer Jaleswar

OIPR : 19001/19145/1/25-26/0008

32001/14/2526

GOVERNMENT OF ODISHA

DEPARTMENT OF WATER RESOURCES

Office of the Superintending Engineer, Bhanjanagar Irrigation Division, Bhanjanagar.

Phone No. 06821-291004, e-mail ID:- bnjirrigation2010@gmail.com

e-Procurement Notice No- e-BNID-03/2025-26

| | | | |
|---|---|---|---|
| 1. | Name of work | : | Canal Lining works |
| 2. | Total No of works | : | 10 (Ten) only. |
| 3. | Estimated cost | : | Rs.45.63 Lakhs to 49.65 Lakhs |
| 4. | Period of completion | : | 03 (three) calendar months. |
| 5. | Date & time of availability of Bid Document in the portal | : | 10.00 hours of 05.02.2026 to 5.00 hours 16.02.2026 |
| 6. | Last date/ Time for receipt of Bids in the Portal | : | 16.02.2026 upto 5.00 hours |
| 7. | Date and place of opening of Bid | : | 17.02.2026 at 11.00 Hours in the office of the Superintending Engineer Bhanjanagar Irrigation Division Bhanjanagar |
| 8. | Name and address of the O.I.T (Officer Inviting Tender) | : | Superintending Engineer Bhanjanagar Irrigation Division Bhanjanagar |

Further details can be seen from the e-Procurement Portal "https://tendersodisha.gov.in"

Sd/- Superintending Engineer Bhanjanagar Irrigation Division Bhanjanagar

OIPR : 32001/32010/1/25-26/0014


# ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ରଣପୁର,(ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ର ଝାଡପଡ଼ା ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ପରିଷଦ ସଭାପତି ଶିକ୍ଷାବିତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଆୟୋଜନରେ ୭୦ ବର୍ଷରୁ ଉର୍ଦ୍ଧ୍ୱର୍ ବୟସ୍କ ୨୨ ଜଣ ବୃଦ୍ଧ-ବୃଦ୍ଧା ଏକ ସଫଳ ଓ ସ୍ମରଣୀୟ ତୀର୍ଥ ଯାତ୍ରାରେ ସାମିଲ ହୋଇଥିଲେ । ଏହି ତୀର୍ଥ ଯାତ୍ରାରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ଟାଙ୍ଗୀର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଘନଶ୍ୟାମ ମହାନ୍ତି ମହୋଦୟଙ୍କ ସହଯୋଗ ଓ ନେତୃତ୍ୱ ଥିଲା ।ତୀର୍ଥ ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ସମସ୍ତ ବୃଦ୍ଧ-ବୃଦ୍ଧା ଓଡ଼ିଶାର ବିଶ୍ୱପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟ ମନ୍ଦିର ଦର୍ଶନ କରି ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ କଳା ଓ ସାଂସ୍କୃତିକ ମହ%oକୁ ନିକଟରୁ ଅନୁଭବ କରିଥିଲେ । ପରେ ସେମାନେ ଶ୍ରୀକ୍ଷେତ୍ର ପୁରୀ ଗମନ କରି ଶ୍ରୀମନ୍ଦିର ପରିକ୍ରମା କରି ଶ୍ରୀଜିଉମାନଙ୍କ ଦର୍ଶନର ସୁଯୋଗ ପାଇ ଆମ୍ବିକ ଶାନ୍ତି ଓ ପୁଣ୍ୟ ଲାଭ କରିଥିଲେ । ଏହି ଯାତ୍ରା ସମୟରେ ବୃଦ୍ଧବୃଦ୍ଧାମାନଙ୍କ ସୁବିଧା, ସୁରକ୍ଷା ଓ ସୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତେ ଏହି ପୁଣ୍ୟମୟ ଯାତ୍ରାକୁ ଜୀବନର ଏକ ସ୍ମରଣୀୟ ଅନୁଭବ ଭାବେ ମନେ କରି ଆୟୋଜକମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ନାଗରିକ କଲ୍ୟାଣ ପରିଷଦ, ଝାଡପଡ଼ା ପକ୍ଷରୁ ଏପରି ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରଖାଯିବ ବୋଲି ସୂଚନା ମିଳିଛି ।


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ

## ଲୋକାର୍ପିତ ହେଲା ଡଃ ଅରୁଣ କୁମାର ସାହୁଙ୍କ ପୁସ୍ତକ 'ପୀଡ଼ା' ଓ ସଙ୍ଗୀତ 'ଶୀତୁଆ ସନ୍ଧ୍ୟା'

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ କାର୍ଯ୍ୟକ୍ରମ। ବରିଷ୍ଠ ରାଜନେତା ତଥା ବିଧାୟକ ଡଃ ଅରୁଣ କୁମାର ସାହୁଙ୍କ ରଚିତ ଜୀବନଧର୍ମୀ ପୁସ୍ତକ ପୀଡ଼ା ଓ ସୁଗମ ସଙ୍ଗୀତ ଶୀତୁଆ ସନ୍ଧ୍ୟାର ଲୋକାର୍ପଣ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ମନୋରଞ୍ଜନ ସାହୁ ଏବଂ ମହାନ ଚଇତି ନୃତ୍ୟ ଗୁରୁ ପଦ୍ମଶ୍ରୀ ଡଃ ଉତ୍ସବ ଚରଣ ଦାସ । ଚିରାଚରିତ ଭିଡ଼ରୁ ବାହାରି କିଛି ଭିନ୍ନ କରିବାର ଝୁଙ୍କ ଅରୁଣଙ୍କୁ ଏକ ନିଆରା ପରିଚୟ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମର ସାରସ୍ୱତା ହେଉଛି ଏହା ସନ୍ଧ୍ୟା ୬.୧୮ରୁ ଆରମ୍ଭ ହୋଇ ୭.୩୮ ରେ ସମାପନ ହୋଇଥିଲା ଯାହାକୁ ନେଇ ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଜୋରଧରିଛି। ସବୁବେଳେ



ସମୟାନୁବର୍ତ୍ତିତାର ବାର୍ତ୍ତା ଦେଉଥିବା ଅରୁଣ ଏହି ସଭା ମାଧ୍ୟମରେ ଏହାକୁ ପୁଣିଥରେ ପ୍ରମାଣିତ କରିଛନ୍ତି। ଦୁଃସ୍ଥ, ଅସହାୟ, ନୋଚାଲାଖିର ଜୀବନକୁ ଭିନ୍ନ ଏକ ଢଙ୍ଗରେ ପରିବେଷଣ କରି ପୀଡ଼ା ପୁସ୍ତକକୁ ଜୀବନଧର୍ମୀ କରିଛନ୍ତି ଡଃ ଅରୁଣ କୁମାର ସାହୁ। ଦ୍ୱେଷ, ଅସୂୟା, ନକାରାତ୍ମକତାରୁ ଉର୍ଦ୍ଧ୍ୱକୁ ଉଠି ଦୃଢ଼ ମାନବବାଦର ଏକ ଦୃଢ଼ ପ୍ରତୀକ ଭାବେ ଉଭା ହୋଇଛି ଏହି ପୁସ୍ତକ। ସେହିପରି ବେହାଲ ବର୍ଷା ସଙ୍ଗୀତର ଅହେତୁକ ସଫଳତା ପରେ ଅରୁଣଙ୍କ କଲମରୁ ଝରି ଆସିଛି ଶୀତୁଆ ସନ୍ଧ୍ୟା, ଯାହାକୁ ସଙ୍ଗୀତରେ ସଜେଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଓ ଗାଇଛନ୍ତି ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ । ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ ଏହି ଉତ୍ସବ ସଫଳ ଭାବେ ଶେଷ ହୋଇଛି । ଉପସ୍ଥାପକ ଅଂଶୁମାନ ଜେନା ଏହି ସଫଳ ଉତ୍ସବର ସଞ୍ଚାଳନ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## କିନ୍ନର ହତ୍ୟାକୁ ନେଇ କ୍ୟାପିଟାଲ ହସ୍ପିଟାଲରେ ହୋହଲ୍ଲା, ରାସ୍ତାରୋକ

ଭୁବନେଶ୍ୱର, (ସବ୍ୟୁ) : କିନ୍ନର ହତ୍ୟାକୁ ନେଇ କ୍ୟାପିଟାଲ ହସ୍ପିଟାଲରେ କିନ୍ନର ସମାଜ ପକ୍ଷରୁ ବିକ୍ଷୋଭ ଓ ହୋହାଲ୍ଲା ପ୍ରଦର୍ଶନ କରିବା ସହ କିଛି ସମୟ ରାସ୍ତାରୋକ କରିଥିଲେ । ସେଥିପାଇଁ କ୍ୟାପିଟାଲ ହସ୍ପିଟାଲ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା । ପିପିଲି ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନରେ ସାଲେପୁର ଅଞ୍ଚଳର ଜଣେ କିନ୍ନରଙ୍କୁ ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ହତ୍ୟା କରିଛନ୍ତି । ଶବକୁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା । କ୍ୟାପିଟାଲ ହସ୍ପିଟାଲ ବ୍ୟବଚ୍ଛେଦ ଗୃହ ନିକଟରେ କିନ୍ନର ସମାଜ ହୋହାଲ୍ଲା କରିବା ସହ ହସ୍ପିଟାଲ ଫାଣ୍ଡି ନିକଟରେ ଅପରାଧୀଙ୍କ ଗିରଫଦାରୀକୁ ନେଇ ହୋହାଲ୍ଲା କରିଥିଲେ । ଏଥିରେ ସେମାନେ ସନ୍ତୁଷ୍ଟ ହୋଇନଥିଲେ । କ୍ୟାପିଟାଲ ହସ୍ପିଟାଲ ଛକରେ କିଛି ସମୟ ପାଇଁ ରାସ୍ତାରୋକ କରିବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । କ୍ୟାପିଟାଲ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା । କ୍ୟାପିଟାଲ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହେବାକୁ ନେଇ କିନ୍ନରମାନେ ଆପତ୍ତି କରିଥିଲେ । ସୋମବାର ଏହି ଘଟଣାକୁ ନେଇ କମିଶନରେଟ୍ ପୋଲିସ ପିପିଲି ଥାନା ଅଞ୍ଚଳରେ ଘଟଣା ଘଟିଥିବାରୁ ସେଠାରେ ଏତଲା କରିବାକୁ କହିଥିଲେ । ସୋମବାର ଦିନ ପିପିଲି ଥାନାରେ କିନ୍ନର ସମାଜ ପକ୍ଷରୁ ଏତଲା ହେବାରୁ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଯାଜପୁର ଜିଲ୍ଲା ଖଣି ଫାଉଣ୍ଡେସନ୍ କମିଟିକୁ ମାସକ ଭିତରେ ସାନି ଗଠନ କର: ହାଇକୋର୍ଟ

କଟକ,(ସବ୍ୟୁ): ଯାଜପୁର ଜିଲ୍ଲା ଖଣି ଫାଉଣ୍ଡେସନ କମିଟି ପୁନର୍ଗଠନ ସଂକ୍ରାନ୍ତ ନିର୍ଦ୍ଦେଶନାମାକୁ ହାଇକୋର୍ଟ ଆଂଶିକ ରଦ୍ଦ କରି ଦେଇଛନ୍ତି। ଏହି ନୂତନ ବିଜ୍ଞପ୍ତି ଜରିଆରେ ଅଧିକ ଖଣି ନଥିବା ଅଞ୍ଚଳର ତିନି ସରପଞ୍ଚଙ୍କ ସାମିଲ୍‌କୁ ହାଇକୋର୍ଟ ବାତିଲ୍ କରି ଦେଇଛନ୍ତି। ଏଥିସହ ରାଜ୍ୟ ଉନ୍ନୟନ କମିସନରଙ୍କୁ ଚାରି ସପ୍ତାହ ମଧ୍ୟରେ ଖଣି ନିୟମ ଅନୁଯାୟୀ ଫାଉଣ୍ଡେସନ୍ କମିଟିକୁ ସାନି ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମପଞ୍ଚାୟତର ସରପଞ୍ଚ ବିକାଶ କୁମାର ପାତ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ରାଜ୍ୟ ସରକାର ୨୦୨୫ ଜୁଲାଇ ୨୪ ତାରିଖରେ ଏକ ବିଜ୍ଞପ୍ତି ଜାରି କରିଥିଲେ । ଯେଉଁଥରେ ଯାଜପୁର ଜିଲ୍ଲା ଖଣି କମିଟିର ସାନି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁଥିରେ ପୂର୍ବ କମିଟିକୁ ରଦ୍ଦ କରି ଦିଆଯାଇ ନୂତନ କମିଟି ଗଠନ ପାଇଁ କୁହାଯାଇଥିଲା । ଉକ୍ତ କମିଟିରେ ୧୭ଜଣଙ୍କୁ ସାମିଲ୍ କରାଯାଇଥିଲା । ପିମ୍ପୁଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ, ହରିପୁର ଗ୍ରାମ ପଞ୍ଚାୟତ ଏବଂ ଧୂଳିଗଡ଼ ଗ୍ରାମପଞ୍ଚାୟତର ସରପଞ୍ଚମାନେ ରହିଥିଲେ। ଆବେଦନକାରୀମାନେ ପିଟିସନ୍‌ରେ ଦର୍ଶାଇଥିଲେ ଯେ, କାଳିଆପାଣି ଗ୍ରାମ ପଞ୍ଚାୟତ, କଂସା ଗ୍ରାମ ପଞ୍ଚାୟତ ଏବଂ ରଣଶୋଳ ଗ୍ରାମ ପଞ୍ଚାୟତ ଅଧୀନରେ ଅଧିକ ଖଣି ଅଞ୍ଚଳ ରହିଛି । ଓଡ଼ିଶା ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ୍ ରୁଲ୍ସ-୨୦୧୫ ଅନୁଯାୟୀ, ଯେଉଁ ପଞ୍ଚାୟତ ଅଧୀନରେ ଅଧିକ ଖଣି ଅଞ୍ଚଳ ରହିଥିବ ସେହି ପଞ୍ଚାୟତର ସରପଞ୍ଚମାନେ ଉକ୍ତ ଫାଉଣ୍ଡେସନ୍ କମିଟିର ସଦସ୍ୟ ରହିବେ। ସର୍ବାଧିକ ତିନୋଟି ପଞ୍ଚାୟତର ସରପଞ୍ଚ ସଦସ୍ୟ ରହିବେ। କିନ୍ତୁ ଯେଉଁ ପଞ୍ଚାୟତରେ ଅଧିକ ପରିମାଣର ଖଣିଜ ସାମଗ୍ରୀ ନାହିଁ ସେହିଭଳି ପଞ୍ଚାୟତକୁ ଏହି ଫାଉଣ୍ଡେସନ୍ କମିଟିରେ ସାମିଲ୍ କରାଯାଇଛି । ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। କିନ୍ତୁ ହାଇକୋର୍ଟ ରାଜ୍ୟ ସରକାରଙ୍କ ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି। ହାଇକୋର୍ଟ ରାୟରେ କହିଛନ୍ତି ଯେ, ଏଏମ୍‌ଡିଆର ଆକ୍ଟ ଏବଂ ଓଡିଏସ୍ଏଫ ରୁଲ୍ ଆଧାରରେ ରାଜ୍ୟ ସରକାରଙ୍କ ଯୁକ୍ତି ଗ୍ରହଣୀୟ ନୁହେଁ । ଏହି ଆଇନର ମୂଳ ଲକ୍ଷ୍ୟ ହେଉଛି ଯେଉଁ ଅଞ୍ଚଳରେ ଖଣି ରହିଛି ସେହି ଅଞ୍ଚଳ ଲୋକଙ୍କର ବିକାଶ କରିବା । ଯେତେବେଳେ ଅଧିକ ଖଣିଜ ସାମଗ୍ରୀ ଥିବା ଅଞ୍ଚଳର ସରପଞ୍ଚମାନେ ଥରେ ସାମିଲ୍ ହେବେ ଅନ୍ୟ ଅଞ୍ଚଳର ସରପଞ୍ଚ ସାମିଲ୍ ହୋଇପାରିବେ ନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ ଯଦି ଦେଖାଯାଏ ଯେଉଁ ଅଞ୍ଚଳରେ ଅଧିକ ଖଣିଜ ସାମଗ୍ରୀ ନାହିଁ ସେହି ଅଞ୍ଚଳର ସରପଞ୍ଚମାନଙ୍କୁ ଏହି କମିଟିରେ ସାମିଲ୍ କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ହାଇକୋର୍ଟ କହିଛନ୍ତି ।

## ନିସ୍ ପ୍ରତିଷ୍ଠାତାଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର



ନାୟକଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ - ୨୦୨୬ ରେ ସମ୍ମାନୀତ କରାଯାଇଛି । ଉତ୍କର୍ଷ ଓଡ଼ିଶା ତରଫରୁ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ସାହିତ୍ୟରେ ଉତ୍କର୍ଷତା ଲାଭ କରିଥିବା ୩୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା । ଏଥିରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁସିଂ, କୋରେଇ ବିଧାୟକ ଆକାଶଦାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିକାଶକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉପସ୍ଥାପନା କରିବାର ଲକ୍ଷ୍ୟନେଇ ଉତ୍କର୍ଷ ଓଡ଼ିଶାର ଏକ ନୂତନ ୱେବ ଚାନେଲ୍‌ର ଶୁଭାରମ୍ଭ କରାଯାଇଥିଲା । ଉକ୍ତ ପୁରସ୍କାର ନିମନ୍ତେ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଆୟୋଜକ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଉକ୍ତ ସମ୍ମାନକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ।

'ପେ ଆଣ୍ଡ ୱିନ୍' ଯୋଜନାରେ ୯୦୦ରୁ ଅଧିକ ବିଦ୍ୟୁତ୍ ଗ୍ରାହକଙ୍କୁ ପୁରସ୍କୃତ କରିବ ଟିପିଡବ୍ଲୁଓଡିଏଲ୍

## 'ସ୍ୱୟଂଚାଳିତ ଲକି ଡ୍ର' ମାଧ୍ୟମରେ ବିଜେତାଙ୍କ ନାମ ଚୟନ କରଗଲା

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ)




ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ 'ପେ ଆଣ୍ଡ ୱିନ୍' ଯୋଜନା ଅଧିନରେ ବିଜେତାମାନଙ୍କ ନାମ ଘୋଷଣା କରାଯାଇଅଛି । ସମ୍ବଲପୁର ସହର ସ୍ଥିତ ଟିପିଡବ୍ଲୁଓଡିଏଲ୍ ବାଣିଜ୍ୟିକ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଥିଲା। କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ବିଜେତାମାନଙ୍କ ତାଲିକା ଲକି ଡ୍ର ମାଧ୍ୟମରେ ଘୋଷଣା କରିଥିଲେ । ଶ୍ରୀ ବର୍ମା ସୂଚନା ଦେଇଥିଲେ ଯେ ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୭୫ ହଜାର ୫୮୩ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଛି । ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ । ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଛି । ବିଜେତାମାନଙ୍କୁ ସେମାନଙ୍କର ପୁରସ୍କାର ଗ୍ରହଣ କରିବା ପାଇଁ ଖୁବଶୀଘ୍ର ସେମାନଙ୍କ ନିକଟତମ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯିବ ଏବଂ ବିଜେତାମାନଙ୍କ ସମ୍ପୂର୍ଣ୍ଣ ତାଲିକା କମ୍ପାନୀର ୱେବସାଇଟରେ ପ୍ରକାଶିତ କରାଯିବ । 'ପେ ଆଣ୍ଡ ୱିନ୍' ଯୋଜନା ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ଯୋଗ୍ୟ ଗ୍ରାହକମାନଙ୍କୁ ଚିହ୍ନିତ କରି ପୁରସ୍କୃତ କରିଥାଏ, ଯାହା ଅନ୍ୟମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବିଲ୍ ପୈଠ କରିବାକୁ ପ୍ରେରଣା ଦେଇଥାଏ ।

## ଅବସର ପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ମାଳପୁରା ଗ୍ରାମନିବାସୀ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ରାଉତଙ୍କର ରବିବାର ଦିନ ହୃଦଘାତରେ ବିୟୋଗ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ଖବର



ପାଇ ତାଙ୍କର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ଜଣେ ସ୍ନେହୀ, କର୍ତ୍ତବ୍ୟନିଷ୍ଠ ସମୟାନୁବର୍ତ୍ତୀ, ସହଯୋଗୀ, ଧର୍ମପରାୟଣ, ନିର୍ମଳଭାବାପନ୍ନ ଦକ୍ଷ ଶିକ୍ଷକ ଥିଲେ। ନିଜର ଶିକ୍ଷକତା ଜୀବନରେ ସେ ଅନେକ ଗରିବ ନିସହାୟ ଛାତ୍ରଙ୍କୁ ସାହାଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ବିରାଟ ପଟୁଆରରେ ଗ୍ରାମ୍ୟ ଶଶ୍ମାନକୁ ନିଆଯାଇ ଶବଦାହ କରାଯାଇଥିଲା । ତାଙ୍କର ପୁଅ ମୁଖାଗ୍ନି ଦେଇଥିଲେ।

## ଜଗଦ୍‌ଗୁରୁ ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ୭୦୦ ତମ ଜନ୍ମ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶ୍ରୀଧର ସ୍ୱାମୀ ପ୍ରଚାର ସମିତିର ମିଳିତ ଆନୁକୂଲ୍ୟରେ ଏବଂ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସହଯୋଗରେ ସ୍ଥାନୀୟ ଜୟଦେବ ଭବନଠାରେ ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ପବିତ୍ର ୭୦୦ ତମ ଜନ୍ମ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହରେ ବରେଣ୍ୟ ଅତିଥିଭାବେ ଶ୍ରୀଧାମ ବୃନ୍ଦାବନରୁ ସନ୍ୟାସୀ ଦୀନବନ୍ଧୁ ଦାସ ମହାରାଜ, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପୁରୀ ଶଙ୍କରାନନ୍ଦ ମଠର ପରିଚାଳନା ସଭାପତି ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀଧର ସ୍ୱାମୀ ପ୍ରଚାର ସମିତିର ସଂଯୋଜକ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ପରମ ପ୍ରେମୀ ସ୍ୱର୍ଗତ ଡା ବିଷ୍ଣୁ ଚରଣ ମିଶ୍ର, ବ୍ରହ୍ମଚାରୀ ବାମଦେବ ନନ୍ଦ ଓ ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଚାର ସମିତିର ପରିଚାଳନା ନ୍ୟାସୀ ପ୍ରଦୀପ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା 'ସୁବାର୍ତ୍ତା'ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ଉଦଯାପନୀ ଉତ୍ସବ ସଭାରେ ଅଧ୍ୟକ୍ଷତା କରି ସମସ୍ତ ଅତିଥିଙ୍କ ବକ୍ତବ୍ୟଙ୍କୁ ସଂକ୍ଷେପରେ ଉପସ୍ଥାପନ କରି ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ ପାଇଁ କିଛି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିମଧ୍ୟରେ ଶ୍ରୀଧର ସ୍ୱାମୀଜୀଙ୍କ ସମ୍ବନ୍ଧରେ ୱେବ ସାଇଟ ପ୍ରସ୍ତୁତ କରିବା ଏବଂ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ ହେବା, ରାଜଧାନୀରେ ଶ୍ରୀଧରସ୍ୱାମୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନା ସହ ସ୍ୱାମୀଜୀଙ୍କ ନାମରେ ଏକ ରାସ୍ତାର ନାମକରଣ କରିବା, ଭୁବନେଶ୍ୱରରେ ଥିବା ଶଙ୍କରାନନ୍ଦ ମଠ ସମ୍ପତ୍ତିର ପୁନଃରୁଦ୍ଧାର କରି ଏକ ମଠ ତିଆରି କରିବା ପ୍ରସ୍ତାବ ଅନ୍ୟତମ। ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ତଥା ଗବେଷକ ପ୍ରବୀର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶ୍ରୀଧର ସ୍ୱାମୀଙ୍କ ଦର୍ଶନ ଓ ଆଧ୍ୟାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀର ସହସଚିବ, ସଞ୍ଜୟ କୁମାର ଛୁଆଳସିଂ ଏକାଡେମୀର କାର୍ଯ୍ୟକଳାପ ଏବଂ ସାହାଯ୍ୟ ସହଯାଗ ବିଷୟରେ ବର୍ଣ୍ଣନା କରିଥିଲେ। ସ୍ମୃତି କମିଟିର ସଭାପତି ବିଜୟ କୁମାର ମହାକୁଡ଼ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ପ୍ରଚାର ସମିତିର ମ୍ୟାନେଜିଂ ଟ୍ରଷ୍ଟି ପ୍ରଦୀପ କୁମାର ମହାନ୍ତି ଜନ୍ମ ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜଗଦଗୁରୁ ଶ୍ରୀଧର ସ୍ୱାମୀ ସ୍ମୃତି କମିଟିର ସମ୍ପାଦକ ହରେକୃଷ୍ଣ ପଣ୍ଡା ଧନ୍ୟବାଦର୍ପଣ କରିଥିଲେ। ଏହି ଅବସରରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଶ୍ରୀଧର ସ୍ୱାମୀ ସ୍ମୃତି ସେବା ସମ୍ମାନ - ୨୦୨୬ରେ ସମ୍ମାନିତ କରାଯାଇଥିଲା।

## ମାମଲା ପ୍ରତ୍ୟାହାର ପାଇଁ ଏତଲାକାରୀଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିଚାରାଧୀନ ମାମଲାର ପ୍ରତ୍ୟାହାର ପାଇଁ ଏତଲାକାରୀ ସମିରସେନ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଗ୍ୟାଙ୍ଗର ଜଣକୁ ଗିରଫ କରିଛି ମୈତ୍ରୀବିହାର ଥାନା ପୋଲିସ । କେବଳ ମାମଲା ପ୍ରତ୍ୟାହାର ନୁହେଁ ସମ୍ପତ୍ତି ହସ୍ତାନ୍ତରକୁ ନେଇ ଆକ୍ରମଣକାରୀମାନେ ଆକ୍ରମଣ ସମୟରେ କହୁଥିବା ସ୍ଥାନୀୟ ଲୋକେ ଶୁଣିଥିବା ବେଳେ ଏତଲାରେ ମଧ ଲିପିବଦ୍ଧ ରହିଛି । ୨୦୨୫ ମସିହା ଡିସେମ୍ବର ୨୯ ତାରିଖ ମଧ୍ୟାହ୍ନ ଗୋଟାଏ ବେଳେ ଅଭିଯୋଗକାରୀ ସାମନ୍ତବିହାରରେ ଥିବା ଉତ୍ତର ବିଏମ୍‌ସି କାର୍ଯ୍ୟାଳୟରୁ ବାହାରକୁ ଆସିଥିବା ବେଳେ ଅଭିଯୁକ୍ତ ଖଗେଶ୍ୱର ବାରିକ ଏବଂ ସୌମ୍ୟଜିତ ପଲାଇ ଅନ୍ୟାନ୍ୟ ସହଯୋଗୀମାନଙ୍କ ସହିତ ମିଶି ଯୋଜନାବଦ୍ଧ ଭାବେ ମିଳିତ ଆକ୍ରମଣ କରିଥିଲେ । ତାଙ୍କୁ ରାସ୍ତାରୁ ଟାଣିନେଇ ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଧମକ ଦେଇଥିଲେ । ଅଭିଯୋଗକାରୀଙ୍କ ସମ୍ପତ୍ତି ସମ୍ପର୍କିତ କାଗଜପତ୍ର ବଳପୂର୍ବକ ଛଡାଇ ନେବାକୁ ଚେଷ୍ଟା କରିଥିଲେ । ତାଙ୍କ ଘର ଜମିକୁ ନିଜ ସପକ୍ଷରେ ପଞ୍ଜୀକୃତ କରାଇବା ପାଇଁ ବାଧ କରିଥିଲେ । ଏହା ସହିତ ଆକ୍ରମଣକାରୀମାନେ ସମୀରଙ୍କୁ ନିର୍ମମ ଭାବେ ଆକ୍ରମଣ କରିଥିଲେ । ପ୍ରାୟ ୧ଘଣ୍ଟା ସମୟ ପର୍ଯ୍ୟନ୍ତ ବେଆଇନ ଭାବେ ତାଙ୍କୁ ବନ୍ଦୀ କରି ରଖିଥିଲେ । ହତ୍ୟା କରିବା ଉଦ୍ଦେଶ୍ୟରେ ଛୁରିରେ ଆକ୍ରମଣ ସମୟରେ ନିଜକୁ ବଞ୍ଚାଇବାକୁ ପୀଡିତ ଚେଷ୍ଟା କରୁଥିବା ବେଳେ ତାଙ୍କ ବାମ ହାତରେ ଗୁରୁତର ଭାବେ ଆଘାତ ଲାଗିଥିଲା । ଯଦ୍ୱାରା ସେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ ।

## ୩୮ ଲକ୍ଷ ଜମି ଠକେଇ ମାମଲା, ବିଲ୍ଡର କୋର୍ଟ ଚାଲାଣ

କଟକ, (ସ୍ୱପ୍ର): ଜମି କରାଇଦେବା ନାଁରେ ଟଙ୍କା ଠକେଇ ହୋଇଥିବା କଟକ ସଦର ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଜଣକ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ବଡ଼ଗାଁ ପଂଚାୟତର ସଞ୍ଜୀବ ବିଶ୍ୱାଳ । ସେ ଜଣେ ବିଲଡର ହୋଇଥିବା ବେଳେ ଗତ ୨୦୨୪ ସାଧାରଣ ନିର୍ବାଚନରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ସେ କଟକ ସଦର ଥାନା ଅନ୍ତର୍ଗତ ଜଗନ୍ନାଥବିହାର ଅଂଚଳରେ ରହୁଥିଲେ । ସୂଚନାନୁସାରେ, ଗତ ୨୦୨୨ ମସିହାରେ ତ୍ରିଶୂଳିଆରେ ୫ ଗୁଣ୍ଠ ଜମି ବିକ୍ରି ପାଇଁ ସଞ୍ଜୀବ



କଟକ ଯୋବ୍ରା ଅଂଚଳର ତୁଷାର ରଂଜନ ମିଶ୍ରଙ୍କୁ କହିଥିଲା । ଏଥିପାଇଁ ୯୦ ଲକ୍ଷ ଟଙ୍କା ଚୂଡ଼ାନ୍ତ ହୋଇଥିଲା । ତୁଷାର ପ୍ରଥମ ପର୍ଯ୍ୟାୟରେ ସଞ୍ଜୀବକୁ ୩୮ ଲକ୍ଷ ଟଙ୍କା ଦେଇଥିଲେ । ହେଲେ, କିଛି ଦିନ ପରେ ସଞ୍ଜୀବ ତାଙ୍କୁ ଆଉ ଧରାଛୁଆଁ ଦେଇ ନଥିଲେ କି ଟଙ୍କା ଫେରାଇ ନଥିଲେ । ଏନେଇ ତୁଷାର ଗତକାଲି କଟକ ସଦର ଥାନାରେ ଏତଲା ଦେଇଥିଲେ । ପୋଲିସ ସଞ୍ଜୀବକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସଞ୍ଜୀବଙ୍କ ନାଁରେ ପୂର୍ବରୁ ଏକାଧିକ ଠକେଇ ମାମଲା ରହିଥିବା ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି । ଅନ୍ୟପଟେ ସଞ୍ଜୀବ ଠକେଇ ଟଙ୍କାକୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାରେ ବିନିଯୋଗ କରିଥିବା କୁହାଯାଉଛି ।

## କିଡଜ୍ ୱାର୍ଲ୍ଡ ପ୍ରି ସ୍କୁଲ ର ପଞ୍ଚମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ନୟାପଲ୍ଲୀ ଏବଂ ସୁନ୍ଦରପଦାରେ ଅବସ୍ଥିତ କିଡଜ୍ ୱାର୍ଲ୍ଡ ପ୍ରିସ୍କୁଲ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଏହାର ପଞ୍ଚମ ବାର୍ଷିକ ସମାରୋହ



ପାଳନ କରିଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର , ସମ୍ମାନିତ ଅତିଥି ଶିଶୁ ମନସ୍ତତ୍ତ୍ୱବିତ୍ ତଥା ଜାତୀୟ ଟିଭି ଉପସ୍ଥାପିକା ବିଜୟା ମିଶ୍ର, ଇଣ୍ଡିଆ ୱାର୍ଲ୍ଡ ୱାଇଡ୍ ୨୦୨୫ ସଂଗୀତା ନାୟକ ଓ ଜୟଦେବବିହାର ଏସଆଇପି ଆବାକସ ନିର୍ଦ୍ଦେଶିକା ସୁଜାତା ଧଳ ଯୋଗଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଗୁପ୍ତେଶ୍ୱର ସୂତାର ଏବଂ ପ୍ରଧାନଶିକ୍ଷକ ରଶ୍ମିରେଖା ମିଶ୍ର ମିଳିତ ଭାବରେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବର୍ଷସାରା ଅନୁଷ୍ଠିତ ରାଇମ୍ସ, କଳା, ଫ୍ୟାନ୍ସି ଡ୍ରେସ୍ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିଭାବକମାନଙ୍କୁ ମଧ ସେମାନଙ୍କ ସମର୍ଥନ ପାଇଁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ଯୁବ କୃତିତ୍ୱ ହାସଲକାରୀଙ୍କୁ ଅନେକ ପୁରସ୍କାର ମଧ ପ୍ରଦାନ କରିଥିଲେ। ଅଭିଭାବକ ଏବଂ ଛାତ୍ରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ଉତ୍ସବକୁ ଜୀବନ୍ତ ଏବଂ ସ୍ମରଣୀୟ କରିଥିଲେ। ୨୦୨୧ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲ ଗତ ପାଞ୍ଚ ବର୍ଷ ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସାରା ସହରରେ ସ୍ୱୀକୃତି ହାସଲ କରିଛି। ଏହା ବର୍ତ୍ତମାନ ଭୁବନେଶ୍ୱରର ଏକ ପ୍ରମୁଖ ପ୍ରିସ୍କୁଲ୍ ଭାବରେ ଉଭା ହୋଇଛି।

## ଦୁଇରୁ ଅଧିକ ସନ୍ତାନ ଥିବା ସରପଞ୍ଚଙ୍କ ପଦ ରଦ୍ଦ

କଟକ,(ସବ୍ୟୁ) : ଭାରତରେ ଜନସଂଖ୍ୟାକୁ ନିୟନ୍ତ୍ରଣ ପାଇଁ ଯେଉଁ ଆଇନ ରହିଛି ତାହା ଯଥେଷ୍ଟ ନୁହେଁ । ଏଥିପାଇଁ ସାମ୍ବିଧାନିକ ଅନୁଷ୍ଠାନ ଏବଂ ନାଗରିକ ସମାଜମାନେ ଆଗେଇ ଆସିବାକୁ ହାଇକୋର୍ଟ ଆହ୍ୱାନ ଦେଇଛନ୍ତି। ଜଣେ ସରପଞ୍ଚଙ୍କ ଦୁଇରୁ ଅଧିକ ସନ୍ତାନ ଥିବା ପରିପେକ୍ଷୀରେ ଜଣିକିଆ ବିଚାରପତି ତାଙ୍କ ପଦକୁ ରଦ୍ଦ କରି ଦେଇଥିଲାବେଳେ ସେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ୍ ରଖିବା ସହ ସରପଞ୍ଚଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ସରପଞ୍ଚ ମହେଶ୍ୱର ଜେନାଙ୍କର ଦୁଇରୁ ଅଧିକ ସନ୍ତାନ ଥିଲାବେଳେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୫ ଡିସେମ୍ବର ୧୨ ରେ ମାମଲାର ରାୟ ପ୍ରକାଶ କରି ଏହି ସରପଞ୍ଚ ପଦକୁ ରଦ୍ଦ କରି ଦେଇଥିଲେ ଫଳରେ ମହେଶ୍ୱର ଜେନା ରିଟ୍ ଅପିଲ୍‌ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ ୟୁନାଇଟେଡ୍ ନେସନ୍ସ ପପୁଲେସନ୍ସ ଫଣ୍ଡର ଏକ ତଥ୍ୟ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ନୀତି ପ୍ରଣୟନ ଉପରେ ହାଇକୋର୍ଟ ଗୁରୁତ୍ୱରୋପ କରିଛନ୍ତି। ଏହି ଆଦେଶର କପି ଭାରତୀୟ ଲ' କମିସନ ଅଫ ଇଣ୍ଡିଆ ଅଧ୍ୟକ୍ଷଙ୍କୁ ପଠାଇବାକୁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି।

## ନାଇଜେରିଆରେ ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଂସ୍କୃତିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ନାଇଜେରିଆର ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଧାରଣ ସଭା ସହିତ ସାଂସ୍କୃତିକ ଉତ୍ସବ ଫେବୃଆରୀ ୦୧ ତାରିଖ ଦିନ ଲାଗୋସ ଠାରେ ଅନୁଷ୍ଠିତ ହୋଇଯାଇଛି । ୨୦୦୬ ମସିହାରେ ଗଢାଯାଇଥିବା ଏହି ଓଡ଼ିଆ ସମାଜ ସଙ୍ଗଠନରେ ୪୦୦ରୁ ଅଧିକ ସଭ୍ୟ / ସଭ୍ୟା ଅଛନ୍ତି । ଏହି ଅନୁଷ୍ଠାନର ପ୍ରଚେଷ୍ଟାରେ ୨୦୧୭ରେ ଲାଗୋସଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ପ୍ରତିଷ୍ଠା କରାଯାଇଛି । ଆଧ୍ୟାତ୍ମିକ ଓ ପାରମ୍ପରିକ ଭଜନ ଏବଂ ଓଡିଶୀ ନୃତ୍ୟରେ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଓଡ଼ିଆ ସମାଜର ପ୍ରତିଭାବାନ ଗାୟକ, କଳାକାର ତଥା ନୃତ୍ୟଶିଳ୍ପୀମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଥମେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସତ୍ୟନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସାଂସ୍କୃତିକ ସମ୍ପାଦକ ବିଶ୍ୱରଂଜନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏଥିରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଭାରତର କଂସୁଲେଟ ଜେନେରାଲ କାନନ ଚୋକୋଲିଙ୍ଗମ ଓଡ଼ିଆ ସମାଜର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ବ୍ୟବସାୟ, ପର୍ଯ୍ୟଟନ ତଥା ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ସମାଜର ଅବଦାନକୁ ସାଧୁବାଦ



ଦେଇଥିଲେ । ଚାନଚେରୀର ମୁଖ୍ୟ ଏନ ମହେଶ ଓଡ଼ିଆ ସମାଜର ବିଭିନ୍ନ ଆଧ୍ୟାତ୍ମିକ ତଥା ସାମାଜିକ ସେବା କାର୍ଯ୍ୟ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ବର୍ଷ ତମାମ ଓଡ଼ିଆ ରଚନା, ବକ୍ତୃତା, ସଂଗୀତ, ନୃତ୍ୟ, ନିଉଜ, ଖେଳକୁଦ ଆଦି ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଆ ସମାଜ ସଂଗଠନ ତରଫରୁ ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣୀ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ , ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଓଡ଼ିଆ ଦିବସ ଇତ୍ୟାଦି ଅତି ଆଡମ୍ବର ସହକାରେ ପାଳନ କରାଯାଏ । ସୁଦୂର ନାଇଜେରିଆର ଥିବା ଥିବା ଓଡ଼ିଆ ପରିବାରର ସଭ୍ୟମାନେ ଓଡ଼ିଆ ଅସ୍ମିତାକୁ ବଜାୟ କରିପାରିଥିବାର ଏହି ଉତ୍ସବରେ ପ୍ରତିଫଳିତ ହୋଇଥଲା । ଶେଷରେ ଟ୍ରଷ୍ଟି ଶ୍ରୀ ରମେଶ ଚନ୍ଦ୍ର ବିଶ୍ୱାଳ ଓଡ଼ିଆ ସମାଜ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନୁଦାନ କ୍ରମାଗତ ବଢୁଛି

- ଟିକସ ଭାଗ ଆକାରରେ ୬୭,୪୬୦ କୋଟି ଟଙ୍କା ବ୍ୟୟବରାଦ
- ୩୦ ଜୁନ୍ ୨୦୨୫ ସୁଦ୍ଧା ୫,୮୯୭ କିମି ଏନଏଚ୍ ନିର୍ମାଣ
- ୫୯ ଟି ଷ୍ଟେସନର ଜାରି ରହିଛି ଉନ୍ନତିକରଣ

ନୂଆଦିଲ୍ଲୀ : କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ସଂସଦରେ ଆଗତ ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଓଡ଼ିଶା ପାଇଁ ଟିକସ ଭାଗ ଆକାରରେ ୬୭,୪୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିପୂର୍ବରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଅନୁଦାନ ଆକାରରେ 41,592 କୋଟି ଟଙ୍କାର ବଜେଟ୍ ମିଳିଥିଲା। ୨୦୧୪ ରୁ ୨୦୨୬ ମଧ୍ୟରେ ରାଜ୍ୟକୁ ଟିକସ ଭାଗ ଆକାରରେ ୪-୪୪ ଲକ୍ଷ କୋଟି ଟଙ୍କା ଏବଂ ଅନୁଦାନ ଆକାରରେ ୧.୯୩ ଲକ୍ଷ କୋଟି ଟଙ୍କା ମିଳିଛି।

ପୁଞ୍ଜି ବ୍ୟୟ ପାଇଁ ରାଜ୍ୟମାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଋଣ ସହାୟତା ଆକାରରେ ରାଜ୍ୟ ସରକାରଙ୍କୁ ୫୦ ବର୍ଷର ସୁଧମୁକ୍ତ ଋଣ ସୁବିଧା ଯୋଗାଇ ଦିଆଯାଇଛି ଯାହାର ସୁଧ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାର ବହନ କରିବେ। ଏହି ସହାୟତା ଅର୍ଥ ଆୟୋଗଙ୍କ ସୁପାରିସ ଅତିରିକ୍ତ ଯୋଗାଇ ଦିଆଯିବ। ଏହି ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଓଡ଼ିଶାକୁ ପୁଞ୍ଜି ବିନିଯୋଗ ପାଇଁ ୨୦୨୦-୨୧ ରେ ୪୭୨ କୋଟି, ୨୦୨୧-୨୨ ରେ ୫୧୭ କୋଟି, ୨୦୨୨ -୨୩ ରେ ୭୫ କୋଟି, ୨୦୨୩-୨୪ରେ ୩,୫୩୨ କୋଟି, ୨୦୨୪-୨୫ ରେ ୬,୯୪୪ କୋଟି ଏବଂ ଜାନୁଆରୀ ୨୦୨୬ ସୁଦ୍ଧା ୨୦୨୫-୨୬ ଆର୍ଥିକ ବର୍ଷରେ ୨,୯୭୮ କୋଟି ଟଙ୍କା ଜାରି କରାଯାଇଛି । ଏହିପରି ୨୦୨୦-୨୧ ରୁ ୨୦୨୫-୨୬ ମଧ୍ୟରେ ମୋଟ୍




୧୪,୫୧୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

୩୦ ଜୁନ୍ ୨୦୨୫ ସୁଦ୍ଧା ଓଡ଼ିଶାରେ ୫,୮୯୭ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି । ଭାରତମାଳା ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଉଥିବା ରାୟପୁର-ବିଶାଖାପାଟଣା ଗ୍ରିନଫିଲ୍ଡ କରିଡର ଦ୍ୱାରା ଓଡ଼ିଶା ମଧ୍ୟ ଲାଭାନ୍ୱିତ ହେବ। ଓଡ଼ିଶାରେ ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୩୪,୬୧୪ କୋଟି ଟଙ୍କାର ପୁଞ୍ଜି ବ୍ୟୟ ସହିତ ୧,୫୮୬ କିଲୋମିଟର ଜାତୀୟ ରାଜପଥ କରିଡର ବିକଶିତ କରାଯାଉଛି ।

# ୧୭ % ରୁ ଅଧିକ ଋଣ କରିବ ଭାରତ

ନୂଆଦିଲ୍ଲୀ: ଆର୍ଥିକ ବର୍ଷ ୨୦୨୬-୨୭ରେ କେନ୍ଦ୍ର ସରକାର ମୋଟ ୧୭.୨ ଲକ୍ଷ କୋଟି ଟଙ୍କାର ଋଣ କରିବେ। ଗତକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପନ କରିଥିବା ବଜେଟରେ ଏହା ଘୋଷଣା କରିଛନ୍ତି। କିନ୍ତୁ ନିଟ୍ ଋଣ ୧୧.୭ ଲକ୍ଷ କୋଟି ଟଙ୍କା ରହିବ। ତେବେ ସରକାରଙ୍କ ଋଣ ଯୋଜନା ଜିଡିପିକୁ ଋଣ ଅନୁପାତ ଅନୁସାରେ ଠିକ୍ ଦିଗରେ ରହିଛି। ୨୦୨୬-୨୭ରେ ଏହି ଅନୁପାତ ୫୫.୬ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୪.୩ ପ୍ରତିଶତ ରହିବା ନେଇ ବଜେଟ୍ରେ ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୧୪.୬୧ ଲକ୍ଷ କୋଟି ଟଙ୍କା ଋଣ କରିବା ନେଇ ସରକାର ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୨୬-୨୭ରେ ୧୭ ପ୍ରତିଶତ ଅଧିକ ଋଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ନିଟ୍ ଋଣ ଲକ୍ଷ୍ୟ ୧୧.୩୩ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୬-୨୭ ଆର୍ଥିକ ବର୍ଷରେ ସେହି ପରିମାଣ ୧୧.୭୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।୨୦୧୪-୧୫ରେ ସରକାର କରିଥିବା ଋଣ ତୁଳନାରେ ୨୦୨୬-୨୭ରେ କରିବାକୁ ଯାଉଥିବା ଋଣ ତିନି ଗୁଣା ଅଧିକ। ୨୦୧୪-୧୫ ବଜେଟରେ ସରକାର ୫.୯ ଲକ୍ଷ କୋଟି ଟଙ୍କା ଋଣ କରିବା ପ୍ରସ୍ତାବ ରଖିଥିଲେ। ୨୦୧୮-୧୯ ପର୍ଯ୍ୟନ୍ତ ବାର୍ଷିକ ଋଣ ଆବଶ୍ୟକତା ୫.୭ ଲକ୍ଷ କୋଟି ଟଙ୍କାରେ ସୀମିତ ଥିଲେ। ୨୦୧୯-୨୦ରେ ତାହା ୭.୧ ଲକ୍ଷ କୋଟି ଟଙ୍କାକୁ ବଢ଼ିଥିଲା। ୨୦୨୦-୨୧ରେ କରୋନା ମହାମାରୀ ବ୍ୟାପିବା ପରେ ସରକାର ଋଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିବାରୁ ସେହି ବର୍ଷ ୧୨.୬ ଲକ୍ଷ କୋଟି ଟଙ୍କାର ଋଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୧-୨୨ରେ ଋଣ ପରିମାଣ ୯.୭ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୧୪.୨ ଲକ୍ଷ କୋଟି ଟଙ୍କା, ୨୦୨୩-୨୪ରେ ୧୫.୪ ଲକ୍ଷ କୋଟି ଟଙ୍କା, ୨୦୨୪-୨୫ରେ ୧୪ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ସରକାର ବଜେଟ୍ରେ ଘୋଷଣା କରିଥିଲେ। ସରକାର ଏଭଳି ଏକ ସମୟରେ ଅତ୍ୟଧିକ ଋଣ କରିବାକୁ ଘୋଷଣା କରିଛନ୍ତି ଯେତେବେଳେ ବଜାରରେ ସରକାରୀ ବଣ୍ଡ ଆବଶ୍ୟକତାଠାରୁ ଅଧିକ ଜାରି କରାଯାଉଛି। ତେଣୁ ଋଣ ଅଧିକ ଆଣିଲେ ବଣ୍ଡ୍ ୟିଲ୍ଡ ଉଚ୍ଚା ରହିବା ଆଶଙ୍କା କରାଯାଉଛି। ତେଣୁ ବଣ୍ଡ୍ ବଜାରର ସ୍ଥିରତା ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବ ବୋଲି ଆଶା କରାଯାଉଛି। ସରକାର ବିତ୍ତୀୟ ନିଅଣ୍ଟ ମୁକାବିଲା କରିବା ଉପରେ ଜୋର ଦେଉଛନ୍ତି। କାରଣ ଏହା ହେଉଛି ସରକାରୀ ଆୟ ଓ ବ୍ୟୟ ମଧ୍ୟରେ ଥିବା ଅନ୍ତର। ଏହି ଅନ୍ତର ଯେତେ ବଢ଼ିବ, ଖର୍ଚ୍ଚ ତୁଲାଇବାକୁ ସରକାରଙ୍କୁ ସେତେ ଅଧିକ ଋଣ କରିବାକୁ ପଡ଼ିବ।

# ମଣିପୁରରେ ଶେଷ ହେବ ରାଷ୍ଟ୍ରପତି ଶାସନ

ନୂଆଦିଲ୍ଲୀ : ମଣିପୁରରେ ପ୍ରାୟ ଗୋଟିଏ ବର୍ଷ ଧରି ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନ ଏବେ ଶେଷ ହେବାକୁ ଯାଉଛି। ରାଷ୍ଟ୍ରପତି ଶାସନର କାର୍ଯ୍ୟକାଳ ଫେବୃଆରି ୧୨ ତାରିଖରେ ଶେଷ ହେଉଛି। ରାଜ୍ୟରେ ଜନତାଙ୍କ ସରକାର ପୁନଃସ୍ଥାପିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ, ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମଣିପୁରର ସମସ୍ତ ଏନ୍ଡିଏ ବିଧାୟକଙ୍କୁ ଦିଲ୍ଲୀ ଡକାଇଛନ୍ତି। ମଣିପୁରର ରାଜନୈତିକ ପରିସ୍ଥିତି ସମ୍ପର୍କରେ ସୋମବାର, ଫେବୃଆରି ୨ ତାରିଖରେ ରାଜଧାନୀ ଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ରିପୋର୍ଟ ଅନୁଯାୟୀ, ମଣିପୁର ବିଜେପି ସଭାପତି ଅଧିରାଜମାୟୁମ୍ ଶାରଦା ଦେବୀ ଓ ୨୦ ରୁ ଅଧିକ ବିଜେପି ବିଧାୟକ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ଏନ୍ଡିଏର ସହଯୋଗୀ ଦଳ ନ୍ୟାସନାଲ ପିପୁଲ୍ସ ପାର୍ଟି ଓ ନାଗା ପିପୁଲ୍ସ ଫ୍ରଣ୍ଟର ବିଧାୟକମାନଙ୍କୁ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଛି। ବିଜେପି ରାଜ୍ୟ ୟୁନିଟ୍ ସଭାପତି ଦିଲ୍ଲୀ ଯିବା ପୂର୍ବରୁ ଇମ୍ଫାଲ ବିମାନବନ୍ଦରରେ ଆଶା ପ୍ରକାଶ କରିଛନ୍ତି ଯେ, ରାଜ୍ୟରେ ଖୁବ୍ ଶୀଘ୍ର ଏକ ସ୍ଥିର ସରକାର ଗଠନ ହେବ।

# ଇରାନ -ଆମେରିକା ଶାନ୍ତି କଥାବାର୍ତ୍ତା ପାଇଁ ବାଟ ଖୋଲିଲା

ୱାଶିଂଟନ: ଇରାନ ଓ ଆମେରିକା ମଧ୍ୟରେ ମାସ ମାସ ଧରି ଚାଲିଥିବା ଗତିରୋଧର ଅନ୍ତ ଘଟାଇବା ପାଇଁ ଏକ ବଡ଼ ସଫଳତା ଲାଗି ବାଟ ପରିଷ୍କାର ହୋଇଛି। ସୂତ୍ର ଅନୁଯାୟୀ ଚଳିତ ସପ୍ତାହରେ ତୁର୍କୀର ଅଙ୍କାରାରେ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତିନାମା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇପାରେ। ଏହି ବୈଠକ ମୁଖ୍ୟତଃ ମିଶର, କତାର ଓ ତୁର୍କୀ ଦ୍ୱାରା ଆରମ୍ଭ କରାଯାଇଛି। କୂଟନୈତିକ ପଦକ୍ଷେପର ଅଂଶ ସ୍ୱରୂପ, ଉଚ୍ଚପଦସ୍ଥ ଇରାନୀ ଅଧିକାରୀମାନେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ ୱିଟକଫଙ୍କ ସହିତ ସାକ୍ଷାତ କରିବେ ଆଶା କରାଯାଉଛି। ବୈଠକ ପୂର୍ବରୁ



ଏକ ବଡ଼ ପରିବର୍ତ୍ତନ ହୋଇଛି। ଆମେରିକା ନିଜର ସର୍ତ୍ତାବଳୀ ହ୍ରାସ କରିଛି। ପୂର୍ବରୁ, ଆମେରିକା ଆଲୋଚନା ପାଇଁ ଚାରୋଟି ପ୍ରମୁଖ ସର୍ତ୍ତ ରଖିଥିଲା। ସେଥିରେ ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ, ମାନବାଧିକାର ଉଲ୍ଲଂଘନ ହେବ ନାହିଁ, ୟୁରାନିୟମ୍ ସମୃଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ପଡିବ ଓ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍ପାଦନ ବନ୍ଦ କରାଯିବା ଜରୁରୀ ଆଦି ଅନ୍ତର୍ଭୁକ୍ତ ଥିଲା। ତେବେ ଇରାନର କଠୋର ଆଭିମୁଖ୍ୟ ଓ ଆଲୋଚନା କରିବାକୁ ମନା କରିବା ପରେ, ଆମେରିକା ଏବେ ଏହି ସର୍ତ୍ତଗୁଡ଼ିକ ମଧ୍ୟରୁ କେବଳ ଦୁଇଟିରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ତାଙ୍କର ଏବେ କେବଳ ଦୁଇଟି ପ୍ରାଥମିକ ସର୍ତ୍ତ ଅଛି। ପ୍ରଥମତଃ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ ଏବଂ ଦ୍ୱିତୀୟତଃ, ସେଠାକାର ଲୋକମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ।

# ହସିନାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ


ଢାକା: ବାଂଲାଦେଶର ଢାକାର ପୂର୍ବାଞ୍ଚଳ ପ୍ଲଟ୍ ଦୁର୍ନୀତି ସହିତ ଜଡିତ ଦୁଇଟି ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ସେହିପରି ତାଙ୍କ ଝିଅାରୀ ବ୍ରିଟିଶ ସାଂସଦ ଟ୍ୟୁଲିପ୍ ସିଦ୍ଦିକଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଢାକାର ସ୍ୱତନ୍ତ୍ର ବିଚାରପତି କୋର୍ଟ-୪ର ବିଚାରପତି ମହମ୍ମଦ ରବିଉଲ୍ ଆଲାମ୍ ଦୁଇଟି ମାମଲା ମଧ୍ୟରୁ ଗୋଟିଏରେ ହସିନାଙ୍କ ଅନ୍ୟ ଝିଅାରୀ ଆଜମିନା ସିଦ୍ଦିକ ଓ ପୁତୁରା ରାଦୱାନ୍ ମୁଜିବ୍ ସିଦ୍ଦିକ ବବିଙ୍କୁ ସାତ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏସିସି ପବ୍ଲିକ୍ ପ୍ରସିକ୍ୟୁଟର ମିର ଅହମଦ ଅଲି ସଲାମ ଏହି ରାୟ ପ୍ରଦାନ କରିଛନ୍ତି। ହସିନା ଓ ତାଙ୍କ ପରିବାରର ତିନି ସଦସ୍ୟଙ୍କ ବ୍ୟତୀତ, କୋର୍ଟ ଅନ୍ୟ ୧୧ ଜଣ ଅଭିଯୁକ୍ତଙ୍କୁ ଦୁଇଟି ମାମଲାରେ ୧୦ ବର୍ଷ ଓ ଅନ୍ୟ ଏକ ମାମଲାରେ ଦୁଇ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ଗତବର୍ଷ ନଭେମ୍ବର ୨୭ ରୁ ଡିସେମ୍ବର ୧ ମଧ୍ୟରେ, ଶେଖ୍ ହସିନାଙ୍କୁ ଚାରୋଟି ଦୁର୍ନୀତି ମାମଲାରେ ୨୬ ବର୍ଷ ଜେଲ୍



ଦଣ୍ଡାଦେଶ କରାଯାଇଥିଲା। ତାଙ୍କ ଝିଅ ସାଇମା ୱାଜେଦ୍ ପୁତୁଲ୍ ଓ ପୁଅ ସଜୀବ ୱାଜେଦ୍ ଜୟ, ତାଙ୍କ ଭଉଣୀ ଶେଖ୍ ରେହାନା ଓ ଝିଅାରୀ ଟୁଲିପ୍ ମଧ୍ୟ ଚାରୋଟି ମାମଲା ମଧ୍ୟରୁ ଗୋଟିଏରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ରେକର୍ଡ ଅନୁଯାୟୀ, ଦୁର୍ନୀତି ନିବାରଣ କମିସନ ଦ୍ୱାରା ଦାଖଲ ହୋଇଥିବା ପ୍ରତ୍ୟେକ ମାମଲାର ବିଚାର ୧୫ଟି ଶୁଣାଣି ମଧ୍ୟରେ ସମାପ୍ତ ହୋଇଥିଲା।

# ଦଲାଇ ଲାମାଙ୍କୁ ଗ୍ରାମୀ ପୁରସ୍କାର

ନୂଆଦିଲ୍ଲୀ: ତିବ୍ବତୀୟ ବୌଦ୍ଧଗୁରୁ ଦଲାଇ ଲାମା ତାଙ୍କର ପ୍ରଥମ ଗ୍ରାମୀ ପୁରସ୍କାର ଜିତିଛନ୍ତି। ୬୮ତମ ବାର୍ଷିକ ଗ୍ରାମୀ ପୁରସ୍କାର ଉତ୍ସବରେ, ଦଲାଇ ଲାମା ତାଙ୍କ ଆଲବମ୍ ""ମେଡିଟେସନ୍: ଦି ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇ ଲାମା"" ପାଇଁ ସର୍ବୋତ୍ତମ ଅଡିଓବୁକ୍, ନାରେସନ୍ ଓ ଷ୍ଟୋରିଟେଲିଂ ରେକର୍ଡିଂ ପାଇଁ ପୁରସ୍କାର ଜିତିଛନ୍ତି। ଏହା ସହିତ, ସେ ପ୍ରଥମ ଥର ପାଇଁ ପୁରସ୍କାର ବିଜେତାଙ୍କ ତାଲିକାରେ କେ-ପପ୍ ଓ ଷ୍ଟିଭେନ୍ ସ୍ପିଲବର୍ଗଙ୍କ ସହିତ ଯୋଗ ଦେଇଛନ୍ତି। ଗ୍ରାମୀ ହେଉଛି ସଂଗୀତ ଜଗତର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ। ପ୍ରତିବର୍ଷ ରେକର୍ଡିଂ ଏକାଡେମୀ ଦ୍ୱାରା କଳାକାର ଓ ବୈଷୟିକ ବୃତ୍ତିଗତଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏହା ପ୍ରଦାନ କରାଯାଇଥାଏ।ଦଲାଇ ଲାମା କେବଳ ଜଣେ ଧାର୍ମିକ ନେତା ନୁହଁନ୍ତି, ବରଂ ଶାନ୍ତି, ଅହିଂସା, କରୁଣା ଏବଂ



ପାରସ୍ପରିକ ବୁଝାମଣାର ବିଶ୍ୱ ପ୍ରତୀକ। ସେ ମାନବୀୟ ମୂଲ୍ୟବୋଧ, ମନର ଶାନ୍ତି, କରୁଣା ଏବଂ ପାରସ୍ପରିକ ବୁଝାମଣା ଉପରେ ବକ୍ତୃତା ଦେଇ ସାରା ବିଶ୍ୱ ଭ୍ରମଣ କରିଛନ୍ତି। ୧୯୮୯ ମସିହାରେ, ତିବ୍ବତୀୟ ଉଦ୍ଦେଶ୍ୟର ଶାନ୍ତିପୂର୍ଣ୍ଣ ସମର୍ଥନ ଏବଂ ଅହିଂସାର ବାର୍ତ୍ତା ପ୍ରସାର ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ଏକ ବିରାଟ ସମ୍ମାନ।

# ସିନ୍ଧୁ ଜଳ ଚୁକ୍ତି ନେଇ ଭାରତର କଠୋର ଆଭିମୁଖ୍ୟ

ନୂଆଦିଲ୍ଲୀ: ସିନ୍ଧୁ ଜଳ ଚୁକ୍ତିକୁ ନେଇ ପାକିସ୍ତାନର ଗୋଟିଏ ପରେ ଗୋଟିଏ ଚାଲ୍ ବିଫଳ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଭାରତ ପୁଣି ଥରେ ନିଜ ସ୍ଥିତି ସ୍ପଷ୍ଟ କରିଦେଇଛି। ସିନ୍ଧୁ ଜଳ ଚୁକ୍ତି ସହ ଜଡିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତର ଆଦେଶକୁ ଭାରତ ସ୍ପଷ୍ଟ ଭାବରେ ଗ୍ରହଣ କରିବାକୁ ମନା କରିଦେଇଛି। ଭାରତ କହିଛି ଯେ ଏହି ମଧ୍ୟସ୍ଥତା ଅଦାଲତ ବେଆଇନ ପ୍ରକ୍ରିୟାରେ ଗଠନ ହୋଇଛି ଏବଂ ଭାରତ ଏହାର ଆଦେଶକୁ ସ୍ୱୀକୃତି ଦିଏ ନାହିଁ। ଅନ୍ତର୍ଜାତୀୟ ଅଦାଲତ ସିନ୍ଧୁ ଜଳ ବିବାଦ ପରିପ୍ରେକ୍ଷୀରେ ଭାରତକୁ ଏହାର ଜଳ ବିଦ୍ୟୁତ୍ କେନ୍ଦ୍ରର କାର୍ଯ୍ୟକ୍ଷମ ରେକର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହା ଦ୍ୱାରା ଏହାକୁ ପରବର୍ତ୍ତୀ ଶୁଣାଣିରେ



ବ୍ୟବହାର କରାଯାଇପାରିବ। ଆସନ୍ତା ୯ ତାରିଖ ସୁଦ୍ଧା ଏହି ଦସ୍ତାବିଜ ହସ୍ତାନ୍ତର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ହେଗ୍ ସ୍ଥିତ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତ ସିନ୍ଧୁ ଜଳ ଚୁକ୍ତିର ଢାଞ୍ଚା ଅନୁଯାୟୀ ନୂତନ ଶୁଣାଣି ଏବଂ ଦସ୍ତାବିଜ ଆଦେଶ ସହିତ ଆଗକୁ ବଢ଼ିବାକୁ ଚାହୁଁଛି। ଭାରତ ଏ ନେଇ ସ୍ପଷ୍ଟ କରିଛି ଯେ ଏହି ପ୍ରକ୍ରିୟାର ବୈଧତାକୁ ଆମେ ସ୍ୱୀକୃତି ଦେଉନାହୁଁ କିମ୍ବା ଏଥିରେ ଅଂଶଗ୍ରହଣ କରିବୁ ନାହିଁ। ଅନ୍ୟପକ୍ଷରେ ଏବେ ଜାରି ରହିଥିବା ଶୁଣାଣି ପ୍ରକ୍ରିୟାରେ ଭାରତ କୌଣସି କାଉଣ୍ଟର ମେମୋରିଆଲ୍ ଦାଖଲ କରିନାହିଁ କିମ୍ବା ଏଥିରେ ଅଂଶଗ୍ରହଣ କରିବାର କୌଣସି ସୂଚନା ଦେଇନାହିଁ। ସୂଚନାଯୋଗ୍ୟ, ଏପ୍ରିଲରେ ପହଲଗାମ ଆକ୍ରମଣ ପରେ ଭାରତ ଆନୁଷ୍ଠାନିକ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ସେବେଠାରୁ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ସ୍ତରରେ ଚାଲ୍ ଖେଳୁଛି। ଗତ ୯ ମାସ ମଧ୍ୟରେ ପାକିସ୍ତାନ ଅନେକ ଦେଶର ରାଜଧାନୀକୁ ପ୍ରତିନିଧି ଦଳ ପଠାଇଛି, ମିଳିତ ଜାତିସଂଘକୁ ଚିଠି ଲେଖିଛି, ଦଶରୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଏବଂ ଅନେକ ଅନ୍ତର୍ଜାତୀୟ ସମ୍ମିଳନୀ କରିଛି । ତେବେ ଭାରତ ଜଳଚୁକ୍ତିକୁ ନେଇ ନିଜ ଆଭିମୁଖ୍ୟ କୌଣସି ପରିବର୍ତ୍ତନ ଆଣିନାହିଁ।

# ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟିଲେ ମମତା

ନୂଆଦିଲ୍ଲୀ : ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସଆଇଆର) ପ୍ରସଙ୍ଗରେ ଆଜି ମମତା ବାନାର୍ଜୀ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ୯୦ ମିନିଟ ଧରି ବୈଠକ କରିଛନ୍ତି। ଏସ୍ଆଇଆରରେ ନାଁରେ ବେଙ୍ଗଲ ଭୋଟର ତାଲିକାରୁ ପୁଳାପୁଳା ନାଁ କଟା ଯାଇଥିବା ଅଭିଯୋଗ କରି ମମତାଙ୍କ ନେତୃତ୍ୱରେ ଟିଏମସିର ଗୋଟିଏ ପ୍ରତିନିଧି ମଣ୍ଡଳୀ ସିଇସି ଜ୍ଞାନେଶ କୁମାରଙ୍କୁ ଭେଟିଛନ୍ତି। ଏହି ବୈଠକରେ ବେଳେ ମମତା ଓ ଟିଏମସି ସାଂସଦମାନେ କଳା ସାଲ ଓ ସ୍ୱିଟର ପିନ୍ଧିଥିଲେ। ୯୦ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପରେ ନିର୍ବାଚନ କମିଶନଙ୍କ ବିରୋଧରେ ଦୁର୍ବ୍ୟବହାରର ସାଂଘାତିକ ଅଭିଯୋଗ ଆଣିଛନ୍ତି ମମତା। ଭୋଟରଙ୍କ ଦାବିକୁ ଛୋଟ ଧରଣର ସ୍ପେଲିଂ ଜନିତ ତ୍ରୁଟି ଯୋଗୁ ବାତିଲ କରାଯାଇଥିବା ମମତା ଅଭିଯୋଗ କରିଛନ୍ତି।

# ରେଳ ବଜେଟରେ ପ.ବଙ୍ଗ ପାଇଁ ୧୪,୨୦୫ କୋଟି ଟଙ୍କା ଆବଣ୍ଟନ

କୋଲକାତା : ୨,୭୮,୦୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ବଜେଟ ଆବଣ୍ଟନ ଦ୍ୱାରା ସଶକ୍ତ, ରେଳବାଇ ସୁରକ୍ଷା ବ୍ୟବସ୍ଥା, ମାଲ ପରିବହନ ଏବଂ ହାଇ-ସ୍ପିଡ୍ ସଂଯୋଗୀକରଣରେ ନିବେଶକୁ ପ୍ରାଥମିକତା ଦେଉଛି। ୨୦୨୬-୨୭ରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ରେଳବାଇ ପାଇଁ ବଜେଟ ଅନୁଦାନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ରୀୟ ବଜେଟ (୨୦୨୬-୨୭)ରେ ରେଳବାଇ ପାଇଁ ଏକ ବଡ଼ ଆବଣ୍ଟନ କରାଯାଇଛି। ଏହି ବଜେଟରେ (୨୦୨୬-୨୭) ପଶ୍ଚିମବଙ୍ଗ ପାଇଁ ରେକର୍ଡ ୧୪,୨୦୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି ଯାହା ୨୦୦୯ ରୁ ୨୦୧୪ ମଧ୍ୟରେ ହାରାହାରି ୪,୩୮୦ କୋଟି ଟଙ୍କା



ଆବଣ୍ଟନ କରାଯାଇଥିଲା। ଏହି ଚଳିତ ବଜେଟରେ, ଝାଡ଼ଖଣ୍ଡରେ ରେଳବାଇ ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ପାଇଁ ମୋଟ ବ୍ୟୟବରାଦ ୭,୫୩୬ କୋଟି ଟଙ୍କା, ୨୦୦୯ ରୁ ୨୦୧୪ ମଧ୍ୟରେ ହାରାହାରି ୪୫୭ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା ଯାହା ୨୦୦୯ ରୁ ୨୦୧୪ ମଧ୍ୟରେ ହାରାହାରି ୮୩୮ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା ଯାହା ୨୦୨୬-୨୭ ପାଇଁ ଓଡ଼ିଶା ପାଇଁ ମୋଟ ୧୦,୯୨୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି ବିପୁଳ ନିବେଶରେ ରାଜ୍ୟ ସାରା ଟ୍ରାକ୍ ସୃଷ୍ଟି, ଷ୍ଟେସନ ପୁନଃବିକାଶ ଏବଂ ସୁରକ୍ଷା ବୃଦ୍ଧି ଅନ୍ତର୍ଭୁକ୍ତ। ଯାତ୍ରୀ ଅଭିଜ୍ଞତାକୁ ପୁନଃପରିଭାଷିତ କରିବା ପାଇଁ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ମୋଟ ୧୦୧ ଷ୍ଟେସନ, ଝାଡ଼ଖଣ୍ଡରେ ୫୭ ଷ୍ଟେସନ ଏବଂ ଓଡ଼ିଶାର ୫୯ ଷ୍ଟେସନକୁ ସମ୍ପୂର୍ଣ୍ଣ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। ରେଳମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ ସମୟରେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ଗାର୍ଡେନ୍ ଦ.ପୂ.ରେଳ ମୁଖ୍ୟାଳୟରେ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଦ.ପୂ. ରେଳବାଇ ପାଇଁ ବଜେଟ୍ ଅନୁଦାନ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ।

# ଭାରତ ଉପରୁ ଟ୍ରମ୍ପ ଶୁଳ୍କ କମାଇଲେ

ୱାଶିଂଟନ : ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଘୋଷଣା: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଘୋଷଣା କରିଛନ୍ତି ଯେ ଭାରତ ଏବଂ ଆମେରିକା ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିଛନ୍ତି। ଘୋଷଣା ପୂର୍ବରୁ, ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଥିଲେ। ଏହି ଚୁକ୍ତି କିଛି ମାସର ଆଲୋଚନା ପରେ ହୋଇଛି, ଏହି ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଆମେରିକାକୁ ଭାରତୀୟ ରପ୍ତାନି ଉପରେ 50% ଅଧିକ ଶୁଳ୍କ ଲାଗୁ କରିଥିଲା। ଏହି ଶୁଳ୍କ ମଧ୍ୟରୁ 25% ରୁଷ ସହିତ ଭାରତର ଅଶୋଧିତ ତୈଳ ବାଣିଜ୍ୟ ପାଇଁ ଥିଲା, ଯାହା ଆମେରିକା ଦାବି କରିଥିଲା ଯେ ପରୋକ୍ଷ ଭାବରେ ୟୁକ୍ରେନ ବିରୁଦ୍ଧରେ ରୁଷର ଯୁଦ୍ଧକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଏହି ଚୁକ୍ତି ଘୋଷଣା କରିଛନ୍ତି, "ଆଜି ସକାଳେ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କ




ସହ କଥା ହେବା ଏକ ସମ୍ମାନର କଥା। ସେ ମୋର ସବୁଠାରୁ ଭଲ ବନ୍ଧୁ ଏବଂ ତାଙ୍କ ଦେଶର ଜଣେ ଶକ୍ତିଶାଳୀ ଏବଂ ସମ୍ମାନିତ ନେତା। ଆମେ ବାଣିଜ୍ୟ ଏବଂ ରୁଷ ଏବଂ ୟୁକ୍ରେନ ସହିତ ଯୁଦ୍ଧ ସମାପ୍ତ କରିବା ସମେତ ଅନେକ ବିଷୟରେ କଥା ହୋଇଥିଲୁ। ସେ ରୁଷ ତେଲ କିଣିବା ବନ୍ଦ କରିବାକୁ ଏବଂ ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲାରୁ ଆହୁରି ବହୁତ କିଛି କିଣିବାକୁ ରାଜି ହୋଇଥିଲେ। ଏହା ୟୁକ୍ରେନରେ ଯୁଦ୍ଧର ଅନ୍ତ କରିବାରେ ସାହାଯ୍ୟ କରିବ, ଯାହା ବର୍ତ୍ତମାନ ଘଟୁଛି, ପ୍ରତି ସପ୍ତାହରେ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି! ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ବନ୍ଧୁତା ଏବଂ ସମ୍ମାନ ଯୋଗୁଁ ଏବଂ ତାଙ୍କ ଅନୁରୋଧ ଅନୁଯାୟୀ, ତୁରନ୍ତ କାର୍ଯ୍ୟକାରୀ ହୋଇ, ଆମେ ଆମେରିକା ଏବଂ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ପାଇଁ ରାଜି ହୋଇଛୁ, ଯେଉଁଠାରେ ଆମେରିକା ଏକ ହ୍ରାସିତ ପାରସ୍ପରିକ ଶୁଳ୍କ ଆଦାୟ କରିବ, ଏହାକୁ 25% ରୁ 18% କୁ ହ୍ରାସ କରିବ। ସେମାନେ ସେହିପରି ଆମେରିକା ବିରୁଦ୍ଧରେ ସେମାନଙ୍କର ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାକୁ ଶୂନ୍ୟ କରିବାକୁ ଆଗକୁ ବଢ଼ିବେ। ପ୍ରଧାନମନ୍ତ୍ରୀ 500 ବିଲିୟନ ଡଲାରରୁ ଅଧିକ ସହିତ "ଆମେରିକୀୟ କିଣିବା" ପାଇଁ ମଧ୍ୟ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।" ଆମେରିକୀୟ ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି, କୋଇଲା ଏବଂ ଅନ୍ୟାନ୍ୟ ଅନେକ ଉତ୍ପାଦ। ଭାରତ ସହିତ ଆମର ଆଶ୍ଚର୍ଯ୍ୟଜନକ ସମ୍ପର୍କ ଆଗକୁ ଆହୁରି ମଜବୁତ ହେବ। ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଁ ଦୁଇଜଣ ବ୍ୟକ୍ତି ଯେଉଁମାନେ କାମ କରନ୍ତି, ଯାହା ଅଧିକାଂଶଙ୍କ ପାଇଁ କୁହାଯାଇପାରିବ ନାହିଁ। ଏହି ବିଷୟ ପ୍ରତି ଆପଣଙ୍କ ଧ୍ୟାନ ପାଇଁ ଧନ୍ୟବାଦ!"

# ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନରେ ଯାନ୍ତ୍ରିକ ତ୍ରୁଟି

ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ଡ୍ରିମ୍ଲାଇନର ବିମାନରେ ଗୁରୁତର ଯାନ୍ତ୍ରିକ ତ୍ରୁଟି ଏବଂ ଇନ୍ଧନ ନିୟନ୍ତ୍ରଣରେ ଗୁରୁତର ସମସ୍ୟା ଦେଖାଦେବା ପରେ ଏହାକୁ ଲଣ୍ଡନର ହିଥ୍ରୋ ବିମାନବନ୍ଦରରେ ଅଟକାଇ ଦିଆଯାଇଛି। ଆଜି ଲଣ୍ଡନରୁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବାକୁ ଥିବା ବିମାନ ଏଆଇ ୧୩୨ ର ଇଞ୍ଜିନ ଷ୍ଟାର୍ଟ ହେବା ସମୟରେ ଏହି ସମସ୍ୟା ପରିଲକ୍ଷିତ ହୋଇଥିଲା। ବିମାନଟିର ବାମ ପାର୍ଶ୍ୱ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍ରେ ତ୍ରୁଟି ଯୋଗୁଁ ଏହାର ଉଡ଼ାଣ ବାତିଲ କରାଯାଇଛି। ରିପୋର୍ଟ ଅନୁଯାୟୀ, ବିମାନଟି ଉଡ଼ାଣ ପାଇଁ ରନୱେକୁ ଯିବା ପୂର୍ବରୁ ଯେତେବେଳେ ପାଇଲଟ୍ ଇଞ୍ଜିନ ଷ୍ଟାର୍ଟ କରିଥିଲେ, ସେତେବେଳେ ଏହାର ବାମ ଇଞ୍ଜିନର 'ଫୁଏଲ କଣ୍ଟ୍ରୋଲ ସୁଇଚ୍' ସ୍ଥିର ରହିନଥିଲା। ପାଇଲଟ୍ ସୁଇଚ୍କୁ ଦୁଇଥର 'ରନ୍' ପୋଜିସନରେ ରଖିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ବାରମ୍ବାର 'କଟ୍ ଅଫ୍' ପୋଜିସନକୁ ପଳାଇ ଆସିଥିଲା। ଏହାର ଅର୍ଥ ହେଉଛି ଇଞ୍ଜିନକୁ ଯାଉଥିବା ଇନ୍ଧନ ସଠିକ୍ ଭାବେ ନିୟନ୍ତ୍ରିତ ହୋଇପାରୁ ନଥିଲା। ଏହି ଯାନ୍ତ୍ରିକ ତ୍ରୁଟି ଜଣାପଡ଼ିବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ବିମାନର ଉଡ଼ାଣକୁ ସଙ୍ଗେ ସଙ୍ଗେ ବନ୍ଦ କରାଯାଇଥିଲା। ଏହି ଘଟଣାକୁ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଡିଜିସିଏ ଅତି ଗମ୍ଭୀରତାର ସହ ନେଇଛନ୍ତି। ବିଶେଷ କରି ଜୁନ୍ ୨୦୨୫ରେ ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ଏଆଇ ୧୭୧ ଡ୍ରିମ୍ଲାଇନର ବିମାନ ଦୁର୍ଘଟଣା ସହ ଏହି ତ୍ରୁଟିର ସାମଞ୍ଜସ୍ୟ ଥିବାରୁ ଚିନ୍ତା ବଢ଼ିଛି। ସେହି ଦୁର୍ଘଟଣାରେ ମଧ୍ୟ ଫୁଏଲ କଣ୍ଟ୍ରୋଲ ସୁଇଚ୍ ଫେଲ୍ ହେବା ମୁଖ୍ୟ କାରଣ ବୋଲି ସନ୍ଦେହ କରାଯାଉଥିଲା, ଯେଉଁଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ। ସେହି ଘଟଣା ପରେ ସମସ୍ତ ଡ୍ରିମ୍ଲାଇନର ବିମାନର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ପାକ୍ ସେନାର ଚିନ୍ତା ବଢାଇଛି ମହିଳା ଆତ୍ମଘାତୀ

ଇସଲାମବାଦ : ଦୀର୍ଘ ୪୦ ଘଣ୍ଟା ଧରି ବଲୁଚିସ୍ତାନର ବିଭିନ୍ନ ଜିଲ୍ଲାରେ ବିଏଲଏ ଆକ୍ରମଣ ଜାରି ରଖିଥିବା ବେଳେ ପାକିସ୍ତାନୀ ସୁରକ୍ଷା ବଳ ବିପୁଳ ସଂଖ୍ୟାର ମୃତାହତର ସମ୍ମୁଖୀନ ହୋଇଛି। ଆକ୍ରମଣ କରି ବିଏଲରେ ଏକାଧିକ ସହର ଓ ଗ୍ରାମାଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିବା ମଧ୍ୟ ଦାବି କରିଛି।ଖାଲି ସେତିକି ନୁହେଁ, ବିଏଲଏ ପକ୍ଷରୁ ଜାରି ହୋଇଛି ଦୁଇଟି ଫଟୋ। ଏଥିରେ ଦୁଇ ମହିଳା ଆତ୍ମଘାତୀ



ଆକ୍ରମଣକାରୀ ରହିଛନ୍ତି। ପାକିସ୍ତାନ ଠାରୁ ସ୍ୱାଧୀନତା ହାସଲ କରିବାକୁ ଏମାନେ ଲଢ଼େଇ କରି ଜୀବନ ଦେଇଥିବା ବିଏଲଏ କହିଛି। ଏହି ଦୁଇ ଫିଦାୟୀନଙ୍କ ଆକ୍ରମଣ ବେଳର ଭିଡିଓକୁ ବି ବିଏଲଏ ସାର୍ବଜନୀନ କରିଛି।ଦୁଇଟି ବିବୃତିରେ ବିଏଲଏ ମୁଖପାତ୍ର ଜିୟାନ୍ଦ ବଲୁଚ କହିଛନ୍ତି ଯେ ସଂଗଠନର ଯୋଦ୍ଧାମାନେ ଖାରନ, ମୁସ୍ତାଙ୍ଗ, ଟୁମ୍ପ ଓ ପାସନି ଅଞ୍ଚଳରେ ଅପରେସନ ଶେଷ କରିଛନ୍ତି। ଅନ୍ୟ କିଛି ସ୍ଥାନରେ ଲଢ଼େଇ ଜାରି ରହିଛି। କ୍ୱେଟା ଓ ନୋଶକିରେ ମଧ୍ୟ ବିଏଲଏ ଯୋଦ୍ଧାମାନେ ପାକିସ୍ତାନର ସାମରିକ ଉପସ୍ଥିତିକୁ ଧ୍ୱଂସ କରି ଦେଇଥିବା ସେ ଦାବି କରିଛନ୍ତି।

ଆକ୍ରମଣରେ ପାକିସ୍ତାନ ସେନା, ପୁଲିସ୍ ଓ ଫ୍ରଣ୍ଟିୟର କ୍ରସ୍‌ର ୨୦୦ରୁ ଅଧିକ କର୍ମଚାରୀ ପ୍ରାଣ ହରାଇଥିବା ବିଏଲଏ ଦାବି କରିବା ସହ ୧୭ ଜଣଙ୍କୁ ପଣବନ୍ଦୀ କରିଥିଲା। ଏହି ସଂଖ୍ୟା କେବଳ ପ୍ରାରମ୍ଭିକ ଆକଳନ। ପ୍ରକୃତ କ୍ଷତି ଏହା ଠାରୁ ଅଧିକ ହୋଇପାରେ।ବିଏଲଏର ଏହି ଦାବିକୁ ପାକିସ୍ତାନ ସରକାର ନିଶ୍ଚିତ କରି ନାହାନ୍ତି। କିନ୍ତୁ ବଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସର୍ଫରାଜ ବୁଗଟିଙ୍କ କହିବା କଥା ଯେ ୧୭ ଜଣ ସୁରକ୍ଷାକର୍ମୀ ଓ ୩୧ ଜଣ ସାଧାରଣ ଲୋକ ଆକ୍ରମଣରେ ପ୍ରାଣ ହରାଇଛନ୍ତି।

## ଅଭ୍ୟାସ ମ୍ୟାଚ୍ ପାଇଁ ଭାରତ-ଏ ଦଳ ଘୋଷଣା

ମୁମ୍ବାଇ : ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଦୁଇଟି ଅଭ୍ୟାସ ମ୍ୟାଚ ଆମେରିକା ଓ ନାମିବ୍ୟା ବିରୋଧରେ ଖେଳିବ। ଏହି ମ୍ୟାଚଦୁଇଟି ସୋମବାର ଓ ଶୁକ୍ରବାର ଯଥାକ୍ରମେ ନଭିମୁମ୍ବାଇ ଓ ବେଙ୍ଗାଲୁରୁରେ ଖେଳାଯିବ। ଏହି ଦୁଇଟି ମୁକାବିଲା ପାଇଁ ଆୟୁଷ ବଦୋନିଙ୍କ ନେତୃତ୍ୱରେ ଭାରତ-ଏ ଦଳ ଘୋଷଣା ହୋଇଛି। ଏହି ଦଳରେ ବାମହାତୀ ବ୍ୟାଟର ତିଳକ ବର୍ମାଙ୍କୁ ସାମିଲ କରାଯାଇଛି। ଆହତ ଜନିତ କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିପାରିନଥିଲେ। ତେବେ ସୁସ୍ଥ ହେବା ପରେ ସେ ଭାରତୀୟ ଦଳକୁ ଫେରିବାକୁ ପ୍ରସ୍ତୁତ ହୋଇଯାଇଛନ୍ତି। ସେ ଦୁଇଟିଯାକ ଅଭ୍ୟାସ ମୁକାବିଲା ଖେଳିବା ପରେ ବିଶ୍ୱକପରେ ଭାରତୀୟ ଦଳ ସହ ଯୋଗ ଦେବେ। ବିସିସିଆଇ ପକ୍ଷରୁ ଘୋଷିତ ଭାରତ-ଏ ଦଳରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିସାରିଥିବା କେତେକ ଖେଳାଳିଙ୍କୁ ସାମିଲ କରାଯାଇଛି। ତିଳକଙ୍କ ବ୍ୟତୀତ ସାମିଲ ହୋଇଥିବା ଅନ୍ୟ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ରିୟାନ ପରାଗ, ରବି ବିଷ୍ଣୋଇ, ଖଲିଲ ଅହମ୍ମଦ, ମୟଙ୍କ ଯାଦବ।



ଭାରତ-ଏ ଦଳ: ଆୟୁଷ ବଦୋନି (ଅଧିନାୟକ), ନମନ ଧୀର, ଅଶୁତୋଷ ଶର୍ମା, ପ୍ରିୟାଂଶ ଆର୍ଯ୍ୟା, ଏନ୍. ଜଗଦୀଶନ (ୱିକେଟକୀପର୍), ତିଳକ ବର୍ମା, ରିୟାନ ପରାଗ, ମାନବ ସୁତାର, ଅଶୋକ ଶର୍ମା, ଉର୍ଭିଲ ପଟେଲ (ୱିକେଟରକ୍ଷକ), ଗୁରୁଜପନୀତ ସିଂହ, ବିପ୍ରାଜ ନିଗମ, ରବି ବିଷ୍ଣୋଇ, ଖଲିଲ ଆହମଦ ଓ ମୟଙ୍କ ଯାଦବ।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍ : ଶ୍ରୀଲଙ୍କା ଗଲା ପାକିସ୍ତାନ

ଲାହୋର : ଭାରତ ସହ ଖେଳିବାକୁ ମନା କରିବା ପରେ ପାକିସ୍ତାନ ସୋମବାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କା ଗସ୍ତ କରିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟ ହୋଇଥିବା ଭିଡିଓରେ ଖେଳାଳିମାନେ ନୂଆ ବିଶ୍ୱକପ୍ ଜର୍ସି ପିନ୍ଧି ଲାହୋରର ଏକ ହୋଟେଲରୁ ବସ୍ରେ ବିମାନବନ୍ଦର ଯାଉଥିବାର ଦେଖାଯାଇଛି। ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ୍ର ଆୟୋଜକ ରହିଛନ୍ତି। ଭାରତ ସହ ବିବାଦ ଚାଲିଥିବାରୁ ଶ୍ରୀଲଙ୍କାରେ ପାକିସ୍ତାନ ତା'ର ସମସ୍ତ ଗ୍ରୁପ୍ ଓ ନକ୍ଆଉଟ୍ ମ୍ୟାଚ୍ ଖେଳିବ ବୋଲି ସୂଚୀ ଚୂଡ଼ାନ୍ତ ହୋଇଛି।ରବିବାର ପାକିସ୍ତାନ ସରକାର ଏହା ଦଳକୁ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେଇଥିଲା



ବେଳେ କଲମ୍ବୋରେ ଫେବ୍ରୁଆରି ୧୫ ତାରିଖରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ବୟକଟ୍ କରିବାକୁ କହିଥିଲା। ସରକାର ପକ୍ଷରୁ ଏକ୍ସରେ ହୋଇଥିବା ପୋଷ୍ଟ ଉପରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନି। ଏପରିକି ଆଇସିସିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଏହା ଉପରେ କୌଣସି ସୂଚନା ଦେଇନି ପିସିବି।ବିନା କାରଣରେ ବିଶ୍ୱକପ୍ରୁ ଓହରିବାକୁ ଚିନ୍ତା ନ କରିବାକୁ ପାକିସ୍ତାନକୁ ପୂର୍ବରୁ ଆଇସିସି ଚେତାବନୀ ଦେବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲା। ଭାରତ-ପାକିସ୍ତାନ ଗତ ୧୪ ବର୍ଷ ହେଲା ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳି ନଥିଲା ବେଳେ କେବଳ ଆଇସିସି ପ୍ରତିଯୋଗିତାରେ ଉଭୟ ଦଳ ମୁହାଁମୁହିଁ ହେଉଛନ୍ତି। ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶନିବାରଠୁ ଆରମ୍ଭ ହେବାକୁ ଥିଲା ବେଳେ ପ୍ରଥମ ଦିନ ନେଦରଲାଣ୍ଡ ବିପକ୍ଷରେ ପାକିସ୍ତାନ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପୂର୍ବରୁ କଲମ୍ବୋରେ ବୁଧବାର ଆୟର୍ଲାଣ୍ଡ ବିପକ୍ଷରେ ୱାର୍ମଅପ୍ ମ୍ୟାଚ୍ ଖେଳିବ।

## ମୁହଁ ଖୋଲିଲେ ପାକ୍ ଅଧିନାୟକ

ଲାହୋର : ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମୁକାବିଲା ଖେଳିବନି ବୋଲି ପାକିସ୍ତାନର ଘୋଷଣା ପରେ କ୍ରିକେଟ୍ ଜଗତରେ ହଇଚଇ ସୃଷ୍ଟି ହୋଇଛି। ଏହା ପରେ କ୍ରିକେଟ୍ ପ୍ରଶଂସକମାନେ ଆସନ୍ତା ଫେବ୍ରୁଆରି ୧୫ରେ ହେବାକୁ ଥିବା ଏହି ମହାମୁକାବିଲା ଦେଖିବାରୁ ବଞ୍ଚିତ ହେବେ। ତେବେ ଏହି ପ୍ରସଙ୍ଗରେ ପାକିସ୍ତାନ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସଲମାନ ଅଲି ଆଗାଙ୍କ ପ୍ରତିକ୍ରିୟା ଆସିଛି। ଅଷ୍ଟ୍ରେଲିଆ ସହିତ ଶେଷ ଟ୍ୱେଣ୍ଟି-୨୦ ମୁକାବିଲା ପରେ ସେ କହିଛନ୍ତି "ଏହା ଖେଳାଳିମାନଙ୍କ ନିଷ୍ପତ୍ତି ନୁହେଁ। ଆମ ସରକାରଙ୍କ ନିଷ୍ପତ୍ତି। ଆମେ ଏଥିରେ କିଛି କରିପାରିବୁ ନାହିଁ। ଆମେ କିନ୍ତୁ ବିଶ୍ୱକପ୍ ଖେଳିବାକୁ ଯାଉଛୁ। ପାକିସ୍ତାନ ସରକାର ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଆମକୁ ଯାହା ନିର୍ଦ୍ଦେଶ ଦେବେ ଆମେ ତାହାକୁ ପାଳନ କରିବୁ।

## ସ୍କ୍ୱାସ୍ ଅନ୍ ଫାୟାର ଓପନ୍ ଜିତିଲେ ଅନାହତ

ୱାଶିଂଟନ: ଭାରତର ଅନାହତ ସିଂ ୱାଶିଂଟନରେ ଅନୁଷ୍ଠିତ ସ୍କ୍ୱାସ୍ ଅନ୍ ଫାୟାର ଓପନ୍ ପ୍ରତିଯୋଗିତା ବିଜୟୀ ହୋଇଛନ୍ତି। ଏହା ସହିତ ସେ ନିଜ କ୍ୟାରିୟରର ପ୍ରଥମ ପିଏସଏ ବ୍ରୋଞ୍ଜ୍-ସ୍ତରୀୟ ଟାଇଟେଲ୍ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଲଳନା ବିଶ୍ୱର ୧୦ ନମ୍ବର ଖେଳାଳି ତଥା ପ୍ରତିଯୋଗିତାର ଶୀର୍ଷ ମାନ୍ୟତାପ୍ରାପ୍ତ ଜର୍ଜିନା କେନେଡିଙ୍କୁ ୧୨-୧୦,୧୧-୫,୧୧-୭ ସେଟରେ ହରାଇ ଚାମ୍ପିୟନ ହୋଇଥିଲେ। ଏହା ଅନାହତଙ୍କ କ୍ୟାରିୟରର ୧୫ତମ ପିଏସଏ ଟୁର ଟାଇଟଲ ହୋଇଥିବାବେଳେ ଏହାକୁ ସବୁଠାରୁ ବଡ଼ ଟାଇଟେଲ୍ ବୋଲି କୁହାଯାଉଛି। ମୁକାବିଲାର ପ୍ରଥମ ସେଟରେ ଅନାହତ ୮-୧୦ରେ ପଛୁଆ ଥିଲେ ବି ଲଢୁଆ ଖେଳ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ ଓ ତାହାକୁ ୧୨-୧୦ରେ ଜିତିନେଇଥିଲେ। ପରବର୍ତ୍ତି ଦୁଇଟି ସେଟକୁ ସେ ଅଧିକ ନିୟନ୍ତ୍ରଣର ସହ ଖେଳ ପ୍ରଦର୍ଶନ କରି ୧୧-୫ ଓ ୧୧-୭ରେ ଜିତିନେଇଥିଲେ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଇଂଲଣ୍ଡର ମହମ୍ମଦ ଏଲସରବର୍ଗି ବିଜୟୀ ହୋଇଛନ୍ତି। ସେ ନିଜ ଦେଶର ଡେକ୍ଲାନ ଜେମ୍ସଙ୍କୁ ୧୧-୪,୧୧-୬ ଓ ୧୧-୮ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପେସାଦାର ସ୍କ୍ୱାସ୍ ଆସୋସିଏସନ (ପିଏସଏ) ଅନୁମୋଦିତ ଅନ୍ତର୍ଜାତୀୟ ସ୍କ୍ୱାସ୍ ପ୍ରତିଯେଗିତାଗୁଡ଼ିକୁ ପ୍ଲାଟିନମ୍, ଗୋଲଡ୍, ସିଲଭର୍ ଓ ବ୍ରୋଞ୍ଜ ମାନ୍ୟତା ଅନୁସାରେ ବିଭକ୍ତ କରାଯାଇଥାଏ। ବ୍ରୋଞ୍ଜ ପ୍ରତିଯୋଗିତାଗୁଡ଼ିକରେ ଅନ୍ୟ ମାନ୍ୟତାପ୍ରାପ୍ତ ପ୍ରତିଯୋଗିତା ତୁଳନାରେ କମ ପୁରସ୍କାର ରାଶି ମିଳୁଥିଲେ ବି ମାନ୍ୟତା ଅଙ୍କ ମିଳିଥାଏ। ଏହି ବିଜୟ ପରେ ଅନାହତଙ୍କ ମାନ୍ୟତାରେ ଉନ୍ନ ଆସିବାର ସମ୍ଭାବନା ରହିଛି।

## ସାକ୍ୟ ପ୍ରତୀକ ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିଅନ

ଆଗରପଡ଼ା, ୨।୨(ସବ୍ୟୁ) : ଭଦ୍ରକ ବଙ୍କସାହି ଯୁବକ ସଂଘ ତରଫରୁ ଜିଲ୍ଲା ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ବିଜୟ ମେମୋରିଆଲ୍ସ ସିଙ୍ଗଲ୍ସ ବ୍ୟଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଆଗରପଡ଼ା ଇଲେଭେନ ଷ୍ଟାର କ୍ଲବର ସାକ୍ୟ ପ୍ରତୀକ ଜିଲ୍ଲା ଚମ୍ପିୟାନ ହୋଇଛନ୍ତି। ୧୩ ବର୍ଷରୁ କମ ସବଜୁନିୟରସ୍ତରୀୟ ଏହି ଫାଇନାଲ ମ୍ୟାଚ ଭଦ୍ରକର ସ୍ନେହାଶିଷ ଦାସ ଓ ଆଗରପଡ଼ାର ସାକ୍ୟ ପ୍ରତୀକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି ସାକଯ ପ୍ରତୀକ ଅପର ପକ୍ଷକୁ ସର୍ଭିସ ପାଇଁ ଆମନ୍ତ୍ରଣ କରିଥିଲେ। ୧ସେଟ ବିଶିଷ୍ଟ ଏହି ମ୍ୟାଚରେ ସାକ୍ୟ ପ୍ରତୀକ ୧୫/୧୧ରେ ସ୍ନେହାଶିଷକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ରାଜଯ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସ୍ୱରଜ ଯୋଗ ଦେଇ ଚାମ୍ପିଅନ ଓ ରନର୍ସ ଅଫ ଖେଳାଳୀଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ତାଙ୍କର ଏହି ବିଜୟରେ ଇଲେଭେନ୍ ଷ୍ଟାର କ୍ଲବର ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଆଗରପଡ଼ା ଟିକିରା ଗ୍ରାମର ମନୋଜ ବେହେରା ଓ ସ୍ୱପ୍ନା ସୋନାଲିକାଙ୍କ ପୁତ୍ର ଅଟନ୍ତି। ବର୍ତ୍ତମାନ ସେ ଆଗରପଡା କୃଷ୍ଣଚରଣ ବିଦ୍ୟାମନ୍ଦିର ସପ୍ତମ ଶ୍ରେଣୀର ଅଧ୍ୟୟନରତ।

## ତ୍ରିଶକ୍ତି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ :ପଶ୍ଚିମବଙ୍ଗର ସୁହାନି ଚାମ୍ପିଅନ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବକୁ ଅତି ଚମତ୍କାର ଭାବେ ପାଳିଛି ତ୍ରିଶକ୍ତି କ୍ଲବ । ଅତିଥି ଭାବେ ସୋସିଆଲ ମିଡ଼ିଆ ସେନସେସନ ଲବ ହାଁସଦା ଓ ଓଡ଼ିଆ ଚଳଚିତ୍ର ଜଗତର କମେଡିଆନ ହରି ମହାପାତ୍ରଙ୍କ ଯୋଗଦାନ ପାଇଁ ଉତ୍ସବର ଗୁରୁତ୍ୱ ବେଶ ବଢିଯାଇଥିଲା । ହଜାର ହଜାର ଦର୍ଶକ ଉଭୟ ଖେଳ ଉପଭୋଗ କରିବା ସହିତ ପ୍ରିୟ କଳାକାରଙ୍କୁ ଶୁଣିଥିଲେ । ତ୍ରିଶକ୍ତି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିବର୍ଷ ପରି ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଆରମ୍ଭ କରିଥିଲା । ଏଥିରେ ପଶ୍ଚିମବଙ୍ଗ, ରାଜସ୍ଥାନ ଭଳି ରାଜ୍ୟର ଟିମ ଭାଗ ନେଇଥିଲେ । ସମୁଦାୟ ୧୬ ଟି ଟିମ ମାଧଟାରେ ମୁକାବିଲା ହୋଇଥିଲା । ଫାଇନାଲ ମ୍ୟାଚ ସୁହାନି । ଓ ପିପିଲି( ପୁରୀ )ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ଏନସିଟି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୬ ଓଭର ରେ ୬୫ ରନ କରିଥିଲା । ଜବାବରେ ସୁହାନି୬୮ ରନ କରି ବିଜୟୀ ଘୋଷିତ ହୋଇଥିଲା । ସୁହାନି ଚମ୍ପିଆନ ଭାବରେ କପ ସହ ପ୍ରଥମ ପୁରସ୍କାର ଭାବେ ୭୦ ହଜାର ଟଙ୍କା ଓ ରନର୍ସ ଅପ ଦଳ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲେ । । ମାଣିକଚାନ୍ଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସଭାପତି ମାନସ ରଞ୍ଜନ ମହାନ୍ତଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଏବଂ ଶାନ୍ତି ଶୃଙ୍ଖଳାର ସହ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଥିବାରୁ ସମ୍ପାଦକ ଚିନ୍ମୟ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ସରପଞ୍ଚ ବିକ୍ରମ ପିଙ୍ଗୁଆ, ସମାଜସେବା ବସନ୍ତ କୁମାର ପଇବର୍ତ୍ତୀ,ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

## ଚତୁର୍ଥ ବାର୍ଷିକ ମା ଭଗବତୀ ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଦମ୍ ଦମ୍ କଲିକତା ଚାମ୍ପିଅନ

ନିରାକାରପୁର, ୨।୨(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡିଆରେ ଛଣଗିରି ପଂଚାୟତ ଆଞ୍ଚଳିକ ଆଥଲେଟିକ ଆସୋସିଏସନ ଆନୁକୁଲ୍ୟରେ ମା ଭଗବତୀ ଚତୁର୍ଥ ବାର୍ଷିକ ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ରେ ରବିନ୍ଦ୍ର ଫୁଟବଲ ଏକାଡେମୀ ଦମ ଦମ କଲିକତା ବନାମ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଖେଳର ପ୍ରଥମାର୍ଦ୍ଧରେ ଦମ ଦମ କଲିକତା ଆଫ୍ରିକା ଉପରେ ୧ ଗୋଲ ଦେବାରେ ସମର୍ଥ ହୋଇଥିଲା। ଦିତୀୟାର୍ଦ୍ଧ ଖେଳରେ ଦମ ଦମ କଲିକତା ଆଫ୍ରିକା ଉପରେ ଆଉ ଦୁଇଟି ଗୋଲ ଦେଇ ୩-୦ରେ ଚଳିତ ବର୍ଷ ପାଇଁ ଚମ୍ପିୟାନ ହୋଇଥିଲା। କଲିକତା ଦଳର ଖେଳାଳି ରୋଶନ ମୁଖାର୍ଜୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଆଫ ସିରିଜି ଆଫ୍ରିକା ଦଳର ଗାନ୍ଧୀ ବିବେଚିତ ହୋଇଥିଲେ। ଆଜିର ଖେଳକୁ ମହମ୍ମଦ ସକିର, ଶେଖ ମୁକିମ ଓ ମଦନ ବାରିକ



ପ୍ରମୁଖ ପରିଚାଳନା କରିଥିଲେ । ଆଜିର ଖେଳରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ , ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ପରିବେଶବିତ ଡ. ଦିଲୀପ ଶ୍ରୀଚନ୍ଦନ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସରପଞ୍ଚ ପ୍ରଭାତ କୁମାର ଦାସ, ବିରେଶ ରାଜଗୁରୁ, ଛଣଗିରି ଗ୍ରାମପଞ୍ଚାୟତ ସମିତି ସଭ୍ୟା ସୁମିତ୍ରା ବରିଷଲ, ଯୁବ ନେତା ଭବାନୀ ଶଙ୍କର ବରିଷଲ ଶିକ୍ଷାବି କାଳନ୍ଦୀ ଚରଣ ନାୟକ, ଶିକ୍ଷାବିତ ପ୍ରମୋଦ କୁମାର ବୈରିଗଞ୍ଜନ, ଉପଦେଷ୍ଟା ନବକିଶୋର ପ୍ରଧାନ, ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ,ସଂମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ , ଉପ ସଭାପତି ସେକ ସେରଲି,କୋଷାଧକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମ୍ୟାନେଜର ଶୁଶାନ୍ତ କୁମାର ପରିଡା, ଉପଦେଷ୍ଟା ଜନ ମହାନ୍ତି, ପ୍ରମୋଦ ବୈରିଗଂଜନ, ଲଳିତ ପଟ୍ଟନାୟକ, ସେକ ହମିଦ ରଜାକ ଖାନ, ଯୁଧିଷ୍ଠିର ବଳିୟାରସିଂହ, ଅଲେଖଚନ୍ଦ୍ର ଭୋଇ, ଭାରତ ଭୂଷଣ ସ୍ୱାଇଁ, ଭରତ ବେହେରା, ଅଜୟ ପ୍ରଧାନ, ପ୍ରଭାକର ସାହୁ, କାମଦେବପରିଡା, ଶ୍ରୀନିବାସ ଚମ୍ପତିରାୟ ,ପ୍ରତାପ ସାଇଁ , ଶରତ ପ୍ରଧାନ , ନିବାସ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ମଞ୍ଜୁରୀରୋଡ ଶକୁନ୍ତଳା ଲେଙ୍କା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଯାଜପୁର ଇଞ୍ଜିନପୁର

ଭଣ୍ଡାରିପୋଖରୀ,(ସବ୍ୟୁ):ମଞ୍ଜୁରୀରୋଡ ମହାବୀରଯୁଥ କ୍ଲବ ଆନୁକୂଲ୍ୟରେ ମେଡିକାଲ ପଡିଆରେ ଅନୁଷ୍ଠିତ ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଯାଜପୁର ଇଞ୍ଜିନପୁର ଓ କଟକ ୧୧ ଏକାଦଶ ପରସ୍ପରକୁ ମୁକାବିଲା କରିଥିଲେ । କଟକ ୧୧ ଏକାଦଶ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ ପିଷ୍ପତ୍ତି ନେଇଥିଲେ । ଏହି ଦଳ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ ରନ ସ୍କୋର କରିଥିଲା । । ଜବାବରେ ଯାଜପୁର ଇଞ୍ଜିନପୁର ଦଳ ୧୬. ୩ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକୀୟ ୧୨୩ ହାସଲ କରି ବିଜୟୀ ହୋଇଥିଲା । ପ୍ରକାଶ ବାରିକ ମଯାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । 1 ୩ ତାରିଖରେ ଯାଜପୁର ୧୧ ଷ୍ଟାର ଓ ଭୁବନେଶ୍ୱର ଫୁ଼ଯଚର କ୍ଲବ ମଧ୍ୟରେ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

## ଜାତୀୟ ନନ୍ଚାକୁରେ ଓଡ଼ିଶା ୪୮ ପଦକ ସହ ତୃତୀୟ ସ୍ଥାନରେ

ଭୁବନେଶ୍ୱର, ୨।୨ (ସବ୍ୟୁ) : ନନଚାକୁ ଆସୋସିଏସନ୍ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଉତ୍ତର ପ୍ରଦେଶର କାନପୁର ଠାରେ ୪ର୍ଥ ଜାତୀୟ ନନଚାକୁ ପ୍ରତିଯୋଗିତା ଜାନୁଆରୀ ୩୦ ଠାରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ପ୍ରବନ୍ଧକ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଂଶ ଗ୍ରହଣ କରି ୧୨ ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୨୪ଟି କାଂସ୍ୟ ପଦକ ପାଇଛନ୍ତି । ରେଫରି ପରୀକ୍ଷାରେ ଦୀପକ କୁମାର ସାମନ୍ତରା ଓ ସପନ କୁମାର ମିଶ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋଚ୍ ପରୀକ୍ଷାରେ ସୁବାସ ଚନ୍ଦ୍ର ଦଳାଇ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ୍ ମଲ୍ଲିକ ଓ ଆୟୁଷ ପ୍ରସାଦ ରଥ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏସୀୟ ନ ନ ଚାକୁ ପ୍ରତିଯୋଗିତାରେ ପ୍ରଥମ ଥର ଓଡ଼ିଶାରୁ ଭାଗ ନେଇଥିବା ୫ ଜଣ ପ୍ରତିଯୋଗୀ ମୁକୁନ୍ଦ ବର୍ଦ୍ଧନ , କ୍ରିଷ୍ଣା ଶିକାରୀ, ସା ନ ଭି ମିଶ୍ର , ଶୁଭମ୍ ଦଳାଇ ଓ ପ୍ରଜ୍ଞା ବର୍ଦ୍ଧନ ଙ୍କୁ ଟ୍ରାକ ସୁଟ୍ ଦେଇ ସମ୍ବର୍ଦ୍ଧିତ କରିଥିଲେଛଓଡ଼ିଶା ନନଚାକୁ ସଂଘ ତରଫରୁ ଜାତୀୟ ନନଚାକୁ ସଂଘର ଚେୟାରମେନ, ଅଧକ୍ଷ,ସମ୍ପାଦକ, ଟେକ୍ନିକାଲ ଡାଇରେକଟର ଓ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଜାତୀୟ ନନଚାକୁ ସଂଘର ସମ୍ପାଦକ




ବାବୁଲ ବର୍ମା ପ୍ରତିଯୋଗୀ ମାନଙ୍କୁ ପଦକ ବିତରଣ କରିବା ସହ ଅଫିସିଆଲ୍ ମାନଙ୍କୁ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସ୍ୱର୍ଣ୍ଣ ପଦକ ପାଇଥିବା ବିଜେତା ମାନେ ହେଲେ ମୁକୁନ୍ଦ ବର୍ଦ୍ଧନ (୨), କ୍ରିଷ୍ଣା ଶିକାରୀ (୨), ସାନଭି ମିଶ୍ର (୨), ପ୍ରଜ୍ଞା ବର୍ଦ୍ଧନ ଗୋପାଳ ଚନ୍ଦ୍ର କହଁର,ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ଖିତିସ କୁମାର ଯାଦବ, ରୌପ୍ୟ ପଦକ ବିଜେତା ମାନେ ହେଲେ ଗୋପାଳ ଚନ୍ଦ୍ର କହଁର (୨), ମନୁଶ୍ରୀ ବରାଳ (୨), ପ୍ରଜ୍ଞା ବର୍ଦ୍ଧନ,ମୁକୁନ୍ଦ ବର୍ଦ୍ଧନ, ଆୟୁଷ ପ୍ରସାଦ ରଥ,ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭର୍ଥାନ ବରାଳ, ଖିତିସ୍ କୁମାର ଯାଦବ ଓ ହରିହର ମହାପାତ୍ର, କାଂସ୍ୟ ପଦକ ବିଜେତା ମାନେ ହେଲେ ବାଇଲୋଚନ ମଲ୍ଲିକ(୩), ରଞ୍ଜନ କୁମାର ପୃଷ୍ଟି (୩), ଓମ୍ ସାଇ ପ୍ରସାଦ (୩), ଆରାଧନା ନାୟକ (୩), ପ୍ରିୟଂଶୁ ଶେଖର (୨), ପ୍ରଜ୍ଞା ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ଆୟୁଷ୍ମାନ ପୃଷ୍ଟି, ଆୟୁଷ ପ୍ରସାଦ ରଥ, ସାନଭି ମିଶ୍ର, ଶୁଭମ୍ ଦଳାଇ, ମନୁଶ୍ରୀ ବରାଳ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ହରିହର ମହାପାତ୍ରଛ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, କରାଟେ ସ୍କୁଲର ବରିଷ୍ଠ ପ୍ରଶିକ୍ଷକ ମାନେ ଓ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ବଲାଙ୍ଗୀରକୁ ହରାଇ କୁଚିଣ୍ଡା ସେମିରେ

ଆଠମଲ୍ଲିକ, ୨।୨(ସବ୍ୟୁ) : ଆଠମଲ୍ଲିକ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦ୍ଘାଟନୀ ମ୍ୟାଚ କୁଚିଣ୍ଡା ଏବଂ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କୁଚିଣ୍ଡାର ଖେଳାଳି ଏକ ଗୋଲ ଦେଇ ଦଳକୁ ୧ ୦ ଗୋଲରେ ଅଗ୍ରଣୀ ରଖିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ବଲାଙ୍ଗୀରର ଏକ ଖେଳାଳି ଗୋଲ ଟିକୁ ପରିଶୋଧ କରିଥିଲେ। ପୁନଃ ଖେଳର ଶେଷ ପର୍ଯ୍ୟାୟରେ କୁଚିଣ୍ଡା ଖେଳାଳି ଆଉ ଏକ ଗୋଲ ଦେଇ ଦଳକୁ ୨ ୧ ରେ ଦଳକୁ ଅଗ୍ରଣୀ ରଖିଥିଲେ। ମୁଖ୍ୟ ରେଫରୀ ଭାବେ ଦିଲ୍ଲୀପ କୁମାର ରାଉତ, ଲାଇନ୍ସ ମ୍ୟାନ ଭାବରେ ସଲିଲ ବେହେରା, ସୁଜିତ ରାଜହଂସ ଏବଂ ଚତୁର୍ଥ ରେଫରୀ ଭାବେ ସୁଶୀଲ ବେହେରା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଶିକ୍ଷକ ପ୍ରଦୀପ କୁମାର ବାହୁକ। ଏହି ମ୍ୟାଚ ଅବସରରେ ମୁଖ୍ୟ ଅତିଥି ଭାବରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଏସ ଡ଼ି ପି ଓ ସୁଶାନ୍ତ କୁମାର ତାଉଡ଼ିଆ,ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ,ଯୁବ ନେତା ପ୍ରକାଶ ଡାଙ୍ଗ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ଏନ ଏ ସି ପ୍ରତିନିଧି ସନ୍ତୋଷ କୁମାର ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ପ୍ରମୁଖ ଯୋଗ ଦେଇ ଉଭୟ ଦଳ ର ଖେଳାଳି ମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ଆଠମଲ୍ଲିକ କ୍ରୀଡ଼ା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ଣ୍ଣାମେଣ୍ଟର ସମ୍ପାଦକ ସନ୍ତୋଷ ହୋତା, ଉପସଭାପତି ପୀତବାସ ସାହୁ, ସୁନିଲ ସାହୁ, ସଦସ୍ୟ ଅନ୍ତର୍ଯ୍ୟାମୀ ନାଏକ, ସିଲୁ ପ୍ରଧାନ,ପ୍ରାଣନାଥ ପଟ୍ଟନାୟକ, ନନ୍ଦ କିଶୋର ତ୍ରିପାଠୀ, ଗୁପ୍ତେଶ୍ୱର ଘିବାଲା, ଦୀପକ ବାରିକ ଛବିଳ ବେହେରା, କୈଳାଶ ବେହେରା, ଅର୍ଜୁନ ନାଏକ,ଆକାଶ କୁମାର ଅଦାବର, ସୁଜନ ଭୁକ୍ତା, ଶୁଭମ ବେହେରା, ଶ୍ରବଣ ଭୋଇ,ସୁଧାଂଶୁ ବାରିକଙ୍କ ସମେତ କ୍ରୀଡା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। କୁଚିଣ୍ଡା ଦଳର ବିନୟ କିସାନକୁ ମ୍ୟାନ ଅପ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମଙ୍ଗଳବାର ରାଉରକେଲା ଏବଂ ଢେଙ୍କାନାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼ ସୂଚନା ଦେଇଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ସର୍ବେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ଢେଙ୍କାନାଳ ଚାମ୍ପିଅନ

ଢେଙ୍କାନାଳ , ୨।୨(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ବଣସିଂହସ୍ଥିତ ଖେଳ ପଡିଆରେ ଆୟୋଜିତ ହୋଇଥିବା ସର୍ବେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଖେଳରେ ବିଶିଷ୍ଟ ଫାଇନାନ୍ସିଆଲ୍, ଢେଙ୍କାନାଳ ଓ ଭୂବନ ଅଞ୍ଚଳର କୁନିଦା-ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଟିମ ୧୮୮ ରନ ପିଛା କରି ସହଜରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ଢେଙ୍କାନାଳ ବିଜୟୀ ହେବା ସହ ଚଳିତବର୍ଷର ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବିତରଣ ଉତ୍ସବରେ ସିଆର ରିଆ ଆଶ୍ରମର ବାବା ସଦାନନ୍ଦ ଦାସ, ସମାଜସେବୀ, ଜୟ ଜେନା, ପୂର୍ବତନ ଜିଲ୍ଲା ପରିଷଦ ମେମ୍ବରଓ ଜିଲ୍ଲାପରିଷଦ ସଭ୍ୟ ମମତା ଅଞ୍ଜଳି ବେହେରା , ଅବସରପ୍ରାପ୍ତ ଶିକ୍ଷକ ବିଜୟ ନନ୍ଦ, ଯୋଗ ଦେଇ ଚମ୍ପିଆନ ଓ ରନର୍ସ,ଟିମ୍ କୁପୁରସ୍କାର କରିଥିଲେ। ଚମ୍ପିଅନ ୩୦ହଜାର ଟଙ୍କା ଓ ରନର୍ସଅପ୍କୁ୨୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ସେମିପାଇନାଲ ଯେଉଁ ଦୁଇ ଦଳ ଥିଲେ ତାଙ୍କୁ ମଧ୍ୟ ୫୦୦୦ ହଜାର ଟଙ୍କା ଦିଆଯାଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା ପ୍ରମୁଖ ସଦସ୍ୟ ସହଯୋଗ ଓ ଅର୍ଥ ଖର୍ଚ୍ଚ କରିଥିଲେ। ଢେଙ୍କାନାଳ ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲର ଓ ପଣ୍ଡା ନର୍ସିଂହୋମ ଆନୁକୁଲ୍ୟରେ ଆୟୋଜିତ ହୋଇଥିଲା। ଏହି ଖେଳରେ ଉଭୟ ମ୍ୟାଚ ଅମ୍ପାୟାର,



ଉଦୟନାଥ ରାଉତ ଓ ଉମାକାନ୍ତ ପାଣିଗ୍ରାହୀ ,ଅମ୍ପାୟାର ହିସାବ ରେ ପରିଚାଳନା କରିଥିଲେ। ଏଥିରେ ଏସମସ୍ତ ପ୍ରକାର ଆୟୋଜନ୍କୁ ସମାଜସେବୀ ଡାକ୍ତର, ଶାନ୍ତି ଭୂଷଣ ପଣ୍ଡା ଉପସ୍ଥିତ ରହି ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଅଲ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିଅନସିପ

## ଓଡ଼ିଶାକୁ ୧୯ ପଦକ



ଭୁବନେଶ୍ୱର, ୨।୨(ସବ୍ୟୁ) : ଡେରାଡୁନରେ ଅନୁଷ୍ଠିତ ହେଉ ଥିବା ଅଲ୍ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିଅନସିପ ର ୨୪ ଜଣ ଖେଳାଳୀ ମାନେ ଅଂଶ ଗ୍ରହଣ କରିବାକୁ ସୁଯୋଗ ପାଇଥିଲେ । ଜାନୁଆରି ୨୯ ରୁ ୩୧ଯାଏ ହେଉ ଥିବା ଏହି ପ୍ରତିଯୋଗିତାରେ, ଓଡ଼ିଶା ଟିମ୍ କୋଚ୍ ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ, ଓଡ଼ିଶାରୁ ୨୪ ଜଣ ପ୍ରତିଭାବାନ ପିଲା ମାନେ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାରେରେ ଓଡ଼ିଶାର ଖେଳାଳି ମାନେ ୩ ସ୍ୱର୍ଣ୍ଣ , ୫ଟି ରୌପ୍ୟ ,୧୧ ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପା ରେଫ୍ରି ଭାବରେ ଦାୟିତ୍ୱ ନିଭାଇଥିଲେ। ପ୍ରତିଯୋଗୀ ମାନେ ଓଡିଶା ତରଫରୁ ଯୋଗ ଦେଇ ପଦକ ଜିତି ଥିବାରୁ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ, ଓଡ଼ିଶା ସ୍ପୋର୍ଟସ ଡିପାର୍ଟମେଣ୍ଟର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଜାଧବ,କ୍ରୀଡା ନିର୍ଦ୍ଦେଶକ ଡକଟର ୟେଦୁଲା ବିଜୟ,ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଏସଡି ଧୀରୋଜ କୁମାର ପଟ୍ଟନାୟକ ସମେତ ଯୁବ ସମାଜସେବୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସଂପାଦକ ଜୀତେନ୍ଦ୍ର କୁମାର ରାଉତ ଓ ପେଞ୍ଚକ ସିଲାଟ ଆସୋସିଏସନ ଓଡିଶା ର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା , ବ୍ୟକ୍ତିଗତ ଉପଦେଷ୍ଟା ଶ୍ରୀମତୀ ସୁମନ ମୋଦି ,ଭବାନୀ କୁମାରୀ ସାହୁ ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଶୁଭକାମନା ଜଣାଇଛନ୍ତି।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି